ଆଇସିସି ଟି୨୦ ର୍ୟାଙ୍କିଂ : ଶୀର୍ଷ ୪ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ୩ ଭାରତୀୟ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୫୬ ● ୧୫ ଅକ୍ଟୋବର ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-256 ● 15th October 2026, Thursday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ୪୬ ମଧ୍ୟମ ଓ ବୃହତ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ

# ଓଡ଼ିଶା ହେବ ଦେଶର ଶ୍ରେଷ୍ଠ ମାନୁଫାକ୍‌ଚରିଂ ହବ୍

ଭୁବନେଶ୍ୱର,୧୪।୧୦

ନ୍ୟୁଜ୍‌ବ୍ୟୁରୋ

ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟା ଆହୁରି ଗତିଶୀଳ କରି ବୁଧବାର ଯାଜପୁର ଜିଲ୍ଲା କଳିଙ୍ଗନଗର ଠାରେ ଏକ ବୃହତ୍ ଶିଳ୍ପ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ୧୪ଟି ଜିଲ୍ଲାରେ ୩୯,୩୮୩ କୋଟି ଟଙ୍କାର ପୁଞ୍ଜି ନିବେଶରେ ୪୬ଟି ମଧ୍ୟମ ଓ ବୃହତ୍ ଶିଳ୍ପ ପ୍ରକଳ୍ପର ଭୂମିପୂଜନ ଏବଂ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ୪୨,୫୧୨ଟି ନିଯୁକ୍ତି ସୃଷ୍ଟି ହୋଇଛି।

ଏହି ପଦକ୍ଷେପ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ଯୁବବର୍ଗଙ୍କ ପାଇଁ ବ୍ୟାପକ ରୋଜଗାରର ସୁଯୋଗ ସୃଷ୍ଟି କରିବ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଏହି ଶୁଭ ଦିନରେ ସମଗ୍ର ଓଡ଼ିଶାରେ ଯେଉଁ ଶିଳ୍ପ ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ ହେଉଛି, ତାହା ରାଜ୍ୟର ଦ୍ୱିତୀୟ ଶିଳ୍ପ ବିପ୍ଳବର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଆମ ସରକାର ଆସିବା ପୂର୍ବରୁ ଶିଳ୍ପ ନିବେଶ କେବଳ ଏକ ସ୍ଲୋଗାନ ଏବଂ ପ୍ରଚାର ପ୍ରସାରର ମାଧ୍ୟମ ହୋଇ ରହିଥିଲା।




କିନ୍ତୁ ଆମେ ପ୍ରତିଟି ବୁଝାମଣାପତ୍ରକୁ ବାସ୍ତବ ରୂପ ଦେଇ ଫାକ୍ଟ୍ରି ନିର୍ମାଣ କରି ଉତ୍ପାଦନ ଆରମ୍ଭ କରିଛୁ ଏବଂ ଆମର ଓଡ଼ିଆ ପୁଅ-ଝିଅମାନଙ୍କୁ ନିଯୁକ୍ତି ଦେବାରେ ସମର୍ଥ ହୋଇଛୁ।

ସେ ଆହୁରି ମଧ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ପରିକଳ୍ପନାର କେନ୍ଦ୍ରରେ ରହିଛି ଓଡ଼ିଶା। ଆଗାମୀ ଦଶ ବର୍ଷ ଭିତରେ ରାଜ୍ୟର ଅର୍ଥନୀତିକୁ ୫୦୦ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚାଇବା ପାଇଁ ଆମେ 'ସମୃଦ୍ଧ ଓଡ଼ିଶା' ଗଠନର ଲକ୍ଷ୍ୟ ରଖିଛୁ। ନୀତି ଆୟୋଗର ସୂଚକାଙ୍କ ଅନୁସାରେ ଓଡ଼ିଶା ବର୍ତ୍ତମାନ ଦେଶରେ ପୁଞ୍ଜି ଆକର୍ଷଣ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ଆମ ସରକାରଙ୍କ ଉପରେ ଶିଳ୍ପ ଜଗତର ଦୃଢ଼ ଆସ୍ଥାର ପ୍ରମାଣ ଦେଉଛି।

ଉଲ୍ଲେଖଯୋଗ୍ୟ ଯେ, ଯାଜପୁରର କଳିଙ୍ଗନଗର ଅଞ୍ଚଳ ବୁଧବାର ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାର ପ୍ରମୁଖ କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ସମାରୋହରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଗ୍ରୁପ୍‌ର କାର୍ବନ୍ ଷ୍ଟିଲ୍ ଏବଂ ଷ୍ଟେନଲେସ୍ ଷ୍ଟିଲ୍ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ନୂତନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ସେହିପରି ଟାଟା ଷ୍ଟିଲ୍‌ର ନୂତନ ଡାଉନଷ୍ଟ୍ରିମ୍ ସୁବିଧା, ସ୍ଲରୀ ପାଇପ୍ ଲାଇନ୍, ଗ୍ରାଇଣ୍ଡିଂ ଏବଂ ଫିଲ୍ଟରେସନ୍ ୟୁନିଟ୍ ଆଦି ପ୍ରକଳ୍ପ ରାଜ୍ୟରେ ହାଇ-ଭାଲ୍ୟୁ ଷ୍ଟିଲ୍ ଉତ୍ପାଦନକୁ ଆହୁରି ମଜବୁତ କରିବ। ଏହାସହିତ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଅଲୋୟେଜ୍ ଲିମିଟେଡ୍, ଜଟିଆ ଷ୍ଟିଲ୍ ଲିମିଟେଡ୍, ବିକେ ଉତ୍କଳ ଷ୍ଟିଲ୍ ଏବଂ ଏମ୍. କେ. ଷ୍ଟିଲ୍ ଭଳି ପ୍ରତିଷ୍ଠିତ କମ୍ପାନୀଗୁଡ଼ିକର ପ୍ରକଳ୍ପଗୁଡ଼ିକ ଏହି କ୍ଷେତ୍ରର ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବ ବୋଲି ଜଣାପଡ଼ିଛି।

ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଶିଳ୍ପ କେବଳ କିଛି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମିତ ନ ରହି ରାଜ୍ୟର ପ୍ରାୟ ସବୁ (ପୃଷ୍ଠା ୭ରେ)

# ଗଙ୍ଗାରେ ବୁଡ଼ିଗଲା ଡଙ୍ଗା : ୧୩ ମୃତ

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୋକ

ପାଟନା/ବୈଶାଳୀ,୧୪।୧୦

ବିହାରର ବୈଶାଳୀ ଜିଲ୍ଲାର ରଘୋପୁରଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଗଙ୍ଗା ନଦୀରେ ଏକ ଡଙ୍ଗା ଓଲଟି ପଡ଼ିବାରୁ ୧୩ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରୁ ୭ ଜଣ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ବୈଶାଳୀ ଜିଲ୍ଲାପାଳ ବର୍ଷା ସିଂହ ଏହି ଘଟଣା ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ମୃତକମାନଙ୍କ ମଧ୍ୟରେ ୧୫ ବର୍ଷରୁ କମ୍ ବୟସର ସମସ୍ତ ଶିଶୁ ଅଛନ୍ତି। ଡଙ୍ଗାରେ ମୋଟ ୨୦ ଜଣ ଥିବାବେଳେ ୭ ଜଣଙ୍କୁ ଉଦ୍ଧାର କରାଯାଇଛି।

ବୈଶାଳୀ ଜିଲ୍ଲାପାଳ କହିଛନ୍ତି ଯେ, ଏପର୍ଯ୍ୟନ୍ତ ୧୩ଟି ମୃତଦେହ ଉଦ୍ଧାର କରାଯାଇଛି। ରାତିରେ ଏକ ସୂଚନା ମିଳିଥିଲା ଯେ, ୨୦ ଜଣ ଶିଶୁ ଏକ ଛୋଟ ଡଙ୍ଗାରେ ପଡ଼ୋଶୀ ଗାଁକୁ ଭୋଜି ଖାଇବାକୁ ଯାଉଥିଲେ। ଏହି ସମୟରେ ଡଙ୍ଗାଟି ଓଲଟି ପଡ଼ିବାରୁ ୧୩ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି। ଘଟଣାରେ ୭ ଜଣଙ୍କୁ ଉଦ୍ଧାର କରାଯାଇଛି। ସମସ୍ତଙ୍କୁ ଏନ୍‌ଏମସିଏଚ୍ ପଠାଯାଇଛି ଏବଂ ସେମାନେ ବିପଦମୁକ୍ତ ଅଛନ୍ତି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ରଘୋପୁର ଥାନା ଅନ୍ତର୍ଗତ ରାମପୁର ଶ୍ୟାମଚନ୍ଦ ଗାଁ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଗଙ୍ଗା ନଦୀରେ ଏକ ଡଙ୍ଗା ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।



ଡଙ୍ଗାରେ ୨୦ ଜଣ ପିଲା ଥିଲେ। ନଦୀର ମଧ୍ୟଭାଗରେ ହଠାତ୍ ଡଙ୍ଗାଟି ଓଲଟି ପଡ଼ିବାରୁ ଆତଙ୍କ ଖେଳିଯାଇଥିଲା। ଦେଖୁ ଦେଖୁ ପିଲାମାନେ ଗଭୀର ପାଣିରେ ପଡ଼ିବାକୁ ଲାଗିଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚିତ୍କାର ଓ କାନ୍ଦବୋବାଳି ଶୁଣିବାକୁ ମିଳିଥିଲା। ଖବର ପାଇ ଆଖପାଖ ଗାଁର ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ନିଜ ଉଦ୍ୟମରେ ପିଲାଙ୍କୁ ଉଦ୍ଧାର କରିବା ଆରମ୍ଭ କରିଥିଲେ।

ବିହାରର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ମଧ୍ୟ ଏହି ଡଙ୍ଗା ଦୁର୍ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, "ବୈଶାଳୀର ରଘୋପୁରଠାରେ ଡଙ୍ଗା ଦୁର୍ଘଟଣାରେ ନିରୀହ ଶିଶୁମାନଙ୍କ ମୃତ୍ୟୁ ଖବର ଅତ୍ୟନ୍ତ ଦୁଃଖଦ ଓ ହୃଦୟବିଦାରକ। ରାଜ୍ୟ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରାଯିବ। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଆହତଙ୍କ ଉତ୍ତମ ଚିକିତ୍ସା ସୁନିଶ୍ଚିତ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।"

'ବିହାରର ବୈଶାଳୀ ଜିଲ୍ଲାରେ ଘଟିଥିବା ଡଙ୍ଗା ଦୁର୍ଘଟଣାରେ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ବ୍ୟକ୍ତ କରିଛନ୍ତି। ଶୋକସନ୍ତପ୍ତ ପରିବାର ପ୍ରତି ସେମାନେ ଗଭୀର ସମବେଦନା ଜଣାଇଛନ୍ତି।

## ଆଜିର ମୁଖ୍ୟ ଖବର

- ମଣିପୁରରେ ୩ ଉଗ୍ରବାଦୀ, ଜଣେ ନିଶାଦ୍ରବ୍ୟ ଚୋରା ଚାଲାଣକାରୀ ଗିରଫ।
- ପରବିନ୍ଦର ସିଂ ଝୋଟାଙ୍କ ହତ୍ୟା ବିରୋଧରେ ପଞ୍ଜାବର ୩୬ଟି ସ୍ଥାନରେ ବିଜେପିର ବିକ୍ଷୋଭ ପ୍ରଦର୍ଶନ।
- ପାକିସ୍ତାନର ବଡ଼ ପ୍ରତିରକ୍ଷା ପରୀକ୍ଷଣ, ଫତେହ-୨ କ୍ଷେପଣାସ୍ତ୍ରର ବର୍ଦ୍ଧିତ ଦୂରଗାମୀ ସଂସ୍କରଣର ସଫଳ ପରୀକ୍ଷଣ।
- ୫ ଦିନିଆ ନ୍ୟାୟିକ ହେପାଜତକୁ ପଲେ ସିଜେପି ନେତା ସୌରଭ ଦାସ ଓ ଆଶୁତୋଷ ରାଙ୍କା।
- ୟେମେନରେ ସାଉଦି ଆରବର ବଡ଼ ଆକ୍ରମଣ, ହୁଥି ବିଦ୍ରୋହୀଙ୍କ ଇନ୍ଧନ ଡିପୋକୁ ଟାର୍ଗେଟ।
- ଗ୍ରୀସ୍ ସରକାରକୁ ଭାଙ୍ଗିବାକୁ ଧମକ ଦେବା ଅଭିଯୋଗ, ରାଷ୍ଟ୍ରଦୂତ କିମ୍ବର୍ଲି ଗିଲଫଏଲ୍‌ଙ୍କୁ ହଟାଇଲେ ଟ୍ରମ୍ପ।
- ଦିଲ୍ଲୀ ଆସିବେନି ଆମେରିକା ବୈଦେଶିକ ମନ୍ତ୍ରୀ, ଆଗାମୀ ସପ୍ତାହରେ ଗସ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରିତ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୯୨୯ (-୩୯)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୬୮୫ (-୩୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୧୯୭ (-୨୯)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୫ (-୫)

## ବିଜେଡିର ଜନସମ୍ପର୍କ ପଦଯାତ୍ରା

# ଡବଲ ଇଞ୍ଜିନ ସରକାରରେ ଚାଷୀ, ମହିଳା, ସମସ୍ତେ ହଇରାଣ

ଭୁବନେଶ୍ୱର,୧୪।୧୦

ନ୍ୟୁଜ୍‌ବ୍ୟୁରୋ

ବିଜେଡି ସରକାରରେ ଓଡ଼ିଶାର ବିକାଶ ଥିଲା ମୁଖ୍ୟ ଏଜେଣ୍ଡା। କିନ୍ତୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ପାଇଁ ତାଙ୍କ ଦଳର ବିକାଶ ମୁଖ୍ୟ ଏଜେଣ୍ଡା ହୋଇଛି। ବୁଧବାର ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ପ୍ରକାର କହିଛନ୍ତି। ସେ କହିଥିଲେ ଯେ ଏ ସରକାର ଅମଳରେ ସମସ୍ତେ ହଇରାଣ। ଚାଷୀ



ହଇରାଣ ମହିଳା ହଇରାଣ, ବୁଢ଼ା ବୁଢ଼ୀ ହଇରାଣ। ଗରିବ ଲୋକ ହଇରାଣ। ମଧ୍ୟବିତ୍ତ ହଇରାଣ। ଜେନ୍‌ଜିର ଭବିଷ୍ୟତ ଅନ୍ଧାର। ଅତ୍ୟାବଶକ (ପୃଷ୍ଠା ୭ରେ)

# ଯନ୍ତର ମନ୍ତରକୁ ପ୍ରତିବାଦ ସ୍ଥାନ ତାଲିକାରୁ ହଟାଇବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୧୪।୧୦

ଦିଲ୍ଲୀ ପୋଲିସର ପ୍ରତିବାଦ ସ୍ଥାନ ତାଲିକାରୁ ଯନ୍ତର ମନ୍ତରକୁ ହଟାଇବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଜଣେ ଓକିଲଙ୍କ ଆବେଦନରେ କୁହାଯାଇଛି ଯେ, ପ୍ରତିବାଦ ସ୍ଥାନକୁ ହଟାଇବା ଶାନ୍ତିପୂର୍ଣ୍ଣ ଭାବରେ ଏକତ୍ର ହୋଇ ଜବାବ ମାଗିବାର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ଏହି ସମୟରେ, ଭାରତୀୟ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁ ଚିବ୍ ଦିଲ୍ଲୀ ହାଇକୋର୍ଟରେ ଯନ୍ତର ମନ୍ତରକୁ ପ୍ରତିବାଦ ସ୍ଥାନ ତାଲିକାରୁ ହଟାଇବା ପାଇଁ ଦିଲ୍ଲୀ ପୋଲିସର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଛନ୍ତି। ସେ ଦିଲ୍ଲୀ ପୋଲିସର ନିଷ୍ପତ୍ତି ଉପରେ ସ୍ଥଗିତ ରଖିବାକୁ ଏକ ଆବେଦନ ଦାଖଲ କରିଛନ୍ତି। ୧୦ ଅକ୍ଟୋବରରେ ଦିଲ୍ଲୀ ପୋଲିସ କମିଶନର ଅନୁରାଗ କୁମାରଙ୍କ ଦ୍ୱାରା ଜାରି ସ୍ଥାୟୀ ଆଦେଶ ଅନୁଯାୟୀ, ଯନ୍ତର ମନ୍ତର ଆଉ ପ୍ରତିବାଦ ସ୍ଥାନ ରହିବ ନାହିଁ ଏବଂ ତିନୋଟି ନୂତନ ପ୍ରତିବାଦ ସ୍ଥାନକୁ ପୂର୍ବ ଦିଲ୍ଲୀରେ ମନୋନୀତ କରାଯିବ, ଯେପରି ରାମଲୀଳା ମୈଦାନ, ବୁରାରୀ ମୈଦାନ ଏବଂ ସିବିଡି ମୈଦାନ। ଦିଲ୍ଲୀ ପୋଲିସ ତାଙ୍କ ଆଦେଶରେ କହିଛି ଯେ, (ପୃଷ୍ଠା ୭ରେ)

## ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କଲା ସିବିଆଇ

ନୂଆଦିଲ୍ଲୀ,୧୪।୧୦

ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବୁଧବାର ଦିଲ୍ଲୀର ଏକ କୋର୍ଟରେ ସପ୍ଲିମେଣ୍ଟାରୀ ଚାର୍ଜସିଟ ଦାଖଲ କରିଛି। ସ୍ୱତନ୍ତ୍ର ଜଜ୍ ଅଜୟ ଗୁପ୍ତା ଏହାର ଏକ କପି ୧୪ତମ ଅଭିଯୁକ୍ତ ଶେଶ୍ରବ ବଜରଙ୍ଗ ସୂର୍ଯ୍ୟବଂଶୀ ଓରଫ ରାଜ ସୂର୍ଯ୍ୟବଂଶୀଙ୍କୁ ଯୋଗାଇ ଦେବାକୁ କାଉନସିଲକୁ କହିଥିଲେ। ଏଥିସହିତ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଗୁରୁବାରକୁ କରାଯିବ ବୋଲି କହିଛନ୍ତି। ତଦନ୍ତକାରୀ ଏଜେନ୍ସି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ,ମହାରାଷ୍ଟ୍ରର ନନ୍ଦିଦ ବାସିନ୍ଦା ସୂର୍ଯ୍ୟବଂଶୀଙ୍କୁ ସେପ୍ଟେମ୍ବର ୨ ତାରିଖରେ ଗିରଫ (ପୃଷ୍ଠା ୭ରେ)

# ଇରାନ ଉପରେ ଶୀଘ୍ର ନିଷ୍ପତ୍ତି ନେବ ଆମେରିକା

ୱାଶିଂଟନ୍,୧୪।୧୦

ଆମେରିକା ଖୁବ୍‌ଶୀଘ୍ର ଇରାନକୁ ନେଇ ଏକ ନିଷ୍ପତ୍ତି ନେବ ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ହ୍ୱାଇଟ୍ ହାଉସ୍ ବାହାରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରିବା ସମୟରେ ସେ ଇରାନର ଅର୍ଥନୀତିକୁ ଟାର୍ଗେଟ କରି ଏହାକୁ ଏକ 'ବିଫଳ ଦେଶ' ବୋଲି ଅଭିହିତ କରିଛନ୍ତି।

ଟ୍ରମ୍ପ ଦାବି କରିଛନ୍ତି ଯେ, ଇରାନର ଅର୍ଥନୀତି ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି ଏବଂ ସେଠାରେ ମୁଦ୍ରାସ୍ଫୀତି ହାର ୩୦୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଛି। ଇରାନ ପାଖରେ ଅର୍ଥ ନାହିଁ ଏବଂ ଦେଶର ସୈନିକମାନଙ୍କ ସମେତ ଅନ୍ୟ ଲୋକଙ୍କୁ ମଧ୍ୟ ଦରମା



ଦେବାରେ ଏହା ଅସମର୍ଥ ବୋଲି ସେ କହିଛନ୍ତି।

ଏପରି ଏକ ସମୟରେ ଟ୍ରମ୍ପଙ୍କ ଏହି ବୟାନ ଆସିଛି, ଯେତେବେଳେ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟଗୁଡ଼ିକରେ ଇସ୍ରାଏଲରେ ଅକ୍ଟୋବର ୨୭ରେ ହେବାକୁ ଥିବା ନିର୍ବାଚନ ଏବଂ (ପୃଷ୍ଠା ୭ରେ)

## ୭୮ ଦିନର ବୋନସ୍ ପାଇବେ ରେଳକର୍ମଚାରୀ

ନୂଆଦିଲ୍ଲୀ,୧୪।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ରେଳ କର୍ମଚାରୀଙ୍କ ଉତ୍କୃଷ୍ଟ ପ୍ରଦର୍ଶନକୁ ସ୍ୱୀକୃତି ଦେଇ ୧୧,୪୦,୭୭୦ ରେଳ କର୍ମଚାରୀଙ୍କୁ ୨୦୦୯.୬୧ କୋଟି ଟଙ୍କାର ୭୮ ଦିନର ପିଏଲବି ପ୍ରଦାନ କରିବାକୁ ଅନୁମୋଦନ କରିଛନ୍ତି। ପ୍ରତିବର୍ଷ ଦୁର୍ଗା ପୂଜା/ଦଶହରା ଛୁଟି ପୂର୍ବରୁ ଯୋଗ୍ୟ ରେଳ କର୍ମଚାରୀଙ୍କୁ ପିଏଲବି ପ୍ରଦାନ କରାଯାଇଥାଏ। ଏହି ବର୍ଷ ମଧ୍ୟ ପ୍ରାୟ ୧୧.୪୦ ଲକ୍ଷ ଅଣ-ଗେଜେଟେଡ୍ ରେଳ କର୍ମଚାରୀଙ୍କୁ ୭୮ ଦିନର ପାରିଶ୍ରମିକ ସମକକ୍ଷ ପିଏଲବି ପ୍ରଦାନ କରାଯାଉଛି। ରେଳ କର୍ମଚାରୀମାନଙ୍କୁ (ପୃଷ୍ଠା ୭ରେ)

# ସୀମାରେ ଶାନ୍ତି ନଥିଲେ ସମ୍ପର୍କ ସ୍ୱାଭାବିକ ନୁହେଁ

ନୂଆଦିଲ୍ଲୀ,୧୪।୧୦

"ସୀମାରେ ଶାନ୍ତି ନ ରହିଲେ ଚୀନ୍ ସହ ସମ୍ପର୍କ ସ୍ୱାଭାବିକ ହୋଇପାରିବ ନାହିଁ" ବୋଲି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ଦୃଢ଼ ଚେତାବନୀ ଦେଇଛନ୍ତି। ଲଦାଖର ୨୮ଟି ରଣନୈତିକ ସ୍ଥାନ ଏବଂ ଭୌଗୋଳିକ କ୍ଷେତ୍ରର ମାନକୀକୃତ ନାମକରଣ ନେଇ ଭାରତର ପଦକ୍ଷେପ ଉପରେ ଚୀନ୍‌ର ଆପତ୍ତିକୁ ନେଇ କଡ଼ା ଜବାବ ଦେଇଛନ୍ତି ବୈଦେଶିକ ମନ୍ତ୍ରୀ ଡ. ଏସ୍. ଜୟଶଙ୍କର। ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ସୀମାରେ ଶାନ୍ତି ଓ ସ୍ଥିରତା ବିନା ପଡ଼ୋଶୀ ଦେଶ ସହ ସମ୍ପର୍କ ସ୍ୱାଭାବିକ ହୋଇପାରିବ ନାହିଁ। 'ବ୍ଲୁମବର୍ଗନ୍ୟୁ



ଇକୋନୋମି ଫୋରମ୍'ରେ ଭାରତ-ଚୀନ୍ ସମ୍ପର୍କ ସମ୍ପର୍କରେ ମତ ରଖି ଜୟଶଙ୍କର କହିଛନ୍ତି, "ଆମେ ଚୀନ୍‌କୁ ସ୍ପଷ୍ଟ ଭାବେ କହୁଛୁ ଯେ ଯଦି ଆପଣ ସମ୍ପର୍କକୁ ସ୍ୱାଭାବିକ ରଖିବାକୁ ଚାହୁଁଛନ୍ତି ଏବଂ ଦ୍ୱିପାକ୍ଷିକ ସମ୍ପର୍କର ଅନ୍ୟାନ୍ୟ ଦିଗଗୁଡ଼ିକୁ ଆଗକୁ ବଢ଼ାଇବାକୁ ଚାହୁଁଛନ୍ତି, ତେବେ ଏହା ବୁଝିବା ଜଟିଳ ନୁହେଁ ଯେ ସୀମାରେ ଶାନ୍ତି ବଜାୟ ରଖିବା ଅତ୍ୟନ୍ତ ଜରୁରୀ।"

ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତ ଏବଂ ଚୀନ୍ ମଧ୍ୟରେ ସୀମାର ଏ ପର୍ଯ୍ୟନ୍ତ କୌଣସି ସହମତିଭିତ୍ତିକ ସୀମା ନିର୍ଦ୍ଧାରଣ ହୋଇନାହିଁ। ଏହା କୌଣସି ନୂଆ ପ୍ରସଙ୍ଗ ନୁହେଁ, ବରଂ ଦଶନ୍ଧି ଧରି ଚାଲିଆସୁଛି। ୧୯୭୫ରୁ ୨୦୨୦ ଦୀର୍ଘ ୪୫ ବର୍ଷର ଏହି ସମୟ ମଧ୍ୟରେ ସୀମାରେ କୌଣସି ପ୍ରକାରର ରକ୍ତପାତ କିମ୍ବା ମୃତ୍ୟୁ ଘଟି ନଥିଲା। ଏହି ସମୟ ମଧ୍ୟରେ ଭାରତ ଓ (ପୃଷ୍ଠା ୭ରେ)

## ଏକାଳ ପଖାଳ



ମଦୁଆ ଚଲାନ୍ତି ଗାଡ଼ି ଏମିତି
ନିଅନ୍ତି ସବୁରି ପ୍ରାଣ
ପୋଲିସି ସାଜଇ କାଠ କଣ୍ଢେଇ
ପ୍ରଶାସନ ମୁହେଁ ଲୁଣ
ନିଦେ ବଡ଼ ଲୋକ ଗଣ
ମଦର ବନ୍ୟା ଯିଏ କରିଛନ୍ତି
କହିବା କି ତାଙ୍କୁ ଶୁଣ !

# ବାଣୀ ବିହାରରେ ଉତ୍ତେଜନା : ପୁଲିସ ଉପସ୍ଥିତିରେ ୨ ଗୋଷ୍ଠୀ ମୁହାଁମୁହିଁ



ଭୁବନେଶ୍ୱର,୧୪।୧୦

ନ୍ୟୁଜ୍‌ବ୍ୟୁରୋ

ଛାତ୍ର ସଂସଦ ନିର୍ବାଚନ ଦିନକ ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀ ବିହାରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଦୁଇ ଛାତ୍ର ଗୋଷ୍ଠୀ ବିସିଜେଡି ଏବଂ ଏବିଭିପି ସମର୍ଥକମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଠେଲାପେଲା ଧସ୍ତାଧସ୍ତି, ଚେୟାର ଫିଙ୍ଗା ଭଳି ଘଟଣା ପୋଲିସ ଉପସ୍ଥିତିରେ ଚାଲିଥିଲା। ଡିସିପି ଶର୍ବଣା ବିବେକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରଗୋଷ୍ଠୀଙ୍କୁ ବୁଝାଶୁଝା କରିଥିଲେ। ଅବସ୍ଥା ଶାନ୍ତ ପଡ଼ିବା ପରେ 'ହ୍ୱାଇ ଆଇ ଷ୍ଟାଣ୍ଡ ଫର' ମିଟିଂ ହୋଇଥିଲା। ନିର୍ବାଚନ ଲଢୁଥିବା ଛାତ୍ର ପ୍ରତିନିଧିମାନେ ସେମାନଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବାଣୀ ବିହାର କ୍ୟାମ୍ପସରେ ଥିବା ଅଡିଟୋରିୟମ୍‌ରେ ଏହି ମିଟିଂ ଆୟୋଜିତ ହୋଇଥିବା ବେଳେ ଉଭୟ ପକ୍ଷର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ। ପରେ ପୋଲିସ କମିଶନର ଦେବଦତ୍ତ ସିଂ ମଧ୍ୟ ଆସି ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳା ବଜାୟ ରଖିବାକୁ ଅପିଲ କରିଥିଲେ। ପୂର୍ବରୁ ହୋଇଥିବା ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମଧ୍ୟ ସେ ଚେତାବନୀ ଶୁଣାଇଥିଲେ।

ବାଣୀବିହାର କ୍ୟାମ୍ପସରେ ବୁଧବାର ଦିନତମାମ ଉଭୟ (ପୃଷ୍ଠା ୭ରେ)





# ଜିଲ୍ଲାସ୍ତରୀୟ ଯୋଗ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କଲା ପିଏମଶ୍ରୀ ସରକାରୀ ବିଦ୍ୟାଳୟ ଛାତ୍ରୀ

**ବରଗଡ, ନ୍ୟୁଜ ବ୍ୟୁରୋ**



ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼ ଏମ୍‌ପିଏଲ୍‌ର ଛାତ୍ରୀ ପ୍ରଜ୍ଞା ପରିମିତା ମାଝୀ ଜିଲ୍ଲାସ୍ତରୀୟ ଯୋଗ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ସେ ମାଲକାନଗିରିଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ତାଙ୍କର ଏହି ସଫଳତା ବିଦ୍ୟାଳୟ ପାଇଁ ଗର୍ବ ଓ ଆନନ୍ଦର ବିଷୟ। ତାଙ୍କର ନିଷ୍ଠା, ଶୃଙ୍ଖଳା ଓ ଅଧ୍ୟବସାୟ ଏହି ସଫଳତାର ମୁଖ୍ୟ ଆଧାର। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟବୃନ୍ଦ ଏବଂ ଅଭିଭାବକମାନେ ପ୍ରଜ୍ଞା ପରିମିତାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ତାଙ୍କର ଉଜ୍ଜ୍ୱଳ ସଫଳତା କାମନା କରିଛନ୍ତି। ସେ ରାଜ୍ୟସ୍ତରରେ ମଧ ଉତ୍କୃଷ୍ଟ ପ୍ରଦର୍ଶନ କରି ବିଦ୍ୟାଳୟ ତଥା ବରଗଡ଼ ଜିଲ୍ଲାର ଗୌରବ ବୃଦ୍ଧି କରିବେ ବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି।

# ବ୍ରାହ୍ମଣୀ ନଦୀର ମାଛଧରା ଡଙ୍ଗାରେ ଚାଲିଛି ଚୋରା ମଦ କାରବାର

**ଢେଙ୍କାନାଳ/ନିମବାହାଳି, ନ୍ୟୁଜ ବ୍ୟୁରୋ**

ମଦ ମାଫିଆଙ୍କ ନୂଆ କୌଶଳ । ବ୍ରାହ୍ମଣୀ ନଦୀର ମାଛଧରା ଡଙ୍ଗାରେ ଚଳାଇଛନ୍ତି ଚୋରା ମଦ କାରବାର । ଏକାଧିକ ଘାଟ ଏବେ ମାଫିଆଙ୍କ କବ୍‌ଜାରେ ରହିଛି । ମାଛ ଧରା ଆଳରେ ଖୁଲମଖୁଲା ଦିନ ରାତି ପରଜଙ୍ଗ ଅଞ୍ଚଳରୁ ଡଙ୍ଗାରେ ଦେଶୀ ମଦ ଆଣି ଗାଁ ଗାଁରେ ବିକ୍ରି କରୁଛନ୍ତି । ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍‌ର ଏକାଧିକ ଘାଟରେ ଏଭଳି ଚୋରା ମଦ କାରବାର ଚାଲିଛି । ଅବକାରୀ ବିଭାଗ ଓ ପୁଲିସ୍ ଏହା ଜାଣି ମଧ ଅଜଣା ହୋଇ ରହୁଥିବା ଅଭିଯୋଗ ଉଠିଛି । ଫଳରେ ଚୋରା ମଦ କାରବାର ବଢ଼ିବାରେ ଲାଗିଛି। ବ୍ରାହ୍ମଣୀ ନଦୀ ଢେଙ୍କାନାଳ ଜିଲ୍ଲାର ଜୀବନ ରେଖା । ଏକାଧିକ ମତ୍ସ୍ୟଜୀବୀ ପରିବାର ଏହା ଉପରେ ନିର୍ଭର କରିଥାନ୍ତି। ମାଛ ଧରି ପରିବାର ପ୍ରତିପୋଷଣ କରିଥାନ୍ତି । ଏଥିସହ କେତେକ ଘାଟରେ ଯାତ୍ରୀବାହୀ ଡଙ୍ଗା ଲୋକଙ୍କ ଯାତାୟାତ କରିଥାନ୍ତି । ଦୁଇ ପାର୍ଶ୍ୱ ପଞ୍ଚାୟତ ମଧ୍ୟରେ ବାଦବିବାଦ ଯୋଗୁଁ ଏକାଧିକ ଘାଟ ନିଲାମ୍ ବନ୍ଦ ରହିଛି । ସେଠାରେ ବଧିବଦ୍ଧଭାବେ ଡଙ୍ଗା ପଡୁନଥିବା ବେଳେ ଏହି ଘାଟ ଗୁଡ଼ିକ ଏବେ ଚୋରା ମଦ ବେପାରୀଙ୍କ କବ୍‌ଜାରେ ରହିଛି ।

# ଗଞ୍ଜାମ କବିତାଘର ଦ୍ୱାଦଶ ସାହିତ୍ୟ ଉତ୍ସବ : ପୁସ୍ତକ ଉନ୍ମୋଚନ

**ରମ୍ଭା, ନ୍ୟୁଜ ବ୍ୟୁରୋ**




ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଞ୍ଜାମ କବିତାଘର ଲିଟେରାରୀ ଟ୍ରଷ୍ଟ ପକ୍ଷରୁ ଦ୍ୱାଦଶ ସାହିତ୍ୟ ଉତ୍ସବ କେ.ସି. ପବ୍ଲିକ ସ୍କୁଲ ସଭାଗୃହରେ ଅନୁଷ୍ଠିତ ହେବା ସହ ଏକ ପୁସ୍ତକ ଉନ୍ମୋଚନ ହୋଇଯାଇଛି। ଏହି ଉତ୍ସବର ପ୍ରଥମ ଅଧିବେସନରେ ସାହିତ୍ୟିକ ତଥା ନାଟ୍ୟକାର ପ୍ରହଲ୍ଲାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କବିତା ପର୍ବରେ ସାହିତ୍ୟ ସଂଗଠକ ଶ୍ୟାମ ପ୍ରସାଦ ମିଶ୍ର ଉଦ୍ଘାଟକ ଭାବେ ଯୋଗଦେଇଥିବା ବେଳେ ଲେଖକ ଓ ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ ସମ୍ମାନୀତ ବକ୍ତା, ବିଶିଷ୍ଟ କବି ବିଦେଶୀ ନାୟକ ନିମନ୍ତ୍ରିତ ଅତିଥି, ଶିକ୍ଷା ପ୍ରଶାସକ ଅବିନାଶ ଶତପଥୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଲେଖକ ଓ ସୁବକ୍ତା ଗୋପୀନାଥ ଦାସ ସଂଯୋଜକ ଓ ଲେଖିକା ଜ୍ୟୋତ୍ସ୍ନାରାଣୀ ଦେବୀ ସଂଯୋଜିକା ଥିଲେ। ଦ୍ୱିତୀୟ ଅଧିବେଶନରେ ଆଇନଜୀବୀ ତଥା କବି ସୁଧାଂଶୁ ଶେଖର ସାହୁ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଲେଖିକା ଓ ପ୍ରଶାସିକା ଡ. ମମତାରାଣୀ ନାୟକ ମୁଖ୍ୟ ଅତିଥି, ସାହିତ୍ୟ ଚର୍ଚ୍ଚାର ସମ୍ପାଦକ ନିହାର ଶତପଥୀ ସମ୍ମାନୀତ ବକ୍ତା, ବରିଷ୍ଠ ସାମ୍ବାଦିକ ରବି ରଥ, ସାହିତ୍ୟ ସଂଗଠକ ହୃଷିକେଶ ଗୌଡ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଭାଗିରଥୀ ବେହେରା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ୨୦୨୬ ବର୍ଷ ପାଇଁ ରାଜ୍ୟସ୍ତରୀୟ କବି ସମ୍ମାନ ସୁବାସ ଚନ୍ଦ୍ର ସାହୁ (ରାୟଗଡ଼ା), ଜିଲ୍ଲାସ୍ତରୀୟ କବି ସମ୍ମାନ ବିଷ୍ଣୁ ପ୍ରସାଦ ଦାସ (ଲଙ୍ଗଳେଶ୍ୱର), ସ୍ୱର୍ଗତା ଦେବମଣି ସାହୁ ପୁସ୍ତକ ସ୍ମୃତି ସମ୍ମାନ ଦୀନବନ୍ଧୁ ବେଜ (ମାଲକାନଗିରି) – ବହି 'ବନଗିରି ଲତାଗିରି', ସ୍ୱର୍ଗତା ରୁକୁଣା ବେହେରା ସ୍ମୃତି ସମ୍ମାନ କଳ୍ପନା କୁମାର ପ୍ରଧାନ (ଭଞ୍ଜନଗର) – ବହି 'ସମନ୍ୱୟ', ସ୍ୱର୍ଗତା ପ୍ରମିଳା ସ୍ୱାଇଁ ସ୍ମୃତି ସମ୍ମାନ ସନ୍ଧ୍ୟାରାଣୀ ଦେବୀ (ଗଞ୍ଜାମ) – ବହି 'ମୋ ଝର୍କାରୁ କୃଷ୍ଣଚୂଡ଼ା' ଏବଂ ଶ୍ରେଷ୍ଠ ସମ୍ପାଦକ ସମ୍ମାନ ନିହାର ଶତପଥୀଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଭାଗୀରଥୀ କବିତାର ଗଙ୍ଗା ୨୦୨୬', ଶେଷଦେବ ବେହେରାଙ୍କ ଶିଶୁ ଗଳ୍ପ 'ଜୟା ବିଜୟା ଗଳ୍ପ ବାଟିକା', ବାଲାଜୀ ସେଠୀଙ୍କ ଉପନ୍ୟାସ 'ନିଖୋଜ ନାୟିକାର ଇତିବୃତ୍ତ', ସନ୍ଧ୍ୟାରାଣୀ ଦେବୀଙ୍କ 'ନୀଳକଇଁର ପୋଖରୀ ବୁଲା', ଜ୍ୟୋତ୍ସ୍ନା ରାଣୀ ଦେବୀଙ୍କ 'ଝାଇଁକି ଝୁମା' ଓ 'ପୁଷି ମାଉସୀ ପଢୁଛି ବସି' ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶହେରୁ ଅଧିକ କବି, ଲେଖକ ଓ ବୁଦ୍ଧିଜୀବୀ ଏହି ଉତ୍ସବରେ ଯୋଗ ଦେଇଥିଲେ। କବି ଧର୍ମାନନ୍ଦ ମହାରଣା, ତ୍ରିଲୋଚନ ଦାସ, ଭାଗିରଥୀ ପଣ୍ଡା, ଜୟନ୍ତୀ ବେହେରା, ଶେଷଦେବ ବେହେରା ଓ ସନ୍ଧ୍ୟାରାଣୀ ଦେବୀ ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଢେଇ ବର୍ଷରେ ୨୧ଟି ରାସ୍ତାକୁ ନୂଆ ରୂପ : ୩ଟି ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



କୋରେଇ ବିକାଶରେ ପୁଣି ଆଉଗୋଟିଏ ପାଦ ଆଗକୁ ବଢ଼ିଛନ୍ତି ଆକାଶ। କୋରାଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ଗ୍ରାମ ପଞ୍ଚାୟତରେ ୩ ଗୋଟି ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି କୋରେଇର ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଆକାଶ ଦାସନାୟକ। ଦୀର୍ଘ ଅଢେଇ ବର୍ଷ ଭିତରେ ୨୧ଟି ରାସ୍ତାକୁ ନୂଆ ରୂପ ଦେଇ ସାରିଲେଣି ଆକାଶ। ରାସ୍ତାର ଉନ୍ନତିକରଣ ହେଲେ ସ୍ଥାନୀୟ ଜନସାଧାରଣଙ୍କ ଆବଶ୍ୟକତା ପୂରଣ ହେବା ସହ ଅଞ୍ଚଳବାସୀ ଉପକୃତ ହୋଇ ପାରିବେ ଏବଂ ଗାଁ ତଥା ପଞ୍ଚାୟତରେ ଭିତ୍ତିଭୂମିର ବିକାଶ ହୋଇପାରିବ ବୋଲି କହିଛନ୍ତି ଆକାଶ । ତେବେ ବରୁଣ୍ଡେଇ ମକୁନ୍ଦପୁର ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ ଏବଂ ବରୁଣ୍ଡେଇ ପ୍ରାଣକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ କାର୍ଯ୍ୟାଳୟ ନିମନ୍ତେ ଓଡିଶା ସରକାରଙ୍କ ପୂର୍ତ୍ତ ବିଭାଗ ଓ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ୧୫ କୋଟି ୩୩ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି ବୋଲି କହିଛନ୍ତି ବିଧାୟକ ଆକାଶ ଦାସନାୟକ । ଏହି ପରିପେକ୍ଷୀରେ ବିଧାୟକଙ୍କୁ ଶହଶହ କର୍ମୀ ଓ ସାଧାରଣ ଜନତାମାନେ ଏକ ବିଶାଳ ମୋଟର ସାଇକେଲ ରାଲି ଶୋଭାଯାତ୍ରାରେ ବରୁଣ୍ଡେଇ ମୁସଲମାନ ସାହି ଠାରୁ ପ୍ରାଣକୃଷ୍ଣ ମହାବିଦ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ତେବେ ବରୁଣ୍ଡେଇ ପଞ୍ଚାୟତ ପାଇଁ ତିନିଗୋଟି ପ୍ରକଳ୍ପ ଭେଟି ଦେଇ ଥିବାରୁ ପଞ୍ଚାୟତବାସୀ ଶ୍ରୀଦାସନୟାକଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଦେଇଥିଲେ। ଉକ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ବିଜେପି ମହିଳା ସଭାପତି ଦିପ୍ତିମୟୀ କୁଅଁର, ବରୁଣ୍ଡେଇ ଗ୍ରାମପଞ୍ଚାୟତର ସରପଞ୍ଚ ଲିପ୍ସା ପରିଡା, ସମିତିସଭ୍ୟ ରଶ୍ମିରଞ୍ଜନ ପରିଡା, ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ଧଳ, ବରୁଣ୍ଡେଇ ମଣ୍ଡଳ ସଭାପତି ଆଲୋକ ମଲ୍ଲିକ, ବରୁଣ୍ଡେଇ ଗ୍ରାମପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଜୟନ୍ତୀ ସାହୁ, ବରୁଣ୍ଡେଇ ଗ୍ରାମପଞ୍ଚାୟତର ବିଜେପି ସଭାପତି ପ୍ରକାଶ ସାହୁ, କୋରେଇ ବିଧାୟକ ପ୍ରତିନିଧି ଧନେଶ୍ୱର ବାରିକ, ସାଂସଦ ପ୍ରତିନିଧି ପ୍ରମୋଦ କୁମାର ସାହୁ, ଅମୃତିଆ ସମିତି ସଭ୍ୟା ମିନତୀ ସେଠୀ, ବ୍ରାହ୍ମଣୀଦେବୀ ସଭାପତି ରାକେଶ ଜେନା, ଖରସ୍ରୋତା ମଣ୍ଡଳ ସଭାପତି ଭାସ୍କର ସାହୁ, ବରୁଣ୍ଡେଇର ବରିଷ୍ଠ ନେତା ଉଦୟନାଥ ପରିଡା, ପ୍ରୀତିରଞ୍ଜନ ସାହୁ, ବନ୍ଦାଳ ଗ୍ରାମପଞ୍ଚାୟତର ସରପଞ୍ଚ ବିଷ୍ଣୁ ଚରଣ ରଥ, ଗୌରପୁର ଗ୍ରାମପଞ୍ଚାୟତର ସରପଞ୍ଚ ସନ୍ୟାନନ୍ଦ ମହାପାତ୍ର, ସାଦକପୁର ଗ୍ରାମପଞ୍ଚାୟତର ସରପଞ୍ଚ ରବିନ୍ଦ୍ର ବେହେରା ଓ ମକୁନ୍ଦପୁର ଗ୍ରାମପଞ୍ଚାୟତର ବିଜେପି ସଭାପତି ହିମାଂଶୁ ପାଢୀ ପ୍ରମୁଖ ମହିଳା ପୁରୁଷ କର୍ମୀ ମାନେ ଯୋଗଦେଇଥିଲେ।

# କ୍ଲଷ୍ଟରସ୍ତରୀୟ 'ସୁରଭି' ପ୍ରତିଯୋଗିତା

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଝୋଟେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ 'ସୁରଭି' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭା ଓ ସୃଜନଶୀଳତାର ବିକାଶ ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝୋଟେଶ୍ୱର କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଝୋଟେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ରର ମୁଖ୍ୟ ପ୍ରଭାତ କୁମାର ବେହେରା ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ର ପବିତ୍ର କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷୟିତ୍ରୀ ସ୍ନେହସ୍ମିତା ମଲିକ, ଦେବପ୍ରିୟା ଦାସ, ତନୁଲତା ରାଉତ, ସୁମିତ୍ରା ଚୁଲି, ପ୍ରଣତୀ ପାତ୍ର, ସୁମତୀ ମୁର୍ମୁ, କ୍ରୀଡ଼ା ଶିକ୍ଷୟିତ୍ରୀ ଯଶୋଦା ସାହୁ ଏବଂ ଶିକ୍ଷା କର୍ମଚାରୀ ଅଭିରାମ ମଲ୍ଲିକ, ଦୀପକ କୁମାର ମଲିକ ଓ ଖୁଲଣା ସାହୁଙ୍କ ସମେତ କ୍ଲଷ୍ଟରର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ନବରଗଙ୍ଗପୁରରେ ନୂତନ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

**ନବରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ଜିଲ୍ଲାର ପ୍ରଶାସନିକ ଦାୟିତ୍ୱ ଗ୍ରହଣ କରିବା ପରେ ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀମତୀ ମଧୁମିତା, ଆଇଏଏସ୍, ଜିଲ୍ଲାର ଉନ୍ନୟନମୂଳକ ପ୍ରକଳ୍ପ, ଜନକଲ୍ୟାଣକାରୀ ଯୋଜନା ଓ ଆଇନଶୃଙ୍ଖଳା ସ୍ଥିତିର ସମୀକ୍ଷା କରିବା ସହ ପ୍ରଶାସନକୁ ଅଧିକ ସ୍ୱଚ୍ଛ, ଉତ୍ତରଦାୟୀ ଓ ଜନାଭିମୁଖୀ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସରକାରୀ ଯୋଜନାର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚାଇବା, ଗ୍ରାମୀଣ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା ଓ ଶିକ୍ଷାର ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ତାଙ୍କର ପ୍ରମୁଖ ପ୍ରାଥମିକତା ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଓଡ଼ିଶା ସରକାରଙ୍କ ସାମ୍ପ୍ରତିକ ପ୍ରଶାସନିକ ଅଦଳବଦଳ ପରିପ୍ରେକ୍ଷୀରେ ୨୦୨୦ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀମତୀ ମଧୁମିତା ନବରଙ୍ଗପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ ଆନୁଷ୍ଠାନିକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ହରିୟାଣାର ବାସିନ୍ଦା ଶ୍ରୀମତୀ ମଧୁମିତା ବିବିଏ ଏବଂ ପବ୍ଲିକ ଆଡମିନିଷ୍ଟ୍ରେସନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ତାଙ୍କର ବ୍ୟାପକ ପ୍ରଶାସନିକ ଓ କ୍ଷେତ୍ରସ୍ତରୀୟ ଅଭିଜ୍ଞତା ରହିଛି। ପୂର୍ବରୁ ସେ ବାଲିଗୁଡ଼ାର ଉପଜିଲ୍ଲାପାଳ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଗଜପତି ଜିଲ୍ଲାର ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଛନ୍ତି।

# ଯୌନ ଉତ୍ପୀଡ଼ନ ଅଭିଯୋଗ : ଫେରାର ଶିକ୍ଷକ ଗିରଫ

**ବାରିପଦା/କରଞ୍ଜିଆ, ନ୍ୟୁଜ ବ୍ୟୁରୋ**

ମୟୁରଭଞ୍ଜରେ ଲଜ୍ଜା, ପୁଣି ପ୍ରଧାନ ଶିକ୍ଷକଙ୍କ ନାମରେ ଯୌନ ଉତ୍ପୀଡ଼ନ ଅଭିଯୋଗ, ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରି ବନ୍ଧାହେଲେ ପ୍ରଧାନ ଶିକ୍ଷକ। ବାଙ୍ଗିରିପୋଷି ବ୍ଲକ ଶ୍ୟାମସୁନ୍ଦରପୁର ଏକଲବ୍ୟ ବିଦ୍ୟାଳୟର ଘଟଣା ମନରୁ ନ ଲିଭୁଣୁ ଆଉ ଜଣେ ପ୍ରଧାନ ଶିକ୍ଷକଙ୍କ କଳା କାରନାମା ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ ଗତ ସେପ୍ଟେମ୍ବର ୨୫ ତାରିଖରେ ଶୁକୁଳି ବ୍ଲକ ଘାଗି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକୃଷ୍ଣ ପାତ୍ର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ କାର୍ଯ୍ୟାଳୟର କବାଟ ଝରକା ବନ୍ଦ କରିବାକୁ ଡାକି ଛାତ୍ରୀ ଜଣଙ୍କୁ କାର୍ଯ୍ୟାଳୟ ଭିତରେ ଅସଦାଚରଣ କରିଥିଲେ। ପୀଡିତା ଜଣଙ୍କ ଘଟଣା ବିଷୟରେ ହଷ୍ଟେଲର ଦୁଇ ଜଣ ମେଟ୍ରୋନଙ୍କୁ କହିବା ପରେବି ସେମାନେ ଏହାକୁ ଚାପିଦେବାକୁ ଉଦ୍ୟମ କରିଥିଲେ। ସୋମବାର ଫୋନ୍ ଯୋଗେ ପୀଡିତା ଛାତ୍ରୀ ତାଙ୍କ ଅବିଭାବକଙ୍କୁ କହିଲା ପରେ ପ୍ରଧାନ ଶିକ୍ଷକଙ୍କ କଳାକାରନାମା ସାମ୍ନାକୁ ଆସିଛି। ଏ ଘଟଣାକୁ ନେଇ ରରୁଆଁ ଥାନାରେ ପ୍ରଧାନ ଶିକ୍ଷକ ଶ୍ରୀକୃଷ୍ଣ ପାତ୍ରଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି ପୀଡିତା ଛାତ୍ରୀଙ୍କ ବାପା। ପ୍ରଧାନ ଶିକ୍ଷକ ଫେରାର ଥିବା ବେଳେ ବିଦ୍ୟାଳୟକୁ ଯାଇ ଅଧିକ ତଦନ୍ତ କରି ବିଏନ୍‌ଏସ୍ ଧାରା ୨୦୬/୭୫, ୭୭, ୭୮ ଏବଂ ଜଡଖ ଧାରା ୮, ୧୦, ୧୨ ଓ ପୋକ୍ସ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରି ସମ୍ପୃକ୍ତ ଫେରାର ଥିବା ପ୍ରଧାନ ଶିକ୍ଷକ ଶ୍ରୀକୃଷ୍ଣ ପାତ୍ରଙ୍କୁ ତାଙ୍କର ବାରିପଦା ସ୍ଥିତ ବାସଭବନରୁ ସୋମବାର ବିଳମ୍ବିତ ରାତିରେ ଗିରଫ କରାଯାଇଛି ।

# ୭ ମହିଳା ଏବଂ ପୁରୁଷ ଦାଦନ ଶ୍ରମିକ ଉଦ୍ଧାର : ସର୍ଦ୍ଦାର କୋର୍ଟ ଚାଲାଣ

**ଲାଠୋର, ନ୍ୟୁଜ୍‌ବ୍ୟୁରୋ**



ବଲାଙ୍ଗୀର ଜିଲ୍ଲା ଲାଠୋର ପୋଲିସ ୭ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସର୍ଦ୍ଦାରକୁ ଅଟକ ରଖି କୋର୍ଟକୁ ଚାଲାଣ କରିଥିବା ସୂଚନା ମିଳିଛି। ଲାଠୋର ପୋଲିସ ସୂତ୍ରରୁ ପ୍ରକାଶ ଯେ, ଲାଠୋର ଥାନା ଅଞ୍ଚଳ ସାହାଜପାଣି ଗ୍ରାମର ୭ ଜଣ ମହିଳା ଏବଂ ପୁରୁଷ ଶ୍ରମିକଙ୍କୁ ହାଇଦ୍ରାବାଦକୁ ବେଆଇନ ଭାବେ ଦାଦନ ଚାଲାଣ କରିବା ପାଇଁ କଣ୍ଟାବାଞ୍ଜିର ମହମ୍ମଦ ସାହିଲ ଖାଁ ନାମକ ଜଣେ ଦାଦନ ସର୍ଦ୍ଦାର ବସ୍ ଯୋଗେ କଣ୍ଟାବାଞ୍ଜି ନେବା ପାଇଁ ଲାଠାର ନିକଟସ୍ଥ ସାହାଜପାଣି ବସଷ୍ଟେଣ୍ଡରେ ରଖିଥିଲେ। ସେତେବେଳେ ଏଏସଆଇ ପ୍ରଫୁଲ୍ଲ କିଷାନ ପାଟ୍ରୋଲିଂ କରୁଥିବା ସମୟରେ ସନ୍ଦେହରେ ପଚରା ଉଚୁରା କରି ଥାନାକୁ ଆଣିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ସେମାନଙ୍କୁ ରାଜ୍ୟ ବାହାରକୁ ବେଆଇନ ଭାବରେ ଦାଦନ ଚାଲାଣ କରାଇବା ପାଇଁ ଉଦ୍ୟମ କରାଯାଉ ଥିଲା। ଏହି ଘଟଣାରେ କଣ୍ଟାବାଞ୍ଜିର ସର୍ଦ୍ଦାରକୁ ଅଟକ ରଖି ଅଧିକ ତଦନ୍ତ କରାଯାଇ କେସ୍ ନମ୍ବର ୧୮୫/୨୬ରେ ଏକ ମାମଲା ରୁଜୁ କରି ମହମ୍ମଦ ସାହିଲ ଖାଁକୁ କୋର୍ଟ ହାଜତକୁ ପଠାଇଥିବା ଲାଠାର ଥାନା ଅଧିକାରୀ ଅବିନାଶ ପଧାନ ସୂଚନା ଦେଇଛନ୍ତି।

# ସାରସ୍ୱତ ସ୍ରଷ୍ଟା ତପସ୍ୱୀ ବ୍ରଜ ବିହାରୀଙ୍କ ସାହିତ୍ୟକୃତି ଉପରେ ଆଲୋକପାତ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ମହାନଦୀ ଯୋଗ ବିହାରସ୍ଥିତ ଶ୍ରୀ ଗୋପାଳଜୀ ଯୋଗାଶ୍ରମ ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସୁବର୍ଣ୍ଣପୁର ଶାଖା ପକ୍ଷରୁ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ତଥା ବୈଦିକ ବିଦ୍ୱାନ ତପସ୍ୱୀ ବ୍ରଜ ବିହାରୀଙ୍କ ୧୦୬ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ସନ୍ତୋଷ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବହୁ ସାହିତ୍ୟିକ, ଶିକ୍ଷାବିତ୍ ଓ ସାହିତ୍ୟପ୍ରେମୀ ଯୋଗ ଦେଇଥିଲେ। ଉତ୍ସବରେ ଅଧାପକ ସନ୍ଦୀପ କୁମାର କୁଅଁର ମୁଖ୍ୟବକ୍ତା, ଡକ୍ଟର ଭବାନୀ ଶଙ୍କର ପଟେଲ ମୁଖ୍ୟ ଅତିଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗିରିଜା ଶଙ୍କର ରଥ ସ୍ୱତନ୍ତ୍ର ଅତିଥି ଏବଂ ପରିଷଦର ଉପଦେଷ୍ଟା ଗୋରେଖନାଥ ସାହୁ ଓ ଡକ୍ଟର ଜ୍ୟୋତିରଞ୍ଜନ ବହିଦାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବକ୍ତାମାନେ ତପସ୍ୱୀ ବ୍ରଜ ବିହାରୀଙ୍କ ଜୀବନୀ, ସାଧନା ଓ ସାହିତ୍ୟକୃତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ତାଙ୍କର ଅପ୍ରକାଶିତ ପାଣ୍ଡୁଲିପିଗୁଡ଼ିକୁ ପ୍ରକାଶ କରିବା ସହ ଉଚ୍ଚଶିକ୍ଷାର ପାଠ୍ୟକ୍ରମରେ ତାଙ୍କ ସାହିତ୍ୟକୃତିକୁ ସ୍ଥାନ ଦେବା ପାଇଁ ସମ୍ମିଳିତ ଉଦ୍ୟମ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତ ପ୍ରକାଶ ପାଇଥିଲା। ସଭାରେ ମଞ୍ଜୁଶ୍ରୀ ବାବୁ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଯଜ୍ଞେଶ୍ୱର ପୂଜାରୀ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ। ପରିଷଦର ସମ୍ପାଦକ ତଥା କବି ଆର୍ତ୍ତତ୍ରାଣ ବାବୁ ସଭା ସଂଯୋଜନା କରିବା ସହ ବ୍ରଜ ବିହାରୀଙ୍କ ସହ ବିତାଇଥିବା ସମୟର ଅଭୁଲା ସ୍ମୃତି ଉପସ୍ଥାପନ କରିଥିଲେ। ଡକ୍ଟର ଦେବାଶିଷ ପାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବହୁ ଅଧାପକ, ଅଧାପିକା, ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଡିଭାଇନ୍‌ରେ ଗୁଜୁରାଟସ୍ଥିତ ହାଇଲେକ୍ସ କମ୍ପାନୀର କ୍ୟାମ୍ପସ୍ ଚୟନ

**ବାରିପଦା, ନ୍ୟୁଜ ବ୍ୟୁରୋ**

ରିପଦାସ୍ଥିତ ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲଜିରେ ଗୁଜୁରାଟସ୍ଥିତ ହାଇଲେକ୍ସ କମ୍ପାନୀ ଦ୍ୱାରା ଏକ କ୍ୟାମ୍ପସ୍ ଚୟନ ପ୍ରକ୍ରିୟା ସଂଗଠିତ ହେ ହୋଇଥିଲା। ଏହା ଥିଲା ୨୦୨୬-୨୭ ଶିକ୍ଷାବର୍ଷର ପ୍ରଥମ କ୍ୟାମ୍ପସ୍ ଚୟନ ଯେଉଁଥିରେ ଡିଭାଇନ୍‌ରେ ପଢୁଥିବା ଇଲେକ୍ଟ୍ରି କାଲ୍, ମେକାନିକାଲ୍ ଓ ଇ ଆଣ୍ଡ୍ ଏମ୍ ବ୍ରାଞ୍ଚର ୧୧୧ଜଣ ଛାତ୍ର-ଛାତ୍ରୀଙ୍କ ମଧ୍ୟରୁ ୫୨ ଜଣ ଚାକିରୀ ପାଇବା ପାଇଁ ଯୋଗ୍ୟ ବେବେଚିତ ହୋଇଛନ୍ତି। କମ୍ପାନୀର ଅତିରିକ୍ତମାନବ ସମ୍ବଳ ଅଧିକାରୀ ପ୍ରଖର ପାଠକ ଡିଭାଇନ୍ ରେ ଛାତ୍ର-ଛାତ୍ରୀ ଙ୍କ ବ୍ୟକ୍ତିଗତ ସାକ୍ଷ ସାକ୍ଷାତକାର ନେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ଏହି ଚୟନ। ପ୍ରକ୍ରିୟାରେ ନିଜର ଖୁସି ବ୍ୟକ୍ତ କରିବା ସହ ବିବେଚିତ ହୋଇଥିବା ଛାତ୍ର-ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଚଳିତ ଶିକ୍ଷା ବର୍ଷରେ ଶତକଡ଼ା ୧୦୦ ଛାତ୍ର-ଛାତ୍ରୀ ଚାକିରୀ ପାଇବାର ଆଶା ରଖିଛନ୍ତି ଅନୁଷ୍ଠାନର ନିର୍ଦ୍ଦେଶକ। ତତ ସହିତ ନିର୍ଦ୍ଦେଶକ ଇଂ ଗୌରବ ବୁଗୁଡେଇ ଡିଭାଇନ ବୈଷୟିକ ଶିକ୍ଷା କ୍ଷେତ୍ରରେ ଆହୁରି ସମୃଦ୍ଧ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏ ସମସ୍ତ ପ୍ରକ୍ରିୟାରେ ପ୍ରଶିକ୍ଷଣ ଓ ନିଯୁକ୍ତି ବିଭାଗର ମୁଖ୍ୟ ଇଂ ଆଶୀର୍ବାଦ ସ୍ୱାଇଁ ଓ ବହୁ କର୍ମଚାରୀ ଗୁରୁତ୍ୱପୂର୍ଣ୍ଣ ଦାଇତ୍ୱ ଡିଭାଇନ କଲେଜର ଅଧ୍ୟକ୍ଷ ଇଂ ଅଭିନ୍ନ କୁମାର ଦାସ ତୁଲାଇଥିଲେ।

# ଜଙ୍ଗଲରେ ହାତୀ ଆକ୍ରମଣରେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

**ବଡ଼ବିଲ, ନ୍ୟୁଜ ବ୍ୟୁରୋ**

ଚମ୍ପୁଆ ରେଞ୍ଜ ଅଧୀନ ଉଖୁଣ୍ଡା ସେକ୍ସନ ସିଲିପୁଞ୍ଜି ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣକ ବାରିଆ ଥାନା ଅନ୍ତର୍ଗତ ମଣ୍ଡମା ଗ୍ରାମର କେଦାର ମହାନ୍ତଙ୍କ ପୁଅ ଆକାଶ ମହାନ୍ତ (୧୪)। ଗତ କିଛି ଦିନ ଧରି ଚମ୍ପୁଆ ରେଞ୍ଜର ଓ କାଶୀପାଳ ଜଙ୍ଗଲରେ ଏକ ୨୫ ଟିକିଆ ହାତୀପଲ ଡେରା ପକାଇ ରହିଥିଲେ। ସନ୍ଧ୍ୟା ହେଲେ ଏହି ପଲ ଗାଁ ମୁହାଁ ହେଉଥିବାରୁ ସ୍ଥାନୀୟ ଚାଷୀ ଓ ଲୋକଙ୍କ ନିଦ ହଜିଯାଇଥିଲା। ଏହି ସମୟରେ କିଛି ସ୍ଥାନୀୟ ଯୁବକ ହାତରେ ବାଡ଼ି-ଠେଙ୍ଗା ଓ ମୋବାଇଲ୍ ଧରି ହାତୀପଲ ପଛରେ ଗୋଡ଼ାଇବା, ଏବଂ ସେଲ୍‌ଫି-ଭିଡିଓ ଉଠାଇବାର ଏକ ଦୁଃସାହସିକ ଦୃଶ୍ୟ ସାମ୍ନାକୁ ଆସିଥିଲା, ଯାହା ସୋସିଆଲ ମିଡିଆରେ ଭାଇରାଲ ହୋଇ ଚର୍ଚ୍ଚାର ବିଷୟ ପାଲଟିଥିଲା। ବନ ବିଭାଗ ହାତୀଙ୍କ ନିକଟକୁ ନଯିବା ପାଇଁ ଲଗାତାର ସତର୍କ କରାଉଥିଲେ ମଧ ଏହି ଅମାନିଆ ଯୁବକମାନେ ତାହାକୁ ଖାତିର କରୁନଥିଲେ। ଏହି ହାତୀପଲ ସିଲିପୁଞ୍ଜି ଜଙ୍ଗଲ ଆଡ଼କୁ ଚାଲିଯାଇଥିଲେ। ତେବେ କିଛି ଲୋକ ହାତୀ ଦେଖିବାକୁ ଜଙ୍ଗଲ ଭିତରକୁ ଯାଇଥିବା ବେଳେ ମଣ୍ଡମା ଗ୍ରାମର ଆକାଶ ମହାନ୍ତ ମଧ ସେଠାକୁ ଯାଇଥିଲେ। ଅସାବଧାନତା ଯୋଗୁଁ ଆକାଶ ଏକ ଦନ୍ତା ହାତୀ ସାମ୍ନାରେ ପଡ଼ି ଯାଇଥିଲେ। ଉତ୍ୟକ୍ତ ହାତୀଟି ଆକାଶଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ବନ କର୍ମଚାରୀ ତୁରନ୍ତ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଆକାଶ ଝୁମ୍ପୁରା ବ୍ଲକ ଗୁଣ୍ଡୁଣିଆ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ବୋଲି ଜଣାପଡିଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ପାହାଡ କୋଳରେ ପାଳନ ହେଲା 'ପର୍ଯ୍ୟଟନ ସାହିତ୍ୟ ଆସର'




**ଉମରକୋଟ, ନ୍ୟୁଜ ବ୍ୟୁରୋ**

ଫକୀରମୋହନ ପଠନଶାଳା ପକ୍ଷରୁ ଝରିଗାଁ ବ୍ଲକ୍‌ର ତେଲନଦୀ ପଞ୍ଚାୟତ ଅନ୍ତର୍ଗତ ଯୋଗୀଡଙ୍ଗରୀ ପାହାଡ଼ କୋଳରେ ଅନୁଷ୍ଠିତ ହୋଇଯାଇଛି ଏକ ନିଆରା ପର୍ଯ୍ୟଟନ ସାହିତ୍ୟ ଆସର। ଆୟୋଜିତ ଏହି ସଂଧାରେ ଜିଲ୍ଲାର ବହୁ ବିଶିଷ୍ଟ ସାହିତ୍ୟିକ, କବି ଓ ସାହିତ୍ୟପ୍ରେମୀମାନେ ଏକତ୍ରିତ ହୋଇ ସାହିତ୍ୟ ଚର୍ଚ୍ଚା ସହ କବିତା ପାଠ କରିଥିଲେ।

କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଫକୀରମୋହନ ପଠନଶାଳାର ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ, ସ୍ୱତନ୍ତ୍ର ଅତିଥି ଭାବେ ଭାରତୀ କଳା ନିକେତନର ସମ୍ପାଦକ ତଥା ଅଧ୍ୟାପକ ଗୋପାଳ ମହାରଣା ଏବଂ ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ୍ ରଞ୍ଜନ ବେହେରା ଯୋଗଦେଇଥିଲେ।

ଏହାସହ ସମ୍ମାନିତ ଅତିଥି ଭାବେ କବି ବିବେକାନନ୍ଦ ପଟ୍ଟନାୟକ, ମନ୍ଦିର କମିଟି ସଭାପତି ବଳଚନ୍ଦ ଗଣ୍ଡ, ଶିକ୍ଷକ ପିଲାସାଇ ଗଣ୍ଡ, କବି ମହାନନ୍ଦ ମହାଳିକ ଓ କବି ପୂର୍ଣ୍ଣଚନ୍ଦ୍ର ସେଠୀ ମଞ୍ଚାସୀନ ଥିଲେ। କବି ସାଗର କୁମାରୀ ପରିଡ଼ା ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ଶିକ୍ଷକ ଜିତେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ଥିଲା ଅତ୍ୟନ୍ତ ଆକର୍ଷଣୀୟ, ଯାହା କବିତା ପାଠରେ ମୁଖରିତ ହୋଇଉଠିଥିଲା। ଏହି ଅଧିବେଶନରେ କବୟିତ୍ରୀ ପ୍ରଭାତୀ ଦେବନାଥ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ କବି ନଗେନ୍ଦ୍ର କୁମାର ରାଉତ, କବୟିତ୍ରୀ ଶାନ୍ତିଲତା ମହାନ୍ତି, ଗୀତାଞ୍ଜଳି ଦାଶ, କବି ଗଣେଶ ପ୍ରସାଦ ରଣା, ରାଜକିଶୋର ନାୟକ ଓ ନିଗମ କୁମାର ସାହୁ ଯୋଗଦେଇ ନିଜ ନିଜର ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ମଧୁସ୍ମିତା ମହାରଣା ଏହି ଅଧିବେଶନକୁ ସୁଚାରୁରୂପେ ସଂଯୋଜନା କରିଥିଲେ। ପ୍ରକୃତିର କୋଳରେ ସାହିତ୍ୟର ଏହି ନିଆରା ସମାଗମ ସମସ୍ତ କବି ଓ ସାହିତ୍ୟପ୍ରେମୀଙ୍କୁ ଏକ ଅଭୁଲା ଅନୁଭୂତି ପ୍ରଦାନ କରିଥିଲା। ସାହିତ୍ୟ ଓ ପର୍ଯ୍ୟଟନ ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ଦର୍ଶାଇବା ସହ ପ୍ରକୃତିର ସୌନ୍ଦର୍ଯ୍ୟକୁ କବିତାରେ ରୂପ ଦେବା ଏହି ଆସରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମ ଶେଷରେ ସଂଗଠକ ପ୍ରକାଶ ଚନ୍ଦ୍ର ବେହେରା ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରି ସଭା ସାଙ୍ଗ କରିଥିଲେ।

# କମିସନରେଟ୍ ପୁଲିସ କୋଠାରୁ ଗଳୁଛି ପାଣି: ଭିତର କାନ୍ଥ, ଶୌଚାଳୟ ନଷ୍ଟ ହୋଇଗଲାଣି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ସାମ୍ନାକୁ ଚକାଚକ୍ ଦିଶୁଥିବା କମିସନରେଟ୍ ପୁଲିସର ମୁଖ୍ୟାଳୟ କୋଠା ସ୍ଥିତି ଏବେ ଭିତରୁ ନଷ୍ଟ ହେବାକୁ ବସିଲାଣି। ବର୍ଷା ହେଲେ ଛାତରୁ ଅନବରତ ପାଣି ଗଳୁଛି। ଅଫିସରେ କର୍ମଚାରୀ କାମ କରିବାକୁ ହନ୍ତସନ୍ତ ହେଉଛନ୍ତି। ଶୌଚାଳୟ କବାଟ ଭାଙ୍ଗିଗଲାଣି, କାନ୍ଥଗୁଡ଼ିକରୁ ପାଣି ଝରୁଥିବାରୁ କପବୋର୍ଡରେ ଉଇ ଲାଗିଲାଣି। ଏପରି ସ୍ଥିତି ଲାଗି ରହିଲେ ଅଳ୍ପ ଦିନରେ ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ନଷ୍ଟ ହୋଇଯିବ। ଇଲେକ୍ଟ୍ରିକାଲ ୱ୍ୟାରିଂ ବି ନଷ୍ଟ ହୋଇ ତାରଗୁଡ଼ିକ ଝୁଲୁଛି। କମିସନରେଟ୍ ପୁଲିସ ମୁଖ୍ୟାଳୟର ଏଭଳି ଶୋଚନୀୟ ସ୍ଥିତିକୁ ନେଇ ପୁଲିସ କମିସନର ଏସ୍.ଦେବଦତ୍ତ ସିଂହ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ମରାମତି ପାଇଁ ମାସକ ତଳେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହଙ୍କୁ ଚିଠି ଲେଖିଥିଲେ। ଏପରିକି କମିସନରେଟ୍ ପୁଲିସ ପକ୍ଷରୁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଜିଇଡି କର୍ତ୍ତୃପକ୍ଷ ଓ ୱାଟ୍‌କୋ କର୍ତ୍ତୃପକ୍ଷଙ୍କୁ ମରାମତି କରିବାକୁ କହିଲେ ବି କେହି ମରାମତି କରୁନଥିବାରୁ ପୁଲିସ କମିସନର ଅସହାୟତା ପ୍ରକାଶ କରିଥିଲେ। ଆଉ କୋଠାର ତୁରନ୍ତ ମରାମତି କରିବାକୁ ପୂର୍ତ୍ତ ସଚିବଙ୍କୁ ଅନୁରୋଧ କରିଥିଲେ। ଏହାପରେ ପୂର୍ତ୍ତ ବିଭାଗ ପକ୍ଷରୁ ପୁଲିସ କମିସନରଙ୍କୁ କୁହାଯାଇଛି ଯେ ଆପଣ ଯେଉଁ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ କହୁଛନ୍ତି ତାହା ଆମେ କରିପାରିବୁନି। କାରଣ ଏହି କୋଠାଟି ଗୃହ ବିଭାଗର ଅଧୀନରେ ଆସୁଛି। କମିସନରେଟ୍ ପୁଲିସ ମୁଖ୍ୟାଳୟର ମରାମତି ଓ ରକ୍ଷଣାବେକ୍ଷଣ ନେଇ ଗୃହ ବିଭାଗ କୌଣସି ଆର୍ଥିକ ସହାୟତା ଅନୁମୋଦନ କରିନି। ତେଣୁ ଗୃହ ବିଭାଗ ଏଥିପାଇଁ ଅନୁଦାନ ଦେଲେ ଆମେ ମରାମତି କାମ କରିବୁ। ନଚେତ୍ କାମ ହୋଇପାରିବନି। ଏନେଇ କମିସନରେଟ୍ ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ପ୍ରାୟ ୨ବର୍ଷ ତଳେ ହୋଇଥିବା ଡିଜିପି ସମ୍ମିଳନୀବେଳେ ମୁଖ୍ୟାଳୟ କୋଠାର ବାହାର ପାର୍ଶ୍ୱ ରଙ୍ଗ ହୋଇଥିଲା। ହେଲେ ଭିତର ପାର୍ଶ୍ୱରେ କିଛି କାମ ହୋଇନି। ଏବେ ବହୁ ସ୍ଥାନରେ କାନ୍ଥରୁ ପାଣି ଝରୁଥିବାରୁ ସବୁ ନଷ୍ଟ ହୋଇଗଲାଣି। ଗୃହ ବିଭାଗକୁ ବି ଏନେଇ ଅବଗତ କରାଯାଇଛି। କିନ୍ତୁ କାହିଁକି ଗୃହ ବିଭାଗ ଅର୍ଥ ଅନୁମୋଦନ କରୁନି ଆମେ ବୁଝିପାରୁନୁ। ଏପଟେ ପୂର୍ତ୍ତ ବିଭାଗ ଓ ୱାଟ୍‌କୋ ସବୁ ସରକାରୀ କାର୍ଯ୍ୟାଳୟର ମରାମତି ଓ ରକ୍ଷଣାବେକ୍ଷଣ ଠିକ୍ ସମୟରେ କରୁଥିବାବେଳେ ଏବେ ଆମକୁ ଅନୁଦାନ ମିଳିନି କହି କାମ କରୁନାହାନ୍ତି।

# ବାରଙ୍ଗରେ ଜନ ଶୁଣାଣି : ୬୨ ଅଭିଯୋଗ ଗ୍ରହଣ

**କଟକ, ନ୍ୟୁଜ ବ୍ୟୁରୋ**

ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ଓ ବିଭିନ୍ନ ସରକାରୀ ସେବା ସମ୍ପର୍କିତ ଅଭିଯୋଗର ତ୍ୱରିତ ନିଷ୍ପତ୍ତି ଲକ୍ଷ୍ୟରେ ସୋମବାର କଟକ ଜିଲ୍ଲାର ବାରଙ୍ଗ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଶିବିରରେ ମୋଟ ୬୨ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୫୮ଟି ବ୍ୟକ୍ତିଗତ ଏବଂ ୪ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିସହ ୧୬ଟି ଅଭିଯୋଗର ତ୍ୱରିତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଶିବିରରେ କୃଷି, ଶିକ୍ଷା, ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ, ଭିନ୍ନକ୍ଷମଙ୍କ ସମସ୍ୟା ଏବଂ ବିଭିନ୍ନ ଭତ୍ତା ସମ୍ପର୍କିତ ଅଭିଯୋଗଗୁଡ଼ିକର ଶୁଣାଣି କରାଯାଇଥିଲା। ଅଭିଯୋଗ ଗୁଡ଼ିକର ଯଥାଶୀଘ୍ର ସମାଧାନ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ।





# ବ୍ରହ୍ମପୁରରେ ନକଲି ମସଲା ଫ୍ୟାକ୍ଟ୍ରି ଠାବ:୩୦ ଟନ୍ ସାମଗ୍ରୀ, ୪ ମିଲିଂ ମେସିନ୍ ଜବତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ନକଲି ଟମାଟୋ ସସ୍, ବେଆଇନ୍ ତେଲ ପରେ ଏବେ ନକଲି ଖାଦ୍ୟ ମସଲା ତିଆରି ଫ୍ୟାକ୍ଟ୍ରି ଠାବ ହୋଇଛି। ବ୍ରହ୍ମପୁରରେ ଥମୁନି ଭେଜାଲ୍ ସାମଗ୍ରୀ କାରବାର। ବଡ଼ବଜାର ଥାନା ପୋଲିସ ନକଲି ମସଲା ଫ୍ୟାକ୍ଟ୍ରିରେ ଚଢ଼ଉ କରି ୩୦ ଟନ୍‌ରୁ ଅଧିକ ଭେଜାଲ୍ ସାମଗ୍ରୀ, ୪ ମିଲିଂ ମେସିନ୍ ଜବତ କରିଛି। ଲକ୍ଷ୍ମୀନୃସିଂହ ସାହି ସପ୍ତମ ଗଳିରେ ଏକ କୋଠା ମଧ୍ୟରେ ବଡ଼ ବଡ଼ ମିଲିଂ ମେସିନ୍ ବସାଇ ନକଲି ସାମଗ୍ରୀ ଉତ୍ପାଦନ କରୁଥିଲା ଅଭିଯୁକ୍ତ ଓ ତାର ସହଯୋଗୀ ୩ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ପୋଲିସ। ବ୍ରହ୍ମପୁର ଏସ୍‌ପି ଅଭିନବ ସୋନକରଙ୍କ ନିର୍ଦ୍ଦେଶରେ ଟାଉନ୍ ଏସ୍‌ଡ଼ିପିଓ ପ୍ରିୟସ ରଞ୍ଜନ ଛୋଟରାୟ ଓ ବଡ଼ବଜାର ଥାନା ଅଧିକାରୀ ଆଶିଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ କୋଠାରେ ଚଢ଼ଉ କରିଥିଲା। ଉକ୍ତ କୋଠାରୁ ମିଳିଥିଲା ୩୦ ଟନ୍‌ରୁ ଅଧିକ ପ୍ୟାକିଂ ହୋଇଥିବା ଓ ଖୋଲାରେ ଥିବା ହଳଦି ଗୁଣ୍ଡ, ମରିଚ ଗୁଣ୍ଡ ଓ ଅନ୍ୟାନ୍ୟ ଖାଦ୍ୟ ମସଲା ସାମଗ୍ରୀ। ଏଥିସହ କଞ୍ଚାମାଲ, ୪ଟି ମିଲିଂ ମେସିନ୍ ଓ ପ୍ରାୟ ୫ଟି ପ୍ୟାକିଂ ମେସିନ୍ ମିଳିଥିଲା। ବାହାରୁ କଞ୍ଚାମାଲ୍ ଆଣି ସେହି କୋଠା ଭିତରେ ମିଲିଂ କରିବା ସହ ତାହାକୁ ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ଜରିଏ ପ୍ୟାକିଂ କରି ବଜାରରେ ବିକ୍ରି କରାଯାଉଥିଲା। ଗଞ୍ଜାମ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନ ଏପରିକି ରାଜ୍ୟ ବାହାରକୁ ବିକ୍ରି ପାଇଁ ପଠାଯାଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସହରର ଅନେକ ଗଳି କନ୍ଦିରେ ଭେଜାଲ୍ ବ୍ୟବସାୟୀ ସେମାନଙ୍କ ସାମ୍ରାଜ୍ୟ ବାରମ୍ବାର ବିସ୍ତାର କରି ଚାଲିଛନ୍ତି। କିଏ ନାମୀ କମ୍ପାନୀ ନାଁରେ ନକଲି ଟମାଟୋ, ଚିଲି, ସୋୟା ସସ୍ ନିର୍ମାଣ କରୁଛି ତ କେହି ଭେଜାଲ୍ ତେଲ, ଡିଟରଜେଣ୍ଟ ପାଉଡ଼ର, ମସଲାଗୁଣ୍ଡ ଓ ଆଚାର ପ୍ରସ୍ତୁତ କରି ବିକୁଛି। ବିଶେଷ କରି ସହରର ବଡ଼ ବଜାର ଅଞ୍ଚଳରୁ ମାଲ ମାଲ ନକଲି ସାମଗ୍ରୀ ତିଆରି କାରଖାନା ଠାବ ହେଉଛି। କିଛିଦିନ ପୂର୍ବେ ବଡ଼ବଜାର ପୋଲିସ ଚଢ଼ଉ କରି ୨ଟି କାରଖାନା ଠାବ କରିଥିଲା। ସପ୍ତାହେ ବିତିନି, ପୁଣି ଏତେ ବଡ଼ କାରଖାନା ସାହି ମଧ୍ୟରେ ଠାବ ହୋଇଛି। ତେବେ ବିଏମ୍‌ସିର ଖାଦ୍ୟ ନିରାପତା ବିଭାଗ କିପରି ନିରବଦ୍ରଷ୍ଟା ସାଜିଥିଲା ତାହା ପ୍ରଶ୍ନବାଚୀ। ଗତ ୪ ତାରିଖରେ ବଡ଼ବଜାର ଥାନା ପୋଲିସ ନକଲି ସସ୍ ତିଆରି ଓ ବେଆଇନ୍ ତେଲ ବିକ୍ରି ଅଭିଯୋଗରେ ପୃଥକ୍ ମାମଲାରେ ଶଙ୍କର ସ୍ୱାଇଁ (୪୪) ଓ ଏସ୍‌ପି ଶଙ୍କର ରାଓ (୫୭)ଙ୍କୁ ଗିରଫ କରିଥିଲା। ପ୍ରାୟ ୪୧୦୦ ଲିଟର ସାମଗ୍ରୀ ଜବତ ହୋଇଥିଲା। ଗଣପତି ନଗର ୫ ଗଳିରେ ଚଢ଼ଉ କରି ବେଆଇନ୍ ତେଲ ପ୍ୟାକିଂ ୟୁନିଟ୍‌ରୁ ୨୪୦ ଲିଟର ନଡ଼ିଆ ତେଲ, ୨୨୪ ଲିଟର ଚଣା ତେଲ, ୧୫ ଲିଟର ରାଶି ତେଲ, ଗୋଟିଏ ପ୍ୟାକିଂ ମେସିନ୍, ୪୫୦ ଖାଲି ବୋତଲ ଜବତ କରିଥିଲା ପୋଲିସ। ସେହିପରି ଦ୍ୱାରିକା ନଗରରେ ଚାଲିଥିବା ନକଲି ସସ୍ କାରଖାନାରୁ ୧୯୫୦ ଲିଟର ଟମାଟୋ ସସ୍, ୮୫୦ ଲିଟର ଟମାଟୋ କ୍ୟାଚ୍‌ଅପ୍, ୩୯୦ ଲିଟର ସୋୟାବିନ୍ ସସ୍, ୪୫୦ ଲିଟର ଚିଲି ସସ୍, ଗୋଟିଏ ଓଜନ ମେସିନ୍ ଓ ୪ଟି ପ୍ୟାକିଂ ମେସିନ୍ ସହ ଅନ୍ୟ ସାମଗ୍ରୀ ଜବତ ହୋଇଥିଲା।

# ମାଁ ସୁରେଶ୍ୱରୀଙ୍କ ସମେତ ତିନି ଦେବୀଙ୍କ ଚନ୍ଦ୍ରଘଣ୍ଟା ବେଶ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଶାରଦୀୟ ନବରାତ୍ରିର ତୃତୀୟ ଦିବସରେ ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସୁରେଶ୍ୱରୀଙ୍କ ସମେତ ମାଁ ଭଗବତୀ ଓ ମାଁ ଦୁର୍ଗାଦେବୀ ଚନ୍ଦ୍ରଘଣ୍ଟା ବେଶରେ ଭକ୍ତମାନଙ୍କୁ ଦିବ୍ୟ ଦର୍ଶନ ଦେଇଛନ୍ତି। ତିନି ଦେବୀଙ୍କ ଏହି ମନୋମୁଗ୍ଧକର ବେଶ ଦର୍ଶନ ପାଇଁ ଦେବୀପୀଠଗୁଡ଼ିକରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ମାଁ ଦୁର୍ଗାଙ୍କ ନବଦୁର୍ଗା ସ୍ୱରୂପ ମଧ୍ୟରୁ ଚନ୍ଦ୍ରଘଣ୍ଟା ତୃତୀୟ ସ୍ୱରୂପ। ମାଁଙ୍କ ମସ୍ତକରେ ଘଣ୍ଟା ଆକୃତିର ଅର୍ଦ୍ଧଚନ୍ଦ୍ର ଶୋଭା ପାଉଥିବାରୁ ତାଙ୍କୁ ଚନ୍ଦ୍ରଘଣ୍ଟା କୁହାଯାଏ। ଦଶଭୁଜା ମାଁଙ୍କ ଏହି ଦିବ୍ୟ ସ୍ୱରୂପ ଶକ୍ତି, ସାହସ, ଶାନ୍ତି ଓ ଧର୍ମର ପ୍ରତୀକ। ତାଙ୍କର ବିଭିନ୍ନ ଅସ୍ତ୍ରଶସ୍ତ୍ର ଦୁଷ୍ଟଶକ୍ତିର ବିନାଶ ଏବଂ ଧର୍ମର ସୁରକ୍ଷାର ବାର୍ତ୍ତା ପ୍ରଦାନ କରେ। ପୌରାଣିକ ମତ ଅନୁସାରେ, ଦେବୀ ଚନ୍ଦ୍ରଘଣ୍ଟା ଅନ୍ୟାୟ ଓ ଅସୁରଶକ୍ତିର ବିନାଶ କରି ଧର୍ମର ପ୍ରତିଷ୍ଠା କରନ୍ତି। ତାଙ୍କ ଘଣ୍ଟାଧ୍ୱନି ଦୁଷ୍ଟଶକ୍ତିକୁ ପରାସ୍ତ କରିବା ସହ ଭକ୍ତମାନଙ୍କ ମନରେ ନିର୍ଭୟତା ଓ ଆତ୍ମବିଶ୍ୱାସ ଜାଗ୍ରତ କରେ। ତେଣୁ ଏହି ଦିନ ମାଁଙ୍କ ଆରାଧନାର ବିଶେଷ ମହତ୍ତ୍ୱ ରହିଛି। ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ରର ସାଧନା ପରମ୍ପରାରେ ସମୃଦ୍ଧ ସୁବର୍ଣ୍ଣପୁରରେ ମାଁ ସୁରେଶ୍ୱରୀ, ମାଁ ଭଗବତୀ ଓ ମାଁ ଦୁର୍ଗାଦେବୀଙ୍କ ଏହି ବେଶ ଭକ୍ତମାନଙ୍କ ମନରେ ଆଧ୍ୟାତ୍ମିକ ଉତ୍ସାହ ଭରିଦେଇଛି। ଜନବିଶ୍ୱାସ ଅନୁଯାୟୀ, ମାଁଙ୍କ ଦର୍ଶନ ଜୀବନରେ ସୁଖ, ଶାନ୍ତି ଓ ମଙ୍ଗଳ ଆଣିଥାଏ। ଏହି ବିଶ୍ୱାସକୁ ହୃଦୟରେ ଧାରଣ କରି ଶ୍ରଦ୍ଧାଳୁମାନେ ମାଁଙ୍କ ଦର୍ଶନ କରିବା ସହ ପରିବାର ଓ ସମାଜର ମଙ୍ଗଳ କାମନା କରୁଛନ୍ତି।

# ଐତିହାସିକ ରୂପଯାତ୍ରାକୁ ଶୃଙ୍ଖଳାର ସହ ପାଳନ ପାଇଁ କମିସନରେଟ ପୋଲିସର ଗୁରୁତ୍ୱ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**



ଚୌଦ୍ୱାରର ପ୍ରସିଦ୍ଧ ରୂପଯାତ୍ରା ପାଇଁ କମିସନରେଟ ପୋଲିସ ତରଫରୁ ଏକ ପ୍ରସ୍ତୁତି ବୈଠକ ଗାନ୍ଧୀଛକ ସ୍ଥିତ ପୌର ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ଥାନା ଆଇଆଇସି ରଜନୀକାନ୍ତ ଦାସ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଚୌଦ୍ୱାରର ଏହି ଐତିହାସିକ ରୂପଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ସମସ୍ତ ନୀତି ନିୟମ ମାନି କାର୍ଯ୍ୟ କରିବାକୁ ସମସ୍ତ ମେଢ଼ କମିଟି କର୍ମକର୍ତ୍ତା, ଯୁବଗୋଷ୍ଠୀ ଓ ଚୌଦ୍ୱାରର ନାଗରିକ ମାନଙ୍କୁ ନିବେଦନ କରିଥିଲେ। ମଦମୁକ୍ତ ଭସାଣି ଓ ଡିଜେମୁକ୍ତ ରୋଷଣି ସ୍ଲୋଗାନ୍ ଉପରେ କମିସନରେଟ ପୋଲିସ ଗୁରୁତ୍ୱ ଦେଉଥିବାରୁ ଏହାକୁ ମାନି ସମସ୍ତେ ଯାତ୍ରାକୁ ଉପଭୋଗ୍ୟ କରିବାକୁ ନିବେଦନ କରିଥିଲେ। ମେଢ଼ ପେଣ୍ଡାଲ ଓ ସାଂସ୍କୃତିକ ପେଣ୍ଡାଲ ଗୁଡ଼ିକରେ ଉନ୍ନତ ମାନର ବିଦ୍ୟୁତ୍ ସରଞ୍ଜାମ ବ୍ୟବହାର, ଅଗ୍ନି ନିର୍ବାପକ ଯନ୍ତ୍ର ରଖିବା ଓ ସିସିଟିଭି କ୍ୟାମେରା ସଂଯୋଗ ପାଇଁ ଇନିସ୍ପେକ୍ଟର ନିରଞ୍ଜନ ଭୋଇ ମେଢ଼ ମଣ୍ଡପମାନଙ୍କୁ ପରାମର୍ଶ ଦେବା ସହିତ ଯାତ୍ରାରେ ଶୃଙ୍ଖଳା ରକ୍ଷା ପାଇଁ ମେଢ଼ଗୁଡ଼ିକ ସମୟ ଅନୁବର୍ତ୍ତୀତା ହେବାକୁ ସେ ପରାମର୍ଶ ଦେଇଥିଲେ। ଦୁର୍ଘଟଣାକୁ ଏଡ଼ାଇବା ପାଇଁ ମେଢ଼ ମଣ୍ଡପ ଗୁଡ଼ିକ ସହିତ ଯାତ୍ରା ପଡ଼ିଆରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ସହିତ ସୁରକ୍ଷିତ ବିଦ୍ୟୁତ୍ ବ୍ୟବସ୍ଥା କରିବା ପାଇଁ ଚୌଦ୍ୱାର ଅଗ୍ନିଶମ ଅଧିକାରୀ ସୌମ୍ୟରଞ୍ଜନ ରାଉତ ପରାମର୍ଶ ଦେଇଥିଲେ। ପୂଜା କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ସମ୍ପାଦକ ନାରାୟଣ ସ୍ୱାଇଁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ଟାଟଶ ପାୱାର ଜେଇ ପର୍ଶୁରାମ ଓଝା ପ୍ରମୁଖ ଏଥିରେ ଯୋଗଦେଇ ବହୁ ପୁରାତନ ଏହି ଐତିହାସିକ ରୂପଯାତ୍ରାକୁ ଶୃଙ୍ଖଳାର ସହ ପାଳନ କରି ଏହାର ଗୌରବକୁ ରକ୍ଷା କରିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ବିଭାଗ ଅଧିକାରୀ ମାନଙ୍କ ସହିତ ୪୩ଟି ମେଢ଼ କମିଟିର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ ଆସନ୍ତା ଅକ୍ଟୋବର ମାସ ୨୬ ତାରିଖରୁ ଚୌଦ୍ୱାରରେ କୁମାର ପୂର୍ଣ୍ଣିମା ଓ ରୂପଯାତ୍ରା ଉତ୍ସବର ଆରମ୍ଭ ହେବା ସହିତ ୨୭ ତାରିଖ ରୂପଯାତ୍ରା ଉଦ୍‌ଘାଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ୨୮ ତାରିଖ ସମସ୍ତ ମଣ୍ଡପରୁ ମୃଣ୍ମୟ ପ୍ରତିମାଙ୍କ ରୂପଯାତ୍ରାକୁ ଆଗମନ ଓ ୨୯ ତାରିଖ ବିସର୍ଜନ ଶୋଭାଯାତ୍ରା ସହିତ ପ୍ରତେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଯାତ୍ରା କମିଟି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

# ଦକ୍ଷିଣ କାଳୀଙ୍କ ମନ୍ଦିର ସଦୃଶ ତୋରଣରେ ବିରାଜିବେ ମା'

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**



ଆଉ କେଇଟା ଦିନ ପରେ ଧରାବତରଣ କରିବେ ମା' ଦୁର୍ଗା। ଚଳଚଞ୍ଚଳ ହୋଇପଡ଼ିଛି ଜେକେପୁର। ଚାରିଆଡ଼େ ଖୁସିର ମାହୋଲ। ଆନନ୍ଦ ଉଲ୍ଲାସରେ ଫାଟି ପଡୁଛି ଭକ୍ତଙ୍କ ମନ। ଜେକେପୁର ଦୁର୍ଗାପୂଜା କମିଟି ଚଳିତ ବର୍ଷ ମହାଆଡ଼ମ୍ବରରେ ଦୁର୍ଗାପୂଜା ପାଳନ କରିବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିବର୍ଷ ପରି କମିଟି ଚଳିତ ବର୍ଷ କଲିକତାର ମା' ଦକ୍ଷିଣ କାଳୀଙ୍କ ମନ୍ଦିର ସଦୃଶ ଆକର୍ଷଣୀୟ ତୋରଣ ନିର୍ମାଣ କରୁଛି। ୧୧ ଫୁଟର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସହ ୭୯ ଫୁଟର ମେଢ଼ କାମ ଜାରି ରହିଛି। ଏହାକୁ କାରିଗର ସର୍ବେଶ୍ୱର ବେହେରା ନିର୍ମାଣ କରୁଛନ୍ତି। ପୂଜା କମିଟିର ଅଧ୍ୟକ୍ଷ ବିନୟ ଦ୍ୱିବେଦୀ ଓ ସମ୍ପାଦକ ବିଶ୍ୱଜିତ୍ ଦ୍ୱିବେଦୀଙ୍କ ନେତୃତ୍ୱରେ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି। ପୂଜା ମଣ୍ଡପକୁ ସଂଯୋଗ କରୁଥିବା ରାସ୍ତାରେ ଏଲ୍‌ଇଡି ଲାଇଟ୍‌ର ଗେଟ୍ ଲାଗିବା ସହିତ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯିବା ନେଇ ସୂଚନା ମିଳିଛି। ମନ୍ଦିର ନିକଟସ୍ଥ ପଡିଆରେ ବିଭିନ୍ନ ଷ୍ଟଲ୍ ନିର୍ମାଣ, ସାଜସଜ୍ଜା ଓ ଅନ୍ୟାନ୍ୟ ବ୍ୟବସ୍ଥାର କାର୍ଯ୍ୟ ଜାରି ରହିଛି। ନବରାତ୍ର ଅବସରରେ ଦାଣ୍ଡିଆ ନୃତ୍ୟର ମଧ୍ୟ ବିଶେଷ ଆୟୋଜନ ଆରମ୍ଭ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ବିଭିନ୍ନ ମନୋରଞ୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଅକ୍ଟୋବର ୨୦ ତାରିଖରେ ବୁଗୀବୁଗୀ, ଅପେରା ଏବଂ ୨୧, ୨୨ ଓ ୨୩ ପର୍ଯ୍ୟନ୍ତ ମ୍ୟୁଜିକ ନାଇଟ୍ ଓ ମୀନା ବଜାର, ୨୧ ତାରିଖରେ ଜେକେ ପୂଜାର ବିଶେଷ ଆକର୍ଷଣ ହେଉଛି ୭୦ ଫୁଟର ରାବଣ ପୋଡ଼ି ଏହାର ମଧ୍ୟ ଆୟୋଜନ କରାଯାଉଛି। ରାଜ୍ୟ ସରକାରଙ୍କ ସମସ୍ତ ନିୟମ ପାଳନ କରିବା ସହିତ ଯଥାବିଧି ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବାର ବ୍ୟବସ୍ଥା କରାଯାଇଛି। ଏହା ସହିତ ପୂଜା ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ଦର୍ଶକମାନଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷିତ ଓ ସୁସଂଗଠିତ ଭାବେ ସମ୍ପନ୍ନ କରିବା ପାଇଁ ସୁରକ୍ଷା, ସ୍ୱଚ୍ଛତା, ଅନୁଶାସନ, ଲଜିଷ୍ଟିକ୍ ବ୍ୟବସ୍ଥା ଓ ଭିଡ଼ ପରିଚାଳନା ଆଦି ପାଇଁ ପୃଥକ୍ ପୃଥକ୍ ସବ୍-କମିଟି ଗଠନ କରାଯାଇଛି। ସେମାନଙ୍କ ସୁବିଧା ସହିତ ସୁରକ୍ଷା ଓ ଶୃଙ୍ଖଳା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି ସମସ୍ତ ବ୍ୟବସ୍ଥା ଯୋଗୁଁ ଚଳିତବର୍ଷର ଦୁର୍ଗାପୂଜା ଜେକେପୁରରେ ଏକ ଆକର୍ଷଣୀୟ ଓ ସୁସଂଗଠିତ ଉତ୍ସବରେ ପରିଣତ ହେବ ବୋଲି ଆଶା କରାଯାଉଛି ବୋଲି ପୂଜା କମିଟିର ଅଧ୍ୟକ୍ଷ ବିନୟ ଦ୍ୱିବେଦୀ ପ୍ରକାଶ କରିଛନ୍ତି।

# ଶିକ୍ଷକଙ୍କ ଆମରଣ ଅନଶନ ସ୍ଥଗିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଫକୀରାବାଦ ଉର୍ଦ୍ଦୁ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ସେକ୍ ମନ୍‌ସୁର୍ ଅଲ୍ଲୀଙ୍କୁ ଏନ୍‌ଡିସି ଦେଉନଥିବାରୁ ପ୍ରଧାନ ଶିକ୍ଷକ ବାଧ୍ୟ ହୋଇ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିରହିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ଅଲ୍ଲୀ ଏହା ପୂର୍ବରୁ ମଧ୍ୟ ୩୦ ତାରିଖ ଦିନ ଆମରଣ ଅନଶନରେ ବସିଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ତାଙ୍କ ସାଙ୍ଗରେ ଆଲୋଚନା କରି ତାଙ୍କୁ ଏନ୍‌ଡିସି ଦେବାକୁ ୫ ଦିନ ସମୟ ନେଇଥିଲେ। ୫ ଦିନ ଅତିକ୍ରମ କଲାପରେ ମଧ୍ୟ ତାଙ୍କୁ ଏନ୍‌ଡିସି ନମିଳିବାରୁ ସେ ବାଧ୍ୟ ହୋଇ ମଙ୍ଗଳବାର ପୁନର୍ବାର ଜିଲ୍ଲା ସଂଯୋଜକ କାର୍ଯ୍ୟାଳୟ ଆଗରେ ସମର୍ଥକ ଓ ସଂଘ ଶିକ୍ଷକ ମାନଙ୍କ ସହ ଆମରଣ ଅନଶନରେ ବସିରହିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ସେଠାରେ ପହଞ୍ଚି ପ୍ରଧାନ ଶିକ୍ଷକ ଓ ସଂଘର ଅନ୍ୟ ଶିକ୍ଷକମାନଙ୍କ ସହ ଆଲୋଚନା କରି ବ୍ଲକ ଶିକ୍ଷା ଅଧିକାରୀ ବିଇଓଙ୍କୁ ଡାକି ତାଙ୍କର ପେନ୍‌ସନ୍‌ର ସମସ୍ତ କାଗଜପତ୍ର ବୁଧବାର ସୁଦ୍ଧା ସମସ୍ତ କାଗଜପତ୍ର କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯାହାଫଳରେ ଶ୍ରୀ ଅଲ୍ଲୀ ତାଙ୍କର ବକେୟା ଥିବା ସମସ୍ତ ଟଙ୍କା ଓ ପୁରୁଣା ପେନ୍‌ସନ୍ ପାଇପାରିବେ ବୋଲି ପ୍ରତିଶ୍ରୁତି ଦେବାପରେ ତାଙ୍କର ଅମରଣ ଅନଶନ ସ୍ଥଗିତ ରହିଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଏହି ଆଲୋଚନା ସମୟରେ କର୍ମଚାରୀ ସଂଘର ସଭାପତି ହେମନ୍ତ କୁମାର ଜେନା, ସଂଗଠନ ସମ୍ପାଦକ କାଶୀନାଥ ରାଉତରାୟ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍‌ର ପୂର୍ବତନ ମହାସଚୀବ ଭ୍ରମରବର ରାଉତ, ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ପ୍ରସାଦ ରାଉତ, ସଦସ୍ୟ ଗିରିଧାରୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରବାସୀ ସାହୁ, ତ୍ରୈଲୋକ୍ୟ ଚନ୍ଦ୍ର ମହାନ୍ତି, ସ୍କୁଲ୍ କମିଟିର ସଭ୍ୟା ସମ୍‌ସାଦ ବିବି, ସୁହାନା ବେଗମ୍, ରାମାତୁନ୍ ବିବି, ସେକ୍ ଫୁରକାନ୍, ସେକ୍ ସମୀନ୍ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି ଅନଶନକାରୀ ଶ୍ରୀ ଅଲ୍ଲୀଙ୍କୁ ସହଯୋଗ କରିଥିଲେ।



# ବିଜେପିର ସାଙ୍ଗଠାନିକ ବୈଠକ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ପୌର ପରିଷଦ ଅନ୍ତର୍ଗତ ଗୋପାଳସାଗର ସ୍ଥିତ ମାର୍କଣ୍ଡେଶ୍ୱର ମହାଦେବ ମନ୍ଦିରରେ ଛାତ୍ର ସଂସଦ ନିର୍ବାଚନ ପ୍ରରିପେକ୍ଷୀରେ ବିଜେପିର ଏକ ସାଂଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ସାମ୍ମାନୀତ ଅତିଥି ଭାବେ ଜଗତସିଂହପୁର ପୂର୍ବତନ ବିଜେପି ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଜଗନ୍ନାଥ ଦାଶ, ଜଗତସିଂହପୁର ଜିଲ୍ଲା ମହିଳା ମୋର୍ଚ୍ଚା ଜିଲ୍ଲା ସଭାପତି କଳ୍ପନା ସର୍ଜନ ସିଂ, ପ୍ରାକ୍ତନ ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି କ୍ରିଷ୍ଣା ପ୍ରିୟା ମହାନ୍ତି, ସୁରେଶ ନନ୍ଦ ପ୍ରମୁଖ ସାମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବିଜେପିର ଅନୁଷ୍ଠିତ ବୈଠକରେ ଜଗତସିଂହପୁରରେ ଛାତ୍ର ସଂସଦ ନିର୍ବାଚନରେ କିପରି ସମସ୍ତ ପାର୍ଥି ବିଜୟୀ ହୋଇପାରିବେ ସେ ସମ୍ପର୍କରେ ସମସ୍ତ ଅତିଥିମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ସଭା କାର୍ଯ୍ୟକ୍ରମକୁ ପୂର୍ବତନ କାଉନସିଲର ସୁଶାନ୍ତ ରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏହାପରେ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଏବିଭିପିର ଛାତ୍ରଛାତ୍ରୀ, ଏବିଭିପିର ସଭାପତି ପାର୍ଥି ଶାଶ୍ୱତୀ ସୌମ୍ୟା ସ୍ୱାଇଁ, ଉପସଭାପତି ସ୍ୱଦେଶ କୁମାର ନାୟକ, ସାଧାରଣ ସମ୍ପାଦକ ବିଶ୍ୱଜିତ ପ୍ରଧାନ, ସହ ସମ୍ପାଦକ ସରୋଜିନୀ ବରାଳ, କ୍ରୀଡ଼ା ସମ୍ପାଦକ ସୌମ୍ୟ ରଞ୍ଜନ ଜେନା, ସହ କ୍ରୀଡ଼ା ସମ୍ପାଦକ ବିବେକ ବିଶ୍ୱାଳ, ସୋସିଆଲ ସର୍ଭିସ ସମ୍ପାଦକ ରୁଦ୍ର ପ୍ରସାଦ ନାୟକ, ସାଂସ୍କୃତିକ ସମ୍ପାଦକ ଆଶୁତୋଷ ପରିଡା, ସହ ସାଂସ୍କୃତିକ ସମ୍ପାଦକ ଏସ୍‌କେ ସାହିଲ, ଡିଏସ୍ ସମ୍ପାଦକ ହିମାଂଶୁ ପାଲ, ସହ ଡିଏସ୍ ସମ୍ପାଦକ ସୌରଜିତ ବେହେରା, ସେକ୍ରେଟାରୀ ବଏଜ୍ କମନ ରୁମ୍ ଆକାଶ ସାହୁ, ସହ ସମ୍ପାଦକ ବଏଜ୍ କମନ୍ ରୁମ୍ ଓମ୍ ପ୍ରକାଶ ବେହେରା, ଗାର୍ଲସ୍ କମନ୍ ରୁମ୍ ସମ୍ପାଦକ ବର୍ଷା ରାଣୀ ସାହୁ, ସେକ୍ରେଟାରୀ ସାଇନ୍ସ ସୋସାଇଟି ସେକ୍ରେଟାରୀ ବିଶ୍ୱଜିତ ବେହେରା, ସହ ସାଇନ୍ସ ସୋସାଇଟସେକ୍ରେଟାରୀ ସୁଭଦ୍ରା ପଣ୍ଡା ସମସ୍ତ ପାର୍ଥି ଉପସ୍ଥିତ ନେତୃମଣ୍ଡଳୀ ମାନଙ୍କ ନିକଟରେ ଭୋଟ ଭିକ୍ଷା କରିଥିଲେ।

# ନାମାଙ୍କନ ନାକଚକୁ ନେଇ କଲେଜରେ ଉତ୍ତେଜନା:ଛାତ୍ର ନେତାଙ୍କ ଅନଶନ

**ସାଲେପୁର, ନ୍ୟୁଜ୍**

ମାହାଙ୍ଗା ସ୍ଥିତ ପୁଷ୍ପଗିରି ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ବଢୁଛି ଅସନ୍ତୋଷ। ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ କରିଥିବା ମେଧାବୀ ଛାତ୍ର ରୁଦ୍ରନାରାୟଣ କରଙ୍କ ନାମାଙ୍କନପତ୍ର ନାକଚ ହେବାପରେ ତୀବ୍ର ପ୍ରତିବାଦ ଦେଖାଦେଇଛି। ଏହାକୁ ନେଇ ରୁଦ୍ରଙ୍କ ସମର୍ଥକମାନେ ଅନିୟମିତତାର ଅଭିଯୋଗ ଆଣିବା ସହ ନାମାଙ୍କନପତ୍ର ନାକଚ ଘଟଣାର ପୁନର୍ବିଚାର କରି ତାଙ୍କୁ ନିର୍ବାଚନରେ ଲଢ଼ିବାକୁ ସୁଯୋଗ ଦେବାକୁ ଦୃଢ଼ ଦାବି କରିଛନ୍ତି। ଏହି ଦାବିରେ ଗତ ସୋମବାର ଠାରୁ ଛାତ୍ରନେତା ରୁଦ୍ର ନାରାୟଣ ଗଣତାନ୍ତ୍ରିକ ଅଧିକାର ପାଇଁ ଅନଶନରେ ବସିରହିବା ଦେଖିବାକୁ ମିଳିଥିବା ବେଳେ, ତାଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ରୁଦ୍ରଙ୍କ ସମର୍ଥକ ଛାତ୍ର ଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ, ଛାତ୍ରଙ୍କ ନାମାଙ୍କନପତ୍ର ନାକଚ ଘଟଣାରେ ପ୍ରଶାସନ ଓ ନିର୍ବାଚନ ପରିଚାଳନା କମିଟିର ହସ୍ତକ୍ଷେପ ଦାବି ଜୋର୍ ଧରିଛି। ତେବେ ଏହି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ଅନଶନ ସ୍ଥଳୀରୁ ରୁଦ୍ରଙ୍କୁ ଉଠାଇଆଣି ମାହାଙ୍ଗା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ରୁଦ୍ରଙ୍କ ଅବସ୍ଥା ବିଗିଡି ନଥିଲେ ମଧ୍ୟ ତାଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତର ପାଇଁ ମସୁଧା ଚାଲିଥିବା ବେଳେ, ରାଜ୍ୟ ଛାତ୍ର କଂଗ୍ରେସ ନେତାମାନେ ଏହି ଘଟଣାରେ ହସ୍ତକ୍ଷେପ କରିବାରୁ, ପୋଲିସ ଓ କଲେଜ ପ୍ରଶାସନଙ୍କ ଚକ୍ରାନ୍ତ ବିଫଳ ହୋଇଯାଇଥିଲା। ରୁଦ୍ର ହସ୍ପିଟାଲ୍‌ରୁ ଫେରି ପୁଷ୍ପଗିରି କଲେଜ ପରିସରରେ ପୁନର୍ବାର ଗାନ୍ଧିଜୀଙ୍କ ଫଟୋ ଚିତ୍ର ତଳେ ଆମରଣ ଅନଶନ ଜାରିରଖିବା ଚର୍ଚ୍ଚାର ବିଷୟ ହୋଇଛି। ରାଜନେତା, କଲେଜ କର୍ତ୍ତୃପକ୍ଷ ଏବଂ ପୋଲିସ ମିଳିତ ଭାବେ ଜଣେ ମେଧାବୀ ଛାତ୍ରଙ୍କୁ ନିର୍ବାଚନ ପ୍ରକ୍ରିୟାରୁ ବଞ୍ଚିତ ପାଇଁ ଯେଉଁ ହୀନ ଚକ୍ରାନ୍ତ ଚଳାଇଛନ୍ତି। ଏହାକୁ ବୁଦ୍ଧିଜୀବୀ ମାନେ ତୀବ୍ର ନିନ୍ଦା କରିଛନ୍ତି।

# କୂଅରୁ ହାତୀକୁ ସୁରକ୍ଷିତ ଭାବେ ଉଦ୍ଧାର

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଅନ୍ତର୍ଗତ ଚଲକି ପଞ୍ଚାୟତର ହୀରାପୁର ଗାଁ ଡମମରା ପାହାଡ଼ ନିକଟରେ ଥିବା କୂଅରେ ଖସିପଡିଥିଲା ଏକ ହାତୀ। ଖବରପାଇ ବନ ବିଭାଗ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀଟିକୁ ସୁରକ୍ଷିତ ଭାବେ କୂଅରୁ ଉଦ୍ଧାର କରିଛନ୍ତି। ସୂଚନା ଅନୁଯାୟୀ, ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଅନ୍ତର୍ଗତ ଚଲକି ପଞ୍ଚାୟତର ହୀରାପୁର ଗାଁ ଡମମରା ପାହାଡ଼ ନିକଟରେ ଥିବା କୂଅରେ ରାତିରେ ହାତୀଟି ଖସି ପଡ଼ିଥିଲା। ହାତୀଟି କୂଅରୁ ବାହାରକୁ ବାହାରିବାକୁ ଅପ୍ରାଣ ଉଦ୍ୟମ କରିଥିଲେ ବି ତାହା ସମ୍ଭବ ହୋଇପାରିନଥିଲା। ସକାଳେ ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀଟିକୁ କିପରି କୂଅ ଭିତରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବ ସେନେଇ ପ୍ରଚେଷ୍ଟା କରିଥିଲେ। ଅଗ୍ନିଶମ ବିଭାଗ ଜେସିବି ସାହାଯ୍ୟରେ ହାତୀଟିକୁ କୂଅରୁ ବାହାର କରିଥିଲେ। ହାତୀଟି ରାତିରେ ଖାଦ୍ୟ ଅନ୍ୱେଷଣରେ ଆସି ଅନ୍ଧାରରେ ବାଟବଣା ହୋଇ କୂଅରେ ଖସିପଡିଥିବା ଅନୁମାନ କରାଯାଉଛି।

# ହାଇକୋର୍ଟଙ୍କ ଛାଟ:ନୀଳଗିରିରେ ଭାଙ୍ଗିଲା ୧୩ ଇଟାଭାଟି

**ବାଲେଶ୍ୱର, ନ୍ୟୁଜ୍**

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ନୀଳଗିରି ଅଞ୍ଚଳରେ ଥିବା ବେଆଇନ୍ ଇଟାଭାଟି ଏବଂ ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ନିର୍ମିତ ଇଟାଭାଟିଗୁଡ଼ିକୁ ଭାଙ୍ଗି ଦିଆଯାଇଛି। ଏହି ଅଭିଯାନରେ ମୋଟ୍ ୧୩ଟି ବେଆଇନ୍ ଇଟାଭାଟି ଉଚ୍ଛେଦ କରାଯାଇଛି। ନୀଳଗିରି ଅଞ୍ଚଳର ବଉଲଗଡ଼ିଆ, ସନ୍ତରାଗଡ଼ିଆ, କାଣ୍ଡଗରଡ଼ି ଏବଂ ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ପରିବେଶ ସୁରକ୍ଷା ଏବଂ ଆଇନ୍‌ର ଅନୁପାଳନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅଭିଯାନରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଲବ୍ୟ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ନୀଳଗିରି ଓ ବାଲେଶ୍ୱର ତହସିଲଦାର ଏବଂ ନୀଳଗିରି, ସଦର, ରେମୁଣା ଓ ଔପଦା ବ୍ଲକ୍‌ର ବିଡିଓମାନେ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟର ତଦାରଖ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆଇନ୍ ସମ୍ମତ କାର୍ଯ୍ୟକଳାପ ସୁନିଶ୍ଚିତ କରିବା ସହ ପରିବେଶ ସମ୍ବେଦନଶୀଳ ଅଞ୍ଚଳର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି।



# ସାମ୍ବାଦିକଙ୍କୁ ଧମକ ଅଭିଯୋଗ:ଏସ୍‌ପିଙ୍କୁ ସ୍ମାରକପତ୍ର

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଜନସ୍ୱାର୍ଥ ସମ୍ବଳିତ ଖବର ପ୍ରକାଶକୁ ନେଇ ସାମ୍ବାଦିକଙ୍କୁ ଧମକ ଓ ଖବର ସଂଗ୍ରହରେ ବାଧା ଦିଆଯାଉଥିବା ଅଭିଯୋଗରେ ପ୍ରେସ୍ ଆଣ୍ଡ ମିଡିଆ ୱେଲ୍‌ଫେୟାର୍ ଆସୋସିଏସନ୍, ରାୟଗଡ଼ ପକ୍ଷରୁ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଏସ୍‌ପି ଗୋସନାର ବାର୍ଲାଙ୍କୁ ସ୍ମାରକପତ୍ର ଦିଆଯାଇଛି। ଏଥିରେ ପ୍ରାୟ ୫୦ଜଣ ସାମ୍ବାଦିକ ସାମିଲ ହୋଇଥିଲେ। ଗତ ୯ ଅକ୍ଟୋବରରେ 'ସମ୍ବାଦ'ରେ ରାୟଗଡ଼ ପୌରାଞ୍ଚଳ ଡମ୍ପିଂ ୟାର୍ଡରେ ଆବର୍ଜନା ପ୍ରକ୍ରିୟାକରଣ ଓ କଥିତ ଅନିୟମିତତା ସମ୍ପର୍କରେ ଖବର ପ୍ରକାଶ ପାଇଥିଲା। ପୂର୍ବରୁ ସାମ୍ବାଦିକ କେ. ଶିବପ୍ରସାଦ ଦୋରା ମଧ୍ୟ ଡମ୍ପିଂ ୟାର୍ଡରେ ନିଆଁ ଲାଗିବା ଘଟଣା ନେଇ ଖବର ପ୍ରକାଶ କରିଥିଲେ। ଏହାପରେ ଠିକାଦାର ଓ ଉପଠିକାଦାର କୃଷ୍ଣଚନ୍ଦ୍ର ପୃଷ୍ଟି ଓରଫ କୁସିଆଙ୍କ ପକ୍ଷରୁ ଧମକ ଦିଆଯାଇଥିବା ସଂଘ ଅଭିଯୋଗ କରିଛି। ୧୦ ଅକ୍ଟୋବରରେ ଡମ୍ପିଂ ୟାର୍ଡରେ ଫଟୋ, ଭିଡିଓ ଉତ୍ତୋଳନ ସମୟରେ ସାମ୍ବାଦିକଙ୍କୁ ବାଧା ଦେବା ଓ କ୍ୟାମେରା ଛଡ଼ାଇବାକୁ ଉଦ୍ୟମ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ, 'ସମାଜ'ର ସାମ୍ବାଦିକ ବିଜୟ ମହାରଣାଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରର କଥିତ ଅନିୟମିତତା ସମ୍ପର୍କରେ ଖବର ସଂଗ୍ରହ ନେଇ ୫ ଅକ୍ଟୋବରରେ ଧମକ ଦିଆଯାଇଥିବା ସଂଘ ଦର୍ଶାଇଛି। ସଂଘ ପକ୍ଷରୁ ନିରପେକ୍ଷ ତଦନ୍ତ, ପ୍ରମାଣ ଯାଞ୍ଚ, ଦୋଷୀଙ୍କ ବିରୋଧରେ ଆଇନ୍‌ଗତ ପଦକ୍ଷେପ, ସାମ୍ବାଦିକଙ୍କ ସୁରକ୍ଷା ଏବଂ ଆବର୍ଜନା ପରିଚାଳନାର ବିଭାଗୀୟ ତଦନ୍ତ ଦାବି କରାଯାଇଛି। ପରେ ସାମ୍ବାଦିକମାନେ ପୌର କାର୍ଯ୍ୟାଳୟକୁ ଯାଇ କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କୁ ସାକ୍ଷାତ କରିଥିଲେ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

**ତା୧୫।୧୦।୨୦୨୬, ଆଶ୍ୱିନ ଦ୨୯ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୪୩।୧୫ ଚନ୍ଦ୍ରୋଦୟ- ଦିଘ୯।୪୩।୦୯**

ପଞ୍ଚମୀ ରାଘ ୩।୨୭ ପର୍ଯ୍ୟନ୍ତ। ଜ୍ୟେଷ୍ଠା ନକ୍ଷତ୍ର ଅହୋରାତ୍ର। ବିଛା ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ରାଘ ୩।୨୭ ଗତେ ନିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୪୫ ଗତେ ଦିଘ ୭।୧୮ ମଧ୍ୟେ। ପର୍ବୋତ୍ସବ- ନତଃ ପଞ୍ଚମୀ, ମା' ବିରଜା ଦେବୀଙ୍କ ପଞ୍ଚମୀ ହୋମ ଓ ଗୁରୁ ପଞ୍ଚମୀ ବ୍ରତ।



**ମେଷ:** ବ୍ୟବସାୟ ମଧ୍ୟମ ଧରଣର ହେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଶାରୀରିକ କଷ୍ଟ ଦେଖାଦେଇପାରେ। ପାରିବାରିକ ଅସହଯୋଗ ଦେଖାଦେବ। ସାଧନାରେ ସିଦ୍ଧି ଲାଭ କରିବେ।



**ବୃଷ:** ଆଜି ଆପଣଙ୍କର ଭ୍ରମଣ ଯୋଗ ରହିଛି। ବ୍ୟବସାୟରେ ଲାଭବାନ୍ ହେବେ। ଶୁଭ ଖବର ପାଇପାରନ୍ତି। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା।



**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଆଜି ଆପଣଙ୍କର ଧୈର୍ଯ୍ୟ ହାନୀ ମଧ୍ୟ ଘଟିପାରେ। ବହୁ ସମୟ ଅନ୍ୟମନସ୍କ ରହିବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବାର ସୂଚନା।



**କର୍କଟ:** ଆଲୋଚନା ମାଧ୍ୟମରେ ସବୁ ପ୍ରକାର ସମସ୍ୟାର ସମାଧାନ ଘଟିବ। ଆର୍ଥିକ ସ୍ଥିତି ମାନ୍ଦା ହେବ। ଅଧିକ ପରିଶ୍ରମ କରିବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ଜାତ ହେବାର ସୂଚନା।



**ସିଂହ:** ଆଜି ଆପଣଙ୍କର ଦ୍ରବ୍ୟ ନଷ୍ଟ ହୋଇପାରେ। ଶତ୍ରୁଙ୍କ ଠାରୁ ଦୂରେଇ ରୁହନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ କ୍ଷତି ଘଟିପାରେ। ଖର୍ଚ୍ଚର ପରିମାଣ ବଢ଼ିବ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ।



**କନ୍ୟା:** କର୍ମକ୍ଷେତ୍ରରେ ସମସ୍ତ କାର୍ଯ୍ୟ ସଫଳ ହେବ। ନୂତନ କର୍ମାରମ୍ଭ କରିବେ। ମନ ପ୍ରସନ୍ନ ରହିବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ସୁଖ ଓ ସନ୍ତୋଷଜନକ ହେବାର ସୂଚନା।



**ତୁଳା:** ଚାକିରୀ କ୍ଷେତ୍ରରେ ଉତ୍ସାହ ସହକାରେ ସମସ୍ତ କାର୍ଯ୍ୟ କରିଚାଲିବେ। ବିଭିନ୍ନ କ୍ଷେତ୍ରରେ ବିଜୟୀ ହେବେ। ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ। ରୋଜଗାରର ପରିମାଣ ଭଲ ହେବ। ଦେହ ଭଲ ରହିବ।



**ବିଛା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟରେ ବାଧା ଦେଖାଦେବ। ବନ୍ଧୁଙ୍କ ଆଚରଣରେ ମନରେ ସନ୍ଦେହ ଜାତ କରିବେ। ଶତ୍ରୁ ଅଧିକ ହେବ। ଧନବାନ ହୋଇପାରନ୍ତି। ଦେହ ଓ ମନ ଭଲ ରହିବ।



**ଧନୁ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟରେ ବାଧା ଦେଖାଦେବ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ଜାତ କରିବେ। ଶତ୍ରୁ ଅଧିକ ହେବ। ଧନବାନ ହୋଇପାରନ୍ତି। ଉନ୍ନତି ଦେଖାଦେବାର ସୂଚନା ମଧ୍ୟ।



**ମକର:** ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ପରିବାରରେ ସମସ୍ୟା ଅକ୍ଲେଶରେ ସମାଧାନ ହୋଇଯିବ। ନୂତନ କର୍ମାରମ୍ଭ ହୋଇପାରେ। ଆୟରେ ଉନ୍ନତି ଦେଖାଦେବାର ସୂଚନା। ଦେହ ଭଲ ରହିବ।



**କୁମ୍ଭ:** ଐଶ୍ୱର୍ଯ୍ୟ ପ୍ରାପ୍ତି ହେବ। ଯଶ ସମ୍ମାନ ବଢ଼ିବ। କର୍ମକ୍ଷେତ୍ରରେ ବିଜୟ ଲାଭ କରିବେ। ଧନ ଲାଭ କରିବେ। ମୂଲ୍ୟବାନ ଦ୍ରବ୍ୟ ଲାଭ ଯୋଗ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା।



**ମୀନ:** ଦାନ ଧର୍ମ କରି ପୁଣ୍ୟ ଅର୍ଜନ କରିବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପାରିବାରିକ ଜୀବନ ସୁଖମୟ ହେବ। ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଆୟ ଓ ବ୍ୟୟ ସମାନ ରହିବ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

**ତା୧୬।୧୦।୨୦୨୬, ଆଶ୍ୱିନ ଦ୩୦ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୪୩।୩୫ ଚନ୍ଦ୍ରୋଦୟ- ଦିଘ୧୦।୩୫।୧୮**

ଷଷ୍ଠୀ ଅହୋରାତ୍ର। ମଳ ଓ ଜ୍ୟେଷ୍ଠା ନକ୍ଷତ୍ର ପ୍ରାଘ ୬।୪୯ ପର୍ଯ୍ୟନ୍ତ। ବିଛା ଚନ୍ଦ୍ର ପ୍ରାଘ ୬।୪୯ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର। ପ୍ରାଘ ୬।୪୯ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର। **ଘାତଚନ୍ଦ୍ର-** ପ୍ରାଘ ୬।୪୯ ଗତେ ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୪୭ ଗତେ ଦିଘ ୬।୩୪ ମଧ୍ୟେ। ଦିଘ ୩।୪୮ ଗତେ ଦିଘ ୫।୨୦ ମଧ୍ୟେ। **ପର୍ବୋତ୍ସବ-** ମାସାନ୍ତ, ତପଃଷଷ୍ଠୀ, ଶ୍ରୀ ଦୁର୍ଗା ଦେବୀଙ୍କର ସପ୍ତମୀ ପୂଜା।

31 YEARS
ସମ୍ବାଦ କଳିକା

# ୨୦୪୭ ସୁଦ୍ଧା ୩ ଗୁଣା ବଢ଼ିବ ଇସ୍ପାତ ଉତ୍ପାଦନ

୨୦୪୭ ସୁଦ୍ଧା ଦେଶର ଇସ୍ପାତ ଉତ୍ପାଦନ କ୍ଷମତାକୁ ପ୍ରାୟ ୩ ଗୁଣା କରିବା ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ଭାରତର ଇସ୍ପାତ ଉତ୍ପାଦନ କ୍ଷମତା ୨୨୦ ନିୟୁତ ଟନ୍ ରହିଛି। ୨୦୪୭ ମସିହା ସୁଦ୍ଧା ଏହାକୁ ୬୦୪ ନିୟୁତ ଟନ୍‌ରେ ପହଞ୍ଚାଇବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଇସ୍ପାତ ମନ୍ତ୍ରାଳୟ ପକ୍ଷରୁ ଜାତୀୟ ଇସ୍ପାତ ନୀତି ଭିଜନ୍ ୨୦୪୭ର ଏକ ଚିଠା ପ୍ରକାଶ କରାଯାଇଛି। ଚିଠା ଭିଜନ୍ ଅନୁଯାୟୀ, ୨୦୪୭ ସୁଦ୍ଧା ଦେଶର ଇସ୍ପାତ ଚାହିଦା ୫୦୫ ନିୟୁତ ଟନ୍‌କୁ ବୃଦ୍ଧି ପାଇବ। ସେହିଭଳି ଦେଶରେ ମୁଣ୍ଡପିଛା ଇସ୍ପାତ ବ୍ୟବହାର ୩୦୨ କିଗ୍ରା ଏବଂ ଇସ୍ପାତ ରପ୍ତାନି ୪୫ ନିୟୁତ ଟନ୍ ରହିବ। ଇସ୍ପାତ ଉତ୍ପାଦନ ବଢ଼ାଇବା ସହ ଏହି ଶିଳ୍ପରୁ ହେଉଥିବା ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଉପରେ ଚିଠା ଭିଜନରେ ଗୁରୁତ୍ୱ ଦିଆଯାଇଛି। ଦେଶର ମୋଟ କାର୍ବନ ନିର୍ଗମନରେ ଇସ୍ପାତ କ୍ଷେତ୍ରର ଯୋଗଦାନ ପ୍ରାୟ ୧୦ରୁ ୧୨ ପ୍ରତିଶତ। ବର୍ତ୍ତମାନ ପ୍ରତି ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନରେ ହାରାହାରି ୨.୫୪ ଟନ୍ ଅଙ୍ଗାରକାମ୍ଳ ନିର୍ଗତ ହେଉଛି। ବିଶ୍ୱରେ କିନ୍ତୁ ଏହା ହାରାହାରି ୧.୯୨ ଟନ୍ ରହିଛି। ତେଣୁ ନୂଆ ଚିଠା ଭିଜନ୍‌ରେ ୨୦୪୭ ସୁଦ୍ଧା ଦେଶରେ ଟନ୍ ପିଛା ଇସ୍ପାତ ଉତ୍ପାଦନରେ ଅଙ୍ଗାରକାମ୍ଳ ନିର୍ଗମନ ମାତ୍ରା ୧.୫୪ ଟନକୁ ହ୍ରାସ କରିବା ଲକ୍ଷ୍ୟ ରହିଛି।୨୦୭୦ ସୁଦ୍ଧା ନିଟ୍ ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ହାସଲ ନେଇ ଦେଶର ରଖାଯାଇଥିବା ଲକ୍ଷ୍ୟ ସହ ଏହାର ସମନ୍ୱୟ ରଖାଯାଇଛି। ଇସ୍ପାତ ଶିଳ୍ପର ବର୍ଦ୍ଧିତ ଚାହିଦା ପୂରଣ ପାଇଁ ୨୦୪୭ ସୁଦ୍ଧା ୭୭୨ ନିୟୁତ ଟନ୍ ଲୁହାପଥର ଆବଶ୍ୟକ। ବର୍ତ୍ତମାନ ଏହା ୨୯୯ ନିୟୁତ ଟନ୍‌ରେ ରହିଛି। ଏଥିସହିତ ବର୍ତ୍ତମାନ ଇସ୍ପାତ କ୍ଷେତ୍ରର କୋକିଂ କୋଲ୍ ଆବଶ୍ୟକତା ୭୨ ନିୟୁତ ଟନ୍ ଥିବାବେଳେ ୨୦୪୭ ସୁଦ୍ଧା ଏହା ୨୩୬ ନିୟୁତ ଟନ୍‌କୁ ବଢ଼ିବ ବୋଲି ଆକଳନ କରାଯାଇଛି। ଏହି ଲୁହାପଥରର ନିରନ୍ତର ଯୋଗାଣ ପାଇଁ ବିଦେଶରେ ଖଣି ସମ୍ପତ୍ତି ଅଧିଗ୍ରହଣ, ମିଳିତ ଉଦ୍ୟୋଗ ସ୍ଥାପନ ଓ ଅନ୍ୟ ଦେଶରୁ କୋକିଂ କୋଲ୍ ଆମଦାନିର ଉତ୍ସକୁ ବ୍ୟାପକ କରିବାକୁ ଯୋଜନା ରହିଛି। ଭାରତ ବିଶ୍ୱର ଏକ ପ୍ରମୁଖ ଇସ୍ପାତ ଉତ୍ପାଦନକାରୀ ଦେଶ। ଆଗାମୀ ଦଶନ୍ଧିଗୁଡ଼ିକରେ ଭିତ୍ତିଭୂମି ନିର୍ମାଣ ଓ ଶିଳ୍ପାୟନ ଇସ୍ପାତ କ୍ଷେତ୍ରର ଚାହିଦା ଆହୁରି ବଢ଼ାଇବ ବୋଲି ଆଶା କରାଯାଉଛି। ଦେଶରେ ଇସ୍ପାତ ସ୍କ୍ରାପ୍ ବ୍ୟବହାର ଏବେ ୩୬ ନିୟୁତ ଟନ୍ ରହିଛି। ୨୦୪୭ ବେଳକୁ ଏହା ୧୨୩ ନିୟୁତ ଟନ୍‌ରେ ପହଞ୍ଚିବ।

# ଅନ୍ତଃଶୁଦ୍ଧିର ମହାପର୍ବ ନବରାତ୍ର



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

ଭାରତ ହେଉଛି ପର୍ବପର୍ବାଣୀର ଦେଶ, ଯେଉଁଠି ସବୁ ପର୍ବର ଏକ ବିଶେଷ ମହତ୍ୱ ରହିଛି। ଏଭଳି ଏକ ମହତ୍ୱପୂର୍ଣ୍ଣ ପର୍ବ ହେଉଛି ନବରାତ୍ର। ଏହି ପର୍ବରେ ମା ଦୁର୍ଗାଙ୍କର ନଅଟି ରୂପର ଉପାସନା ଏବଂ ଆରାଧନା କରାଯାଇଥାଏ। ନବରାତ୍ରୀ ମା ଦୁର୍ଗାଙ୍କ ପାଇଁ ସମର୍ପିତ, ଯିଏ ଶକ୍ତି, ସାହାସ ଏବଂ ନାରୀ ଶସକ୍ତିକରଣର ପ୍ରତୀକ ଅଟନ୍ତି। ନବରାତ୍ରୀ ର ଅର୍ଥ ହେଉଛି ୯ଟି ରାତ୍ରୀ। ଭାରତୀୟ ଧର୍ମ ଏବଂ ଦର୍ଶନରେ ଏହି ୯ ଦିନର ଐତିହାସିକ ମହତ୍ୱ ରହିଛି ଏବଂ ଏହି ସମୟରେ ଅନେକ ଦିବ୍ୟ ଘଟଣା ଘଟିଥିବା କଥା ହିନ୍ଦୁ ପୌରାଣିକ ଗ୍ରନ୍ଥ ମାନଙ୍କରେ ଉଲ୍ଲେଖ ରହିଛି। ମା ଦୁର୍ଗାଙ୍କର ୯ଦିନର ୯ଟି ରୂପକୁ ନବଦୁର୍ଗା ଭାବେ ନାମିତ କରାଯାଇଛି ଯଥା-ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଏବଂ ସିଦ୍ଧିଦାତ୍ରୀ। ନବରାତ୍ର ବର୍ଷରେ ଦୁଇଥର ଆସିଥାଏ। ପ୍ରଥମ ନବରାତ୍ର ବସନ୍ତ ଋତୁ ସମୟରେ ଚୈତ୍ର ମାସରେ ଆସିଥାଏ ଓ ଏହାକୁ ଚୈତ୍ର ନବରାତ୍ର କୁହାଯାଇଥାଏ। ଦ୍ୱିତୀୟ ନବରାତ୍ର ଶରତ ଋତୁରେ ପଡ଼ିଥାଏ। ଏହି ଶରତ ନବରାତ୍ର ଆଶ୍ୱୀନ ମାସରେ ପାଳନ କରାଯାଇଥାଏ। ଦେଶରେ ଏହି ଶରତ ନବରାତ୍ରକୁ ବିଶେଷ ଭାବେ ଧୁମ୍‌ଧାମରେ ପାଳନ କରାଯାଇଥାଏ। ନବରାତ୍ର ଅଧର୍ମ ଉପରେ ଧର୍ମର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ଶିକ୍ଷା ଦେଇଥାଏ। ନବରାତ୍ରୀ ମଣିଷ ଭିତରେ ଥିବା ମୂଳଭୁତ ସତ୍ୟରେ ନକରାତ୍ମକତା ଠାରୁ ବିଜୟ ପ୍ରାପ୍ତି ଏବଂ ନିଜକୁ ଅଲୌକିକ ସ୍ୱରୂପ ସହ ସାକ୍ଷାତ ବାବଦରେ ଶିକ୍ଷା ଦେଇଥାଏ। ଭାରତୀୟ ଜନ ଜୀବନରେ ଧର୍ମର ଗୁରୁତ୍ୱ ଅଧିକ ରହିଛି। ଭାରତରେ ସବୁ ଧର୍ମର ଲୋକେ ନିଜ ନିଜ ଧର୍ମର ପାଳନ କରି ଦେଶରେ ଭାଇଚାରା ଭାବନା ସହ ଯୁଗ ଯୁଗରୁ ଏକାଠି ରହିଆସୁଛନ୍ତି। ଏହି କାରଣରୁ ଭାରତର ଧର୍ମ ଓ ସଂସ୍କୃତିକୁ ସାରାବିଶ୍ୱ ସର୍ବୋତ୍ତମ ବୋଲି ମାନି ଆସୁଛି। ବିଭିନ୍ନ ଧର୍ମସହ ଯୋଡ଼ି ହୋଇଥିବା ଅନେକ ପର୍ବ ମଧ୍ୟ ରହିଛି ଯେଉଁ ପର୍ବକୁ ଭାରତର କୋଣ ଅନୁକୋଣରେ ଲୋକେ ଧୁମ୍‌ଧାମ୍‌ରେ ପାଳନ କରୁଛନ୍ତି। ଏହି ପର୍ବ ମଧ୍ୟରୁ ନବରାତ୍ର ଅନ୍ୟତମ। ଶରତ ଋତୁର ପ୍ରାରମ୍ଭ ସମୟକୁ ଜଳବାୟୁ ଏବଂ ସୂର୍ଯ୍ୟଙ୍କ ପ୍ରଭାବର ଗୁରୁତ୍ୱପୂର୍ଣ୍ଣ ସଙ୍ଗମ ବୋଲି କୁହାଯାଏ। ଏହି ସମୟଙ୍କୁ ଦୁର୍ଗାଙ୍କ ପୂଜା ପାଇଁ ପବିତ୍ର ସମୟ ବୋଲି କୁହାଯାଇଛି। ପର୍ବର ତିଥି ଚନ୍ଦ୍ରଙ୍କ ଅନୁସାରେ ନିର୍ଦ୍ଧାରିତ ହୋଇଥାଏ। ପ୍ରାକ୍‌ଐତିହାସିକ କାଳରୁ ଏହି ପୂଜା କରାଯାଉଥିବା ସମ୍ପର୍କରେ ତଥ୍ୟ ରହିଛି। ଏହି ସମୟରେ ଦୁର୍ଗାଙ୍କ ଶକ୍ତିର ପୂଜା କରାଯାଏ। ପ୍ରତ୍ୟେକଦିନ ଦୁର୍ଗାଙ୍କର ଏକ ଭିନ୍ନ ରୂପକୁ ପୂଜା କରାଯାଇଥାଏ। ଦୁର୍ଗା ଶବ୍ଦର ଅର୍ଥ ହେଉଛି ଯିଏ ଜୀବନର ଦୁଃଖ ଦୂର କରିଥାଏ। ଭାରତର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ବିଧିରେ ଏହି ପର୍ବ ଓ ପୂଜାର୍ଚ୍ଚନା କରାଯାଇଥାଏ। ଧାର୍ମିକ ମାନ୍ୟତା ଅନୁସାରେ ଏହି ନବରାତ୍ରୀ ମାନଙ୍କରେ ମା ଦୁର୍ଗା ପୃଥିବୀ ପୃଷ୍ଠକୁ ଆସଥାନ୍ତି। ତାଙ୍କ ଧରାବତରଣର ଖୁସିରେ ଏହି ଦିନକୁ ଦୁର୍ଗା ଉତ୍ସବ ଭାବେ ସାରା ଦେଶରେ ପାଳନ କରାଯାଇଥାଏ। ନବରାତ୍ରୀର ଅନ୍ତିମ ଦିନକୁ ମହାନବମୀ କୁହାଯାଏ। ଶକ୍ତି ଉପାସନାର ଏହି ପର୍ବ ଶାରଦୀୟ ନବରାତ୍ର ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ନଅଟି ତିଥି, ନଅଟି ନକ୍ଷତ୍ର, ନଅଟି ଶକ୍ତିକୁ ନବଧା ଭକ୍ତିର ସହ ପାଳନ କରାଯାଏ। ପ୍ରତ୍ୟେହ ଦୁର୍ଗାଙ୍କ ଭିନ୍ନ ଭିନ୍ନ ରୂପର ପୂଜା କରାଯାଇଥାଏ। ମା ଦୁର୍ଗାଙ୍କ ନବମ ରୂପ ବା ଶକ୍ତିର ନାମ ସିଦ୍ଧିଦାତ୍ରୀ। ସେ ସବୁ ପ୍ରକାରର ସିଦ୍ଧି ପ୍ରଦାନ କରିପାରନ୍ତି। ତାଙ୍କ ବାହନ ହେଉଛି ସିଂହ ଏବଂ ସେ ପଦ୍ମ ଫୁଲ ଉପରେ ଆସୀନ ହୋଇଥାନ୍ତି। ଏହି ପର୍ବ ସହ ଅନେକ ପୌରାଣିକ କଥା ଯୋଡ଼ି ହୋଇ ରହିଛି। କଥା ଅନୁସାରେ ମା ଦୁର୍ଗା ମହିଷାସୁରକୁ ବଧ କରିଥିଲେ। ମହିଷାସୁରର ତପସ୍ୟାର ଏକାଗ୍ରତାରେ ମୁଗ୍ଧ ହୋଇ ଦେବତା ମାନେ ତାଙ୍କୁ ଅଜେୟ କର ପ୍ରଦାନ କରିଥିଲେ। କିନ୍ତୁ ମହିଷାସୁର ତାର ଶକ୍ତିର ଅସତ୍ ଉପଯୋଗ କରିବାରୁ ଦେବତା ମାନେ ଚିନ୍ତିତ ହୋଇ ପଡ଼ିଥିଲେ। ମହିଷାସୁରର ଦୁଃସାହାସରେ କ୍ରୋଧିତ ହୋଇ ଦେବତା ମାନେ ଦେବୀଦୁର୍ଗାଙ୍କ ରଚନା ଓ ଉପାସନା କରିଥିଲେ। ମହିଷାସୁରର ବଧ ପାଇଁ ଦେବତା ମାନେ ଦୁର୍ଗାଙ୍କୁ ସେମାନଙ୍କ ଶକ୍ତି ଓ ଅସ୍ତ୍ର ପ୍ରଦାନ କରିଥିଲେ। ଏହି ନଅଦିନ ଦେବୀ ଦୁର୍ଗା ଓ ମହିଷାସୁର ମଧ୍ୟରେ ସଂଗ୍ରାମ ହୋଇଥିଲା ଓ ଦୁର୍ଗା ମହିଷାସୁରକୁ ବଧ କରି ମହିଷାମର୍ଦ୍ଦିନୀ ନାମ ପାଇଥିଲେ। ନବଦୁର୍ଗା ଏବଂ ଦଶ ମହାବିଦ୍ୟା ମଧ୍ୟରେ କାଳୀ ହେଉଛନ୍ତି ପ୍ରଥମ ଓ ପ୍ରମୁଖ। ଭଗବାନ ଶିବଙ୍କ ଶକ୍ତିରେ ଉଗ୍ର ଏବଂ ସୌମ୍ୟ, ଦୁଇ ରୂପରେ ଅନେକ ରୂପ ଧାରଣ କରିଥିବା ଦଶମହାବିଦ୍ୟା ଅନନ୍ତ ସିଦ୍ଧି ପ୍ରଦାନ କରିବାରେ ସମର୍ଥ ଅଟନ୍ତି। ଦଶ ମହାବିଦ୍ୟାର ଦଶମ ସ୍ଥାନରେ କମଳା ବୈଷ୍ଣବୀ ଶକ୍ତି ଅଟନ୍ତି। କମଳା ହେଉଛନ୍ତି ପ୍ରାକୃତିକ ସମ୍ପତ୍ତିର ଅଧିଷ୍ଠାତ୍ରୀ ଦେବୀ। ଏହାଙ୍କୁ ଲକ୍ଷ୍ମୀ ବୋଲି ମଧ୍ୟ କୁହାଯାଏ। ଦେବତା, ଦାନବ, ମାନବ ସମସ୍ତେ ଏହାଙ୍କ କୃପା ବିନା ପଙ୍ଗୁ, ଏଥିପାଇଁ ଆଗମ-ନିଗମ ଉଭୟରେ ଏହାଙ୍କ ଉପାସନା ସମାନ ରୂପରେ ବର୍ଣ୍ଣନା କରାଯାଇଛି। ଏହାଙ୍କ କୃପା ପାଇଁ ସମସ୍ତେ ଲାଳାୟିତ। ନବରାତ୍ର ସମୟରେ ଉପାସନା କଲେ ଶରୀରରୁ ବିଷାକ୍ତ ଭାବ/ପଦାର୍ଥ ବାହାରିଯାଇ ଥାଏ ଫଳରେ ଶରୀର ସୁସ୍ଥ ଏବଂ ନିରୋଗ ରହିଥାଏ। ନବରାତ୍ର ସମୟରେ ଧ୍ୟାନ, ଯୋଗ ଏବଂ ଭକ୍ତି ଭାବରେ ରହିଲେ ମନକୁ ଶାନ୍ତି ମିଳିଥାଏ। ନବରାତ୍ର ପୂଜା ପର୍ବରେ ମୂଳ ଉଦେଶ୍ୟ ହେଉଛି ଇନ୍ଦ୍ରିୟ ସଂଜମ ଏବଂ ଆଧ୍ୟାତ୍ମିକ ଶକ୍ତିର ସଞ୍ଚୟ। ବସ୍ତୁତଃ ନବରାତ୍ର ହେଉଛି ଅନ୍ତଃଶୁଦ୍ଧିର ମହାପର୍ବ।

# ବିକାଶଶୀଳତାରୁ ବିକଶିତ ଭାରତର ପଦଧ୍ୱନି



କିଶୋର ଚନ୍ଦ୍ର ଜେନା
ଉପାସନା, ଜଗନ୍ନାଥ ନଗର,
ଭୁବନେଶ୍ୱର
ମୋ: ୯୪୩୭୦୪୧୩୦୦

ବିଶ୍ୱ ବର୍ତ୍ତମାନ ସଂରଚନାଜନିତ ପରିବର୍ତ୍ତନ ଦେଇ ଗତି କରୁଛି। ଗତ କିଛି ଦଶନ୍ଧି ଧରି ବିଶ୍ୱ କ୍ଷମତା ସନ୍ତୁଳନ ଧୀରେ ଧୀରେ ପରିବର୍ତ୍ତନ ହେଉଛି। ଦେଶ ଦେଶ ମଧ୍ୟରେ ତୀବ୍ର ପ୍ରତିଯୋଗିତା, ଭୂରାଜନୈତିକ ଉତ୍ତେଜନା ଏବଂ ସଂଘର୍ଷ ଏହି ପରିବର୍ତ୍ତନକୁ ଆହୁରି ତୀବ୍ର କରିଛି। ଯଦି ଏହି ପରିସ୍ଥିତି ଲାଗିରହେ, ତେବେ ଅନ୍ତର୍ଜାତୀୟ ସହଯୋଗିତା, ସହଭାଗିତା ଉପରେ ପ୍ରଶ୍ନ ଉଠିପାରେ। ଯୁଦ୍ଧର ଘନଘଟା, ବିସ୍ତାରବାଦ ନୀତି, ତେଲକୁ ନେଇ ଖେଳ ଏବଂ ମତ୍ସନ୍ୟାୟ ନୀତି ଆଜି ବିଶ୍ୱ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇବା ସହିତ ଏକ ବିଷମ ସଂକଟ ଉତ୍ପନ୍ନ କରିଛି। ଏହି ସାମ୍ପ୍ରତିକ ଅଶାନ୍ତି ଓ ବିଷମ ପରିସ୍ଥିତି ମଧ୍ୟରେ। ଆଜି ଭାରତର ଅର୍ଥବ୍ୟବସ୍ଥା ଦ୍ରୁତ ଗତିରେ ଧାବମାନ। ଭାରତର ନିଜସ୍ୱ ବୈଦେଶିକ ନୀତିର 'ବସୁଧୈବ କୁଟୁମ୍ବକମ୍' ଭାବଧାରାକୁ ନେଇ, ଉତ୍ପନ୍ନ ବିଭିନ୍ନ ନକରାତ୍ମକ ଆହ୍ୱାନ ଠାରୁ ଦୂରେଇ ନ ଯାଇ ତାହାକୁ ଅଦମ୍ୟ ସାହସର ସହିତ ସାମ୍ନା କରିବାର ପ୍ରକ୍ରିୟାକୁ ଜାରି ରଖିଛି। ଏହାର ନେପଥ୍ୟରେ ଅଛନ୍ତି ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଅଦମ୍ୟ ସାହସ, ଦେଶ ସେବାର ବ୍ରତ ଏବଂ 'ରାଷ୍ଟ୍ର ସର୍ବୋପରି'ର ମହତକାଂକ୍ଷା। ଏତଦ୍‌ବ୍ୟତୀତ ତିନୋଟି ମହତ୍ୱପୂର୍ଣ୍ଣ ବିନ୍ଦୁ ବା ଦୃଷ୍ଟିକୋଣ ଯଥା 'ସଂକଳ୍ପ', 'ସାଧନା-ଆରାଧନା' ଏବଂ ଶେଷରେ 'ସିଦ୍ଧି ପ୍ରାପ୍ତି'କୁ ପାଥେୟ କରି ଗୌତମ ବୁଦ୍ଧଙ୍କ ପରି ସଂସାରର ସବୁ ମୋହମାୟାକୁ ତ୍ୟାଗକରି ଆଗେଇ ଚାଲିଛନ୍ତି ସିଦ୍ଧିପ୍ରାପ୍ତିର ଆଶାରେ। ସିଦ୍ଧି ପ୍ରାପ୍ତିର ଅର୍ଥ ଏବଂ ଲକ୍ଷ୍ୟ ହେଉଛି 'ବିକଶିତ ଭାରତ'।

ପ୍ରଧାନମନ୍ତ୍ରୀଙ୍କର ବିଭିନ୍ନ ସାଧନାର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ହେଲା ନିରନ୍ତର ବିକାଶର ଯାତ୍ରା। ତେଣୁ ଭିତ୍ତିଭୂମିର ସୁଦୃଢ଼ୀକରଣ ହେଉଛି ଭାରତର ଭାଗ୍ୟ ରେଖା। ଏହା ଉତ୍ପାଦନ, ବଣ୍ଟନ ଏବଂ ଲଜିଷ୍ଟିକ୍ସକୁ ସୁଦୃଢ଼ କରେ। ଅନ୍ୟ ପକ୍ଷରେ ଏହା ସାମାଜିକ ସଦ୍ଭାବକୁ ମଧ୍ୟ ସୁଦୃଢ଼ କରେ। ଗତ ୧୨ ବର୍ଷ ମଧ୍ୟରେ ନିର୍ମିତ ବିଭିନ୍ନ ସେତୁ, ରାସ୍ତା, ନୂତନ ସଂସଦ ଭବନ, ଭାରତ ମଣ୍ଡପମ୍ ଏବଂ ଯଶୋଭୂମି କେବଳ ଗୋଟିଏ ଗୋଟିଏ ଅଟ୍ଟାଳିକା ନୁହେଁ - ଏଗୁଡ଼ିକ ସବୁ ଭାରତର ଦୃଢ଼ଭିତ୍ତିଭୂମି ଓ ମୌଳିକ ଚିନ୍ତାଧାରାର ଜୀବନ୍ତ ଦର୍ପଣ। ଜଳ, ସ୍ଥଳ ଏବଂ ଆକାଶରେ ଭାରତର ଦ୍ରୁତଗତି ଏବଂ ବ୍ୟାପକତା ଏବଂ ପ୍ରଯୁକ୍ତି ବିଦ୍ୟା ମଧ୍ୟ ଆଜି ସମସ୍ତ ନାଗରିକଙ୍କୁ ସଶକ୍ତ କରୁଛି। ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କେବଳ ପରୀକ୍ଷାଗାର ପର୍ଯ୍ୟନ୍ତ ସୀମିତ ନୁହେଁ, ଏହା ଏବେ କ୍ଷେତ, ଡାକ୍ତରଖାନା ଏବଂ ଏପରିକି ପ୍ରତ୍ୟେକ ଘରେ ପହଞ୍ଚିଛି। (ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ନୀତିରେ ପର୍ଯ୍ୟବେଶିତ ଭାରତ ନୀତି ହେଉଛି ଭାରତର ଶେଷ ପଂକ୍ତିରେ ଠିଆ ହୋଇଥିବା ବ୍ୟକ୍ତି ପାଖରେ ପହଞ୍ଚ। ବର୍ତ୍ତମାନ ଇଣ୍ଟରନେଟ୍ ଏବଂ ମୋବାଇଲ ଡାଟା ମାଧ୍ୟମରେ ଜଣେ ସାଧାରଣ ଲୋକ ପୃଥିବୀର ଯେକୌଣସି କ୍ଷେତ୍ରକୁ ପହଞ୍ଚିବାରେ ସକ୍ଷମ ହେଉଛି।) ବର୍ତ୍ତମାନ ଉତ୍ତର-ପୂର୍ବାଞ୍ଚଳ ରାଷ୍ଟ୍ରର ହୃଦୟ ଭାବରେ ଗଣା ହେଉଛି। ଆଜି ଅଷ୍ଟଲକ୍ଷ୍ମୀ - ଉତ୍ତର-ପୂର୍ବର ଆଠଟି ରାଜ୍ୟ - ବିକାଶର ନୂତନ କାହାଣୀ ଲେଖୁଛନ୍ତି। ଏହା ଦେଶର ଶେଷ କୋଣ ନୁହେଁ। ଏହା ଏବେ ଭାରତର ସୁରକ୍ଷା ଏବଂ ସମୃଦ୍ଧିର ପ୍ରବେଶ ଦ୍ୱାର ପାଲଟିଛି। ସ୍ୱାଧୀନତା ପରେ ଭାରତକୁ ୧ ଟ୍ରିଲିୟନ ଡଲାର ଜିଡିପିରେ ପହଞ୍ଚିବା ପାଇଁ ପ୍ରାୟ ୬୦ ବର୍ଷ ଲାଗିଥିଲା। ୨୦୧୪ରେ ଭାରତ ୨ ଟ୍ରିଲିୟନ ଡଲାରର ଅର୍ଥ ବ୍ୟବସ୍ଥା ହେଲା। ଏହାପରେ ପ୍ରଧାନମନ୍ତ୍ରୀଙ୍କ ବରିଷ୍ଠ ପଦକ୍ଷେପମାନ ଯୋଗୁଁ, ଏବେ ୪ ଟ୍ରିଲିୟନ ବା ୪.୧୮୭ଟ୍ରିଲିୟନରେ ପହଞ୍ଚିଛି। ଯଦି ଏହି ଗତି ଜାରି ରହେ, ତେବେ ଆଗାମୀ ୨ ବର୍ଷ ମଧ୍ୟରେ ଭାରତ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାକୁ ଛୁଇଁପାରେ!

ଭାରତ ମହାକାଶ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିବାରେ ସକ୍ଷମ ହୋଇଛି। ୧୯୯୦ ରୁ ୨୦୧୪ ପର୍ଯ୍ୟନ୍ତ ମାତ୍ର ୩୫ଟି ବିଦେଶୀ ଉପଗ୍ରହ ପ୍ରକ୍ଷେପଣ କରାଯାଇଥିବା ବେଳେ ଏହାର ପରବର୍ତ୍ତୀ ସମୟରେ ୩୯୯ଟି ବିଦେଶୀ ଉପଗ୍ରହ ପ୍ରକ୍ଷେପଣ କରାଯାଇଛି। ସେମିକଣ୍ଡକ୍ଟର ହେଉଛି ଭବିଷ୍ୟତର ବିକାଶର ଉତ୍ସ। ୨୦୧୪ ପୂର୍ବରୁ ଭାରତରେ କୌଣସି ସେମିକଣ୍ଡକ୍ଟର ପ୍ଲାଣ୍ଟ ନ ଥିବା ବେଳେ ବର୍ତ୍ତମାନ ୨୦୨୬ରେ ୧୨ଟି ପ୍ଲାଣ୍ଟକୁ ଅନୁମୋଦନ କରାଯାଇଛି। ୨୦୧୪ରେ କେବଳ ୨ଟି ମୋବାଇଲ ଉତ୍ପାଦନ ୟୁନିଟ୍ ଥିଲା, ଯାହା ଏବେ ୩୦୦ରୁ ଅଧିକ ବୃଦ୍ଧି ପାଇଛି। ବର୍ତ୍ତମାନ ଭାରତ ମୋବାଇଲ ଫୋନ୍‌ର ରପ୍ତାନିରୁ ୨.୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରେଇବାରେ ସକ୍ଷମ ହୋଇପାରିଛି।

ବର୍ତ୍ତମାନ ଭାରତ ଡିଫେନ୍ସ କ୍ଷେତ୍ରରେ ରପ୍ତାନି ୩୮.୪୨୪ କୋଟି ବା ୪.୬ ବିଲିୟନ ଡଲାରରେ ପହଞ୍ଚିଛି ଯାହା ବିଗତବର୍ଷ ତୁଳନାରେ ୬୨.୬୬% ଅଧିକ। ବର୍ତ୍ତମାନ ବିଦେଶୀ ନିର୍ଭରତାର ବନ୍ଧନରୁ ମୁକ୍ତ ହୋଇ ବିଶ୍ୱରେ ମୁଖ୍ୟ ରପ୍ତାନୀକାରୀ ରାଷ୍ଟ୍ରମାନଙ୍କ ମଧ୍ୟରେ ସ୍ଥାନ ପାଇଛି। ଆଇଫୋନ୍ କ୍ଷେତ୍ରରେ ଭାରତ ବର୍ତ୍ତମାନ ଚତୁର୍ଥ ରପ୍ତାନୀକାରୀ ରାଷ୍ଟ୍ରର ମାନ୍ୟତା ହାସଲ କରିଛି।

ସଂସ୍କାର କାର୍ଯ୍ୟ ସମ୍ପାଦନ ଓ ପରିବର୍ତ୍ତନ ସିଦ୍ଧାନ୍ତ ଦ୍ୱାରା ପ୍ରେରିତ ହୋଇ ଭାରତ ସରକାର ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ଯାହା ବ୍ୟବସାୟ କରିବାର ସହଜତାକୁ ଆହୁରି ବୃଦ୍ଧି କରିଛି। ମେଟ୍ରୋ ସହର ବାହାରେ ଯୁବପିଢ଼ିଙ୍କ ପାଇଁ ପ୍ରଯୁକ୍ତିବିଦ୍ୟା ଓ ଷ୍ଟାର୍ଟ ଅପ୍ ପରିସର ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଛି। ବର୍ତ୍ତମାନ ଆମେ ଉଦ୍ଭାବନ ସମର୍ଥିତ ଅର୍ଥ ବ୍ୟବସ୍ଥା ଆଡ଼କୁ ସ୍ଥାନାନ୍ତରିତ ହୋଇପାରିଛୁ। ଏତଦ୍‌ବ୍ୟତୀତ ୩୮ଟି ଦେଶକୁ ସାମିଲ କରି ନଅଟି ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫଟିଏ) ସ୍ୱାକ୍ଷର କରି ବିଶ୍ୱ ବଜାରରେ ପ୍ରବେଶକୁ ବିସ୍ତାରିତ କରିବାରେ ସକ୍ଷମ ହୋଇଅଛି। ୨୦୧୪ ମାର୍ଚ୍ଚ ୨୦୨୬ ମଧ୍ୟରେ ମୋଟ୍ ୮୪୩ ବିଲିୟନ ଡଲାର ଏଫଡିଆଇ ଆସିଛି। ଏହା ହେଉଛି ବ୍ୟବସାୟ କରିବାର ଉପାୟରୁ ନିର୍ମାଣ ଏବଂ ବୃଦ୍ଧି କରିବାର ସ୍ୱାଧୀନତା ଦିଗରେ ଏକ ପ୍ରମୁଖ ପରିବର୍ତ୍ତନ। ୨୦୨୫ରୁ ଆରମ୍ଭ ହୋଇଥିବା ଜିଏସଟି ଟିକସ ବ୍ୟବସ୍ଥା ସରଳ ହୋଇଛି ଏବଂ ନାଗରିକମାନଙ୍କ ଜୀବନକୁ ସହଜ କରିଛି। ଜିଏସଟି ସଂଗ୍ରହ ଏପ୍ରିଲ ୨୦୨୬ରେ ୨.୪୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ଯାହା ଏ ପର୍ଯ୍ୟନ୍ତ ରେକର୍ଡ ହୋଇଥିବା ସର୍ବୋଚ୍ଚ ସ୍ତର। ସୌଭାଗ୍ୟ ଯୋଜନାରେ ପ୍ରାୟ ୨.୯୦ କୋଟି ପରିବାରକୁ ବିଦ୍ୟୁତ ସଂଯୋଗ ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳରେ ହାରାହାରି ୨୩ ଘଣ୍ଟା ବିଦ୍ୟୁତ୍ ଉପଲବ୍ଧତା ସୁନିଶ୍ଚିତ କରାଯାଇ ପାରିଛି।

୩୭ କୋଟି ଏଲଇଡି ବଲ୍ବ ଉଜାଲା ଯୋଜନା ଅଧୀନରେ ବଣ୍ଟନ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ୪ କୋଟିରୁ ଅଧିକ ଘର ହସ୍ତାନ୍ତର କରାଯାଇଛି। ପ୍ରାୟ ୧୬ କୋଟି ପରିବାରକୁ ଟ୍ୟାପ୍ ସଂଯୋଗ ମାଧ୍ୟମରେ ନିରାପଦ ପାନୀୟ ଜଳ ଯୋଗାଣ କରାଯାଇ ପାରିଛି। ପ୍ରାୟ ୧୧ କୋଟି ପରିବାରକୁ ଏଲପିଜି ସଂଯୋଗ ପ୍ରଦାନ କରାଯାଇଅଛି। ୧୨ କୋଟିରୁ ଅଧିକ ଶୌଚାଳୟ ନିର୍ମାଣ ଏବଂ ୫ ଲକ୍ଷରୁ ଅଧିକ ଗ୍ରାମକୁ ଖୋଲା ମଳତ୍ୟାଗ ମୁକ୍ତ (ଓଡିଏଫ) ଘୋଷଣା କରାଯାଇଛି। ମେଟ୍ରୋ ନେଟୱାର୍କ ଇତିମଧ୍ୟରେ ୧୧୫୫ କିଲୋମିଟର ନେଟୱାର୍କ ସହିତ ୨୬ଟି ସହରରେ ବିସ୍ତାରିତ ହୋଇପାରିଛି। ପ୍ରତ୍ୟେକ ନାଗରିକଙ୍କ ପାଖରେ ସୁଲଭ ଇଣ୍ଟରନେଟ୍ ପହଞ୍ଚିଛି। ପ୍ରତି ଜିବି ଡାଟା ପାଇଁ ପ୍ରାୟ ୮-୧୦ ଟଙ୍କା ଖର୍ଚ୍ଚ ପଡୁଛି। ୨୦୨୪ରେ ବିମାନବନ୍ଦର ସଂଖ୍ୟା ମାତ୍ର ୭୪ଟି ଥିବା ବେଳେ ଏହା ବର୍ତ୍ତମାନ ୧.୬୪କୁ ବୃଦ୍ଧି ପାଇଛି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଧ୍ୟମରେ ସ୍ୱାସ୍ଥ୍ୟ ସେବା ସୁଦୃଢ଼ ହୋଇପାରିଛି। 'ଆୟୁଷ୍ମାନ ବୟ ବନ୍ଦନା' ଯୋଜନାରେ ୩୦ ବର୍ଷ ଏବଂ ତଦୁର୍ଦ୍ଧ ବୟସର ସମସ୍ତ ନାଗରିକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟ କଭରେଜ୍ ପାଇବାକୁ ହକଦାର ହୋଇଛନ୍ତି। ୫୮ କୋଟିରୁ ଅଧିକ ବ୍ୟାଙ୍କ ଏକାଉଣ୍ଟ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧିନରେ ଖୋଲାଯାଇଛି। ମଧ୍ୟବିତ୍ତ ବର୍ଗ ପାଇଁ ନୂତନ ଟିକସ ବ୍ୟବସ୍ଥା ଅଧିନରେ ୧୭ ଲକ୍ଷ ପର୍ଯ୍ୟନ୍ତ ବ୍ୟକ୍ତିଗତ ଆୟ କରମୁକ୍ତ କରାଯାଇଅଛି। ଇତିମଧ୍ୟରେ ଭାରତ ବିଶ୍ୱ ଏଆଇ ଶିଖର ସମ୍ମିଳନୀ ଆୟୋଜନ ମାଧ୍ୟମରେ ସମାବେଶୀ, ଦାୟିତ୍ୱପୂର୍ଣ୍ଣ ଏବଂ ବ୍ୟାପକ ଏଆଇ ବିକାଶରେ ବିଶ୍ୱ ନେତୃତ୍ୱ ପ୍ରଦର୍ଶନ କରିପାରିଛି। ଅତିନିକଟରେ ଭାରତ ଅର୍ଥ ବ୍ୟବସ୍ଥା ୭.୮ ବିକାଶ ଦରକୁ ଛୁଇଁ ବିଶ୍ୱରେ ପ୍ରଥମ ରାଷ୍ଟ୍ରର ମାନ୍ୟତା ଅର୍ଜନ କରିବା ସହିତ ବିଦେଶୀ ମୁଦ୍ରାଭଣ୍ଡାର କ୍ଷେତ୍ରରେ ବିଶ୍ୱରେ ଚତୁର୍ଥ ସ୍ଥାନରେ ପହଞ୍ଚ ପାରିଛି। ଏତଦ୍‌ବ୍ୟତୀତ ଐତିହ୍ୟ ସହ ବିକାଶ ଏବଂ ପ୍ରକୃତି ସହିତ ବିକାଶର ଧାରା ଆମ ପ୍ରଗତି ସହିତ ପାଦକୁ ପାଦ ମିଳାଇ ଅଗ୍ରସରଗାମୀ। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଦର୍ଶନ 'ଏକାତ୍ମ ମାନବ ବୋଧ' ଯାହା ସମାଜର ଶେଷ ଧାଡ଼ିରୁ ଆରମ୍ଭ ହୋଇ ପ୍ରଥମ ଧାଡ଼ିକୁ ସ୍ପର୍ଶ କରିଥାଏ, ଯାହା ଫଳରେ ଏହା ସର୍ବସ୍ପର୍ଶୀ ହୋଇପାରେ। ଅନ୍ୟ ପକ୍ଷରେ ବ୍ୟଷ୍ଟି ବା ବ୍ୟକ୍ତି। ସମଷ୍ଟି ବା ସମାଜ, ସୃଷ୍ଟି (ପ୍ରକୃତି) ଏବଂ ପରିମେଷ୍ଟି ବା ଈଶ୍ୱରଙ୍କ ମଧ୍ୟରେ ପରସ୍ପର ସନ୍ତୁଳନ ବା ସମନ୍ୱୟ ସୃଷ୍ଟି କଲେ, ଏହା ସମାଜରେ ମଙ୍ଗଳମୟ ଧାରା ସୃଷ୍ଟିକରିପାରେ ଏବଂ ବିକାଶ ସନ୍ତୁଳନ ହୋଇପାରେ। ତେଣୁ ଭାରତ ସରକାରଙ୍କର ପ୍ରତ୍ୟେକ ସାମାଜିକ ଜନକଲ୍ୟାଣ ଭିତ୍ତିକ ଯୋଜନା ହିଁ ଶେଷ ପଂକ୍ତିରୁ ଆରମ୍ଭ ହୋଇଥାଏ ଏବଂ ଆସ୍ତେ ଆସ୍ତେ ସେ ପ୍ରଥମ ପଂକ୍ତିକୁ ସ୍ପର୍ଶ କରେ, ଯାହାଦ୍ୱାରା ବିକାଶର ସନ୍ତୁଳନ ଘଟେ। ଭାରତ ସେହି ସର୍ବୋଚ୍ଚ ଦର୍ଶନକୁ ମୂର୍ତ୍ତିମନ୍ତ କରେ। 'ସର୍ବେ ଭବନ୍ତୁ ସୁଖିନଃ- ସର୍ବେ ସନ୍ତୁ ନିରାମୟା' ଏହା ହେଉଛି ଆମ ଜାତି ଏବଂ ଆମ ସଂସ୍କୃତିର ପରିଚୟ। ଭାରତ କେବଳ ଏକ ରାଷ୍ଟ୍ର ନୁହେଁ। ଏହା ଏକ ମହାନ୍ ପରମ୍ପରା ସାଂସ୍କୃତିକ ମୂଲ୍ୟବୋଧର ଏକ ପ୍ରବାହମାନ ଧାରା। ତେଣୁ ୧୯୧୪ ମସିହା ଠାରୁ ଏ ପର୍ଯ୍ୟନ୍ତ ଭାରତର ନିରନ୍ତନ ସମତୁଲ ବିକାଶର ଜୟଯାତ୍ରା ଯେକୌଣସି ବାଧାବିଘ୍ନକୁ ଖାତିର ନ କରି ଅବ୍ୟାହତ ରହିଛି। ତେଣୁ ଏସବୁକୁ ଦେଖିଲେ ଆମେ ପ୍ରାୟେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରତାର ବହୁତ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସ୍ପର୍ଶ କରିବାରେ ସକ୍ଷମ ହେବାରେ ଲାଗିଛୁ। ତେଣୁ ଏ ପ୍ରକାର କ୍ରମ ବର୍ଦ୍ଧିଷ୍ଣୁ, ସମାବେଶୀ ବିକାଶ ଧାରାର ଜୟଯାତ୍ରା ବିକାଶଶୀଳରୁ ବିକଶିତ ଭାରତର ପଦଧ୍ୱନି ନୁହଁତ, ଆଉ କ'ଣ?

# ସଂସ୍କୃତିର ଅବକ୍ଷୟ: ବ୍ରାସ୍ ବ୍ୟାଣ୍ଡ ଭରସାରେ ଠାକୁର ଭସାଣି !



ସୌଜନ୍ୟ କୁମାର ପରିଡା
ଲକ୍ଷ୍ମୀନାରାୟଣ ବଜାର,
ବାରୋଛକ କେନ୍ଦ୍ରାପଡ଼ା,
ମୋ : ୮୨୪୯୯୪୩୨୪୭

ଭକ୍ତିର ନାଁରେ ଆଡ଼ମ୍ବର ଏବଂ ବିସର୍ଜନ ପାଇଁ ବ୍ୟାଣ୍ଡପାର୍ଟି ଅପେକ୍ଷାରେ ଆମ ଧାର୍ମିକ ଚେତନା ଓଡ଼ିଆ ଜାତିର ପରିଚୟ ତାର ସଂସ୍କୃତି, ଶାଳୀନତା ଓ ଆଧ୍ୟାତ୍ମିକ ନିଷ୍ଠା ଉପରେ ପ୍ରତିଷ୍ଠିତ। 'ବାର ମାସରେ ତେର ପର୍ବ' କେବଳ ଏକ ଉକ୍ତି ନୁହେଁ, ଏହା ଆମ ସାମାଜିକ ସଦ୍‌ଭାବ, ସାମୂହିକ ଏକତା ଓ ଐତିହ୍ୟର ଏକ ଜୀବନ୍ତ ଧାରା। ଭାଦ୍ରବ ମାସର ଶ୍ରୀଗଣେଶ ପୂଜାରୁ ଆରମ୍ଭ କରି କାର୍ତ୍ତିକର ରାସୋତ୍ସବ ପର୍ଯ୍ୟନ୍ତ ଗାଁରୁ ସହର ଯେଉଁ ଉତ୍ସବମୁଖର ପରିବେଶ ସୃଷ୍ଟି ହୁଏ, ତାହା ପ୍ରତ୍ୟେକଟି ପ୍ରାଣରେ ନୂତନ ଉତ୍ସାହ ଭରିଦିଏ। ଧୂପ, ଦୀପ, ଚନ୍ଦନ ଓ ଶଙ୍ଖ-ଘଣ୍ଟର ମାଙ୍ଗଳିକ ଧ୍ୱନି ଭିତରେ ଭକ୍ତଟିଏ ନିଜର ଦୁଃଖ-କ୍ଲେଶ ଭୁଲି ଭଗବାନଙ୍କ ଚରଣରେ ସମର୍ପିତ ହୁଏ। କିନ୍ତୁ ବିଗତ କିଛି ବର୍ଷ ଧରି ଏହି ପବିତ୍ର ପରମ୍ପରାରେ ଯେଉଁ ବିକୃତ ରୂପ ଦେଖିବାକୁ ମିଳୁଛି, ତାହା ପ୍ରତ୍ୟେକ ବିବେକବାନ ନାଗରିକଙ୍କୁ ଗଭୀର ଭାବରେ ବ୍ୟଥିତ କରୁଛି। ଆମ ଧାର୍ମିକ ଚେତନା ଆଜି ଆଧ୍ୟାତ୍ମିକତାରୁ ଓହରି ଆସି ବାହ୍ୟ ଆଡ଼ମ୍ବର, ଅହଂକାର ଓ ପ୍ରତିଯୋଗିତାର ବନ୍ଦୀଶାଳାରେ ଛଟପଟ ହେଉଛି। ବର୍ତ୍ତମାନ ସବୁଠାରୁ ଚିନ୍ତାଜନକ ଓ ଲଜ୍ଜାଜନକ ଦୃଶ୍ୟ ହେଉଛି ଠାକୁରଙ୍କ ବିସର୍ଜନକୁ ନେଇ ଚାଲିଥିବା ଖେଳ। ଯେଉଁ ଦେବଦେବୀଙ୍କୁ ଆମେ ମନ୍ତ୍ରୋଚ୍ଚାରଣ ପୂର୍ବକ ପ୍ରାଣପ୍ରତିଷ୍ଠା କରି ପୂଜା କରୁଛୁ, ପୂଜା ପର୍ବ ସରିବା ପରେ ସେହି ପବିତ୍ର ବିଗ୍ରହଙ୍କୁ ସପ୍ତାହ ସପ୍ତାହ ଏପରିକି ମାସ ମାସ ଧରି ମଣ୍ଡପରେ ଅବହେଳିତ ଅବସ୍ଥାରେ ରଖିଦିଆଯାଉଛି। କାରଣ କ'ଣ? କାରଣ ହେଉଛି— ଇଚ୍ଛା ମୁତାବକ ବ୍ରାସ୍ ବ୍ୟାଣ୍ଡ ମିଳୁନାହିଁ, କିମ୍ବା ଡିଜେ ଗାଡ଼ିର ତାରିଖ ଫାଙ୍କା ନାହିଁ! ଏହା କେଉଁ ପ୍ରକାରର ଧର୍ମ? ଏହା କେଉଁ ଶାସ୍ତ୍ରର ବିଧି? ଯେଉଁ ଭଗବାନ ସମଗ୍ର ବ୍ରହ୍ମାଣ୍ଡର ନିୟନ୍ତା, ତାଙ୍କୁ ବିଦାୟ ଦେବା ପାଇଁ ଆମେ କେତେକ ବ୍ୟାଣ୍ଡବାଜା ବାଲାଙ୍କ ସମୟ ଉପରେ ନିର୍ଭର କରୁଛୁ! ବିସର୍ଜନ ତିଥି ଓ ଶାସ୍ତ୍ରୀୟ ବିଧିକୁ ଜଳାଞ୍ଜଳି ଦେଇ ବ୍ୟାଣ୍ଡପାର୍ଟିର ଉପଲବ୍ଧତାକୁ ପ୍ରାଥମିକତା ଦେବା କେବଳ ଧର୍ମଦ୍ରୋହ ନୁହେଁ, ବରଂ ଆମ ବିବେକହୀନତାର ଚରମ ପ୍ରମାଣ। ପୂଜାର ପ୍ରକୃତ ଉଦ୍ଦେଶ୍ୟ କ'ଣ ଥିଲା? ପୂର୍ବରୁ ଗାଁ ଓ ସାହିର ଲୋକମାନେ ଏକାଠି ହୋଇ ମନର ମଇଳା ଧୋଇବା ପାଇଁ ପୂଜା କରୁଥିଲେ। ପରସ୍ପର ଭିତରେ ଥିବା ତିକ୍ତତା ଭୁଲି ଭାଇଚାରା ବାଣ୍ଟୁଥିଲେ। ମାତ୍ର ଆଜି ପୂଜା ପାଲଟିଛି 'ଅହଂକାରର ପ୍ରଦର୍ଶନୀ'। କାହାର ମଣ୍ଡପ କେତେ ଲକ୍ଷ ଟଙ୍କାର, କାହାର ଆଲୋକସଜ୍ଜା କେତେ ଚାକଚକ୍ୟଭରା, କିଏ କେତେ ଉଚ୍ଚଶବ୍ଦର ସାଉଣ୍ଡ ବକ୍ସ ଲଗାଇପାରିଲା ଏହାକୁ ନେଇ ଚାଲିଛି ଅସୁସ୍ଥ ପ୍ରତିଯୋଗିତା। ଭକ୍ତିର ସ୍ଥାନ ନେଇଛି 'ଭେଳିକି'। ଧର୍ମ ନାଁରେ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି, ଯାହାର ଅଧିକାଂଶ ଭାଗ କ୍ଷଣସ୍ଥାୟୀ ଚମକ ଓ କାନଫଟା ଶବ୍ଦରେ ଉଡ଼ିଯାଉଛି। ଭକ୍ତିର ମାପକାଠି ଯଦି ଡେସିବେଲ୍‌ର ତୀବ୍ରତା ଓ ବ୍ୟାଣ୍ଡପାର୍ଟିର ଦାମ ହୋଇଯାଏ, ତେବେ ବୁଝିବାକୁ ହେବ ଯେ ଆମେ ସଂସ୍କୃତିରୁ ବହୁ ଦୂରକୁ ଖସିଆସିଲୁଣି। ଏହି ଉତ୍ସବଗୁଡ଼ିକରେ ବିସର୍ଜନ ଶୋଭାଯାତ୍ରା ନାଁରେ ଯାହା ଚାଲୁଛି, ତାହା ଆମ ସମାଜର ମାନସିକ ସ୍ଥିତି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରେ। ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଡିଜେର ଉଗ୍ର ଶବ୍ଦ, ଅଶାଳୀନ ନୃତ୍ୟ, ମଦ୍ୟପାନ ଓ ଯୁବପିଢ଼ିର ବିଶୃଙ୍ଖଳା କେଉଁ ପରମ୍ପରାର ଅଂଶ ହୃଦ୍‌ରୋଗୀ, ବୃଦ୍ଧ, ନବଜାତ ଶିଶୁ ଏବଂ ପରୀକ୍ଷା ପାଇଁ ପଢୁଥିବା ଛାତ୍ରଛାତ୍ରୀମାନେ ଏହି କାନଫଟା ଆତଙ୍କ ଭିତରେ କଲବଲ ହୁଅନ୍ତି। ରାସ୍ତାରେ ଆମ୍ବୁଲାନ୍ସ ଫସି ରହି ଜୀବନ ଚାଲିଯାଏ, କିନ୍ତୁ ନାଚୁଥିବା ଲୋକଙ୍କ ନଜର ସେଆଡ଼େ ଯାଏନାହିଁ। ଭଗବାନଙ୍କୁ ବିଦାୟ ଦେବା ସମୟରେ ଅନ୍ୟର ଜୀବନକୁ ବିପନ୍ନ କରିବା କ'ଣ ପୁଣ୍ୟର କାର୍ଯ୍ୟ? ପାରମ୍ପରିକ ଶଙ୍ଖ, ମୃଦଙ୍ଗ, ଖଞ୍ଜଣୀ ଓ ନାମକୀର୍ତ୍ତନରେ ଯେଉଁ ଆଧ୍ୟାତ୍ମିକ ଶାନ୍ତି ଓ ଭାବପୂର୍ଣ୍ଣ ଆନନ୍ଦ ଥିଲା, ତାହାକୁ ହତ୍ୟା କରି ଆମେ ପାଶ୍ଚାତ୍ୟ ଉନ୍ମାଦନାର ଦାସ ପାଲଟିଯାଇଛୁ। ଏହି ସାଂସ୍କୃତିକ ଅବକ୍ଷୟର ଅନ୍ୟ ଏକ କଳା ଦିଗ ହେଉଛି ଅର୍ଥର ଅପବ୍ୟୟ। ପୂଜା ପାଇଁ ଲୋକଙ୍କଠାରୁ, ବ୍ୟବସାୟୀଙ୍କଠାରୁ ଜୋରଜବରଦସ୍ତ ଚାନ୍ଦା ଆଦାୟ କରାଯାଏ। କିନ୍ତୁ ସେହି ଅର୍ଥ କେଉଁ କାର୍ଯ୍ୟରେ ଲାଗେ? ଲକ୍ଷ ଲକ୍ଷ ଟଙ୍କାର ବାଣ ଫୁଟାଇ ପବନକୁ ବିଷାକ୍ତ କରାଯାଏ, ଡିଜେ ବାଲାଙ୍କୁ ମୋଟା ଅଙ୍କର ଅର୍ଥ ଦିଆଯାଏ, ଆଉ ରାସ୍ତାରେ ଖାଦ୍ୟ ନଷ୍ଟ ହୁଏ। ସେହି ଟଙ୍କାରେ କ'ଣ ଜଣେ ଗରିବ ମେଧାବୀ ଛାତ୍ରର ପାଠପଢ଼ା ଖର୍ଚ୍ଚ ତୁଲାଯାଇ ପାରନ୍ତା ନାହିଁ? କୌଣସି ଅସହାୟ ରୋଗୀର ଚିକିତ୍ସା କରାଯାଇ ପାରନ୍ତା ନାହିଁ? ଅନାଥାଶ୍ରମ ବା ବୃଦ୍ଧାଶ୍ରମରେ ଦିନକର ସେବା ଯୋଗାଇ ଦିଆଯାଇ ପାରନ୍ତା ନାହିଁ? ଯଦି ଆମେ ସଂଗୃହୀତ ଅର୍ଥକୁ ସମାଜ ମଙ୍ଗଳ କାର୍ଯ୍ୟରେ ନିୟୋଜିତ କରିଥାନ୍ତେ, ତେବେ ତାହା ହିଁ ଭଗବାନଙ୍କ ପାଇଁ ସବୁଠାରୁ ବଡ଼ ନୈବେଦ୍ୟ ହୋଇଥାନ୍ତା। 'ଜୀବେ ଦୟା, ନାମେ ରୁଚି' ଏହା ହିଁ ତ ଓଡ଼ିଆ ଭକ୍ତି ପରମ୍ପରାର ମୂଳ ମନ୍ତ୍ର ଥିଲା। ପରିବେଶ ପ୍ରଦୂଷଣ ଆଉ ଏକ ଗୁରୁତର ସଙ୍କଟ। ରାସାୟନିକ ରଙ୍ଗ ଓ ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ନିର୍ମିତ ବିଶାଳକାୟ ମୂର୍ତ୍ତିଗୁଡ଼ିକୁ ଯେତେବେଳେ ନଦୀ ଓ ପୋଖରୀରେ ବୁଡ଼ାଇ ଦିଆଯାଏ, ସେତେବେଳେ ଜଳ ବିଷାକ୍ତ ହୋଇଯାଏ। ଜଳଚର ଜୀବ ମୃତ୍ୟୁମୁଖରେ ପଡ଼ନ୍ତି ଏବଂ ସେହି ପ୍ରଦୂଷିତ ଜଳ ବ୍ୟବହାର କରି ମଣିଷ ନାନା ରୋଗରେ ଆକ୍ରାନ୍ତ ହୁଏ। ପରମ୍ପରା ନାଁରେ ପ୍ରକୃତିକୁ ଧ୍ୱଂସ କରିବା କୌଣସି ଧର୍ମର ନିର୍ଦ୍ଦେଶ ନୁହେଁ। ମାଟିର ମୂର୍ତ୍ତି ଓ ପ୍ରାକୃତିକ ରଙ୍ଗ ବ୍ୟବହାର କରିବା ସହ ନିର୍ଦ୍ଧାରିତ କୃତ୍ରିମ ପୋଖରୀରେ ବିସର୍ଜନ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ହେବା ଉଚିତ। ବର୍ତ୍ତମାନ ସମୟ ଆସିଛି, ଆମ ସମାଜକୁ ଏକ ବଡ଼ ମାନସିକ ପରିବର୍ତ୍ତନ ଦେଇ ଗତି କରିବାକୁ ପଡ଼ିବ। ଏହି ପରିବର୍ତ୍ତନ କେବଳ ଆଇନ କିମ୍ବା ପୋଲିସ ପ୍ରଶାସନ ବଳରେ ସମ୍ଭବ ନୁହେଁ; ଏଥିପାଇଁ ଆମ ପ୍ରତ୍ୟେକଙ୍କ ଅନ୍ତରରେ ଆତ୍ମସମୀକ୍ଷା ଜାଗ୍ରତ ହେବା ଆବଶ୍ୟକ। ପ୍ରଥମତଃ, ପୂଜା କମିଟି ଓ ସାହିର ମୁରବୀମାନେ ଦୃଢ଼ ସଂକଳ୍ପ ନେବା ଦରକାର। ପୂଜା ଆରମ୍ଭ ପୂର୍ବରୁ ହିଁ ଶାସ୍ତ୍ରୀୟ ନିୟମ ଅନୁଯାୟୀ ବିସର୍ଜନର ଦିନ ଓ ସମୟ ଧାର୍ଯ୍ୟ ହେଉ। ବ୍ୟାଣ୍ଡପାର୍ଟି ମିଳୁ ବା ନ ମିଳୁ, ନିର୍ଦ୍ଦିଷ୍ଟ ତିଥିରେ ଠାକୁରଙ୍କୁ ସମ୍ମାନର ସହ ମେଲାଣି ଦିଆଯାଉ। ଭଗବାନଙ୍କୁ ବ୍ୟାଣ୍ଡବାଜାର ବନ୍ଧକ ନକରି ଶଙ୍ଖଧ୍ୱନି ଓ ହରିବୋଲ ଭିତରେ ବିସର୍ଜନ କରାଗଲେ ତାହା ଆହୁରି ପବିତ୍ର ଓ ମର୍ଯ୍ୟାଦାପୂର୍ଣ୍ଣ ହେବ। ଦ୍ୱିତୀୟତଃ, ଯୁବପିଢ଼ିଙ୍କୁ ନିଜର ଦାୟିତ୍ୱ ବୁଝିବାକୁ ହେବ। ଉତ୍ସବର ଆନନ୍ଦ ଉନ୍ମାଦନାରେ ନୁହେଁ, ଶୃଙ୍ଖଳାରେ ଥାଏ। ଉଚ୍ଚଶବ୍ଦର ଡିଜେକୁ ବର୍ଜନ କରି ପାରମ୍ପରିକ ବାଦ୍ୟଯନ୍ତ୍ର, ସମ୍ବଲପୁରୀ ବାଜା କିମ୍ବା ସଂକୀର୍ତ୍ତନକୁ ଆପଣାଇବା ଦ୍ୱାରା ଉତ୍ସବର ମୌଳିକତା ଫେରିଆସିବ। ନିଜର ଆନନ୍ଦ ଯେପରି ଅନ୍ୟ କାହାର ଯନ୍ତ୍ରଣାର କାରଣ ନ ହୁଏ, ସେଥିପ୍ରତି ସଚେତନ ରହିବା ପ୍ରକୃତ ଶିକ୍ଷାର ପରିଚୟ। ତୃତୀୟତଃ, ପ୍ରଶାସନକୁ ଶବ୍ଦ ପ୍ରଦୂଷଣ ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ହେବ। ବିନା ଅନୁମତିରେ ଅତ୍ୟଧିକ ଶବ୍ଦ ସୃଷ୍ଟିକାରୀ ସାଉଣ୍ଡ ସିଷ୍ଟମ୍‌କୁ ଜବତ କରିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଭସାଣି ସାରିବା ପାଇଁ କଡ଼ା ନିର୍ଦ୍ଦେଶାବଳୀ ଜାରି କରାଯିବା ଉଚିତ। ଚତୁର୍ଥତଃ, ସାଧାରଣ ନାଗରିକ ଭାବରେ ଆମେ ଏପରି ବିକୃତ ଆଡ଼ମ୍ବରକୁ ପ୍ରୋତ୍ସାହିତ କରିବା ବନ୍ଦ କରିବା। ଯେଉଁ ମଣ୍ଡପରେ ଅଶାଳୀନତା ଚାଲିଛି କିମ୍ବା ଅମାନବୀୟ କାର୍ଯ୍ୟ ହେଉଛି, ସେଠାକୁ ଯିବା ବନ୍ଦ କରିବା ଏବଂ ଚାନ୍ଦା ଦେବା ସମୟରେ ତାର ସଦୁପଯୋଗ ପାଇଁ ପ୍ରଶ୍ନ କରିବା ଶିଖିବା। ଆମେ ଭୁଲିଯିବା ଉଚିତ ନୁହେଁ ଯେ, ଆମ ପିଲାମାନେ ଆମ ଆଚରଣରୁ ହିଁ ସଂସ୍କୃତି ଶିଖୁଛନ୍ତି। ଆଜି ଯଦି ଆମେ ସେମାନଙ୍କୁ ଦେଖାଇବା ଯେ ଧର୍ମ ମାନେ କେବଳ କାନଫଟା ଡିଜେ, ରାସ୍ତା ଉପରେ ବିଶୃଙ୍ଖଳ ନାଚ ଏବଂ ଠାକୁରଙ୍କୁ ଅପମାନିତ କରି ରଖିବା ତେବେ କାଲି ସେମାନେ ଆମ ପରମ୍ପରାକୁ କେଉଁ ରୂପ ଦେବେ? ଧର୍ମ ଆମକୁ ସଂଯମ ଶିଖାଏ, ସମର୍ପଣ ଶିଖାଏ ଏବଂ ମାନବତାର ପାଠ ପଢ଼ାଏ। ପରମ୍ପରା ନାଁରେ ଚାଲିଥିବା ଏହି ଅପସଂସ୍କୃତିରୁ ବାହାରି ପ୍ରକୃତ ଭକ୍ତି ଓ ସାମାଜିକ ଦାୟିତ୍ୱବୋଧକୁ ଆପଣାଇବାର ଏହା ହିଁ ପ୍ରକୃଷ୍ଟ ସମୟ। ଆସନ୍ତୁ, ଆଡ଼ମ୍ବରର କୋଳାହଳରୁ ମୁକ୍ତ ହୋଇ ଶ୍ରଦ୍ଧା ଓ ଶାନ୍ତିର ଦୀପ ଜଳାଇବା। ଠାକୁରଙ୍କୁ ବ୍ୟାଣ୍ଡପାର୍ଟିର ସୁବିଧାରେ ନୁହେଁ, ବରଂ ନିଜ ହୃଦୟର ନିଷ୍ଠା ଓ ସମ୍ମାନର ସହିତ ବିଦାୟ ଦେଇ ଆମ ସଂସ୍କୃତିର ଗୌରବକୁ ରକ୍ଷା କରିବା। ଏହି ଚିନ୍ତନ ହିଁ ଆମ ସମାଜର ମାନସିକତାକୁ ବଦଳାଇପାରିବ ଏବଂ ପରମ୍ପରାର ପ୍ରକୃତ ସୌରଭକୁ ବଞ୍ଚାଇ ରଖିବ। ଯେଉଁ ଦିନ ଆମେ ଏହି ପ୍ରଶ୍ନର ଉତ୍ତର ନିଜ ବିବେକଠାରୁ ପାଇପାରିବା ଏବଂ ତାହାକୁ କାର୍ଯ୍ୟରେ ପରିଣତ କରିପାରିବା, ସେହି ଦିନ ଆମ ସଂସ୍କୃତିର ମର୍ଯ୍ୟାଦା ପ୍ରକୃତ ଅର୍ଥରେ ସୁରକ୍ଷିତ ରହିବ। ମନେ ରଖିବା ଦରକାର ଧର୍ମର ଶକ୍ତି ଶବ୍ଦରେ ନୁହେଁ, ଶ୍ରଦ୍ଧାରେ; ପରମ୍ପରାର ମହତ୍ତ୍ୱ ଆଡ଼ମ୍ବରରେ ନୁହେଁ, ତାହାର ମୂଲ୍ୟବୋଧରେ। ଠାକୁରଙ୍କୁ ବିଦାୟ ଦେବାର ସତ୍ୟ ସଙ୍ଗୀତ ବ୍ୟାଣ୍ଡର ଶବ୍ଦ ନୁହେଁ, ଆମର ନିଷ୍ଠା, ଶୃଙ୍ଖଳା ଓ ନିର୍ମଳ ଭକ୍ତି।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ସ୍ୱୀକୃତି**

ଶ୍ରଦ୍ଧେୟ ଭକ୍ତବୃନ୍ଦ ସାଧନାର ଶୀର୍ଷରେ ପହଞ୍ଚିଲେ ଯାଇ ଈଶ୍ୱରଙ୍କର ସ୍ୱୀକୃତି ପ୍ରାପ୍ତ ହୋଇଥାଏ । ଯେ ପର୍ଯ୍ୟନ୍ତ ସେଠାରୁ ସ୍ୱୀକୃତି ପ୍ରାପ୍ତ ନହୋଇଛି ସେ ପର୍ଯ୍ୟନ୍ତ ସାଧନା ସ୍ତରକୁ ପ୍ରତି ମୂହୁର୍ତ୍ତରେ ସମୀକ୍ଷା କର । ସନ୍ଦେହ ମନକୁ ପରିମାର୍ଜିତ କରି ମନକୁ ସରଳିକୃତ କରିଚାଲ, ଭକ୍ତି, ପ୍ରେମ, ଶ୍ରଦ୍ଧା, ସେବା ଉପରେ ନିୟନ୍ତ୍ରଣ ରଖ, ପ୍ରକୃତ ତୁମେ ସଚା ସେବକ ହେଲେବି ସେଥିପ୍ରତି ଧ୍ୟାନ ଦିଅ । ଅନ୍ତର ବାହାରର ଧ୍ୟାନକୁ କେନ୍ଦ୍ରୀଭୂତ କର । ଅଧର୍ଯ୍ୟତାକୁ ଧ୍ୟାନ ଦିଅ ନାହିଁ । ଧୈର୍ଯ୍ୟର ଲଗାମ ଧର । ସମୟ ଭିତରେ ଶକ୍ତିର ପରାକାଷ୍ଠା ନିଦର୍ଶନ କର । ସମୟ ବା ମୂହୂର୍ତ୍ତକୁ ଯିଏ ଜୟକରେ ସେହିଁ କାଳଜୟୀ ଭକ୍ତ ।ସେହିଁ ପ୍ରକୃତରେ ଈଶ୍ୱରଙ୍କର ଦିବ୍ୟ ବିଭୂତି ରୂପକ ସ୍ୱୀକୃତି ପ୍ରାପ୍ତ ହୋଇଥାଏ । ଅନ୍ୟଥା ବୃଥା । ତେଣୁ ପ୍ରତ୍ୟେକ କ୍ଷେତ୍ରରେ ସେଇ ଈଶ୍ୱର କ୍ଷେତ୍ରଜ୍ଞ୍ୟ ରୂପରେ ବସିଛନ୍ତି ତେଣୁ କ୍ଷେତ୍ରକୁ ଭୂଲିଯାଅନାହିଁ ।କ୍ଷେତ୍ରର ମର୍ଯ୍ୟଦାକୁ ଅକ୍ଷୁର୍ଣ୍ଣ ରଖିବା ହିଁ ଶିଷ୍ୟର ଗୁରୁ ଦାୟିତ୍ୱ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar-751010, Odisha & Published at 464, Saheed Nagar, Bhubaneswar-751007 Ph.: 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୧୦୪



ନିତ୍ୟାନନ୍ଦ ପଣ୍ଡା

## କର୍ଣ୍ଣ ଓ କୁନ୍ତୀଙ୍କର ମିଳନ-୩



ସେ କାଳରେ କନିଷ୍ଠମାନଙ୍କଠୁ ପ୍ରଥମେ ପରାମର୍ଶ ଗ୍ରହଣ କରାଯାଉଥିଲା। ବରିଷ୍ଠମାନେ ଥିଲେ ଅନ୍ତିମ ନିର୍ଣ୍ଣାୟକ।

ଯୁଧିଷ୍ଠିର ପ୍ରଥମେ ପଚାରିଲେ ସହଦେବଙ୍କୁ- ଆମର ସାତଜଣ ମୁଖ୍ୟଙ୍କ ମଧ୍ୟରୁ ସର୍ବୋଚ୍ଚ ସେନାପତି କିଏ ହେବ ବୋଲି ଉଚିତ୍ ଭାବୁଛ ?

ସହଦେବ: ରାଜା ବିରାଟ ଆମକୁ ଏକବର୍ଷ କାଳ ଗୋପନରେ ବଞ୍ଚେଇ ରଖିଛନ୍ତି। ଯାହାଫଳରେ ଆଜି ଆମେ ରାଜ୍ୟ ଦାବି କରୁଛୁ। ତେଣୁ ରାଜା ବିରାଟ ହୁଅନ୍ତୁ ସର୍ବୋଚ୍ଚ ସେନାପତି।

ନକୁଳ: ରାଜା ଦ୍ରୁପଦ ହୁଅନ୍ତୁ ସର୍ବୋଚ୍ଚ ସେନାପତି। ବୟସ ଅଭିଜ୍ଞତା, ଜ୍ଞାନ ଓ ସାହସ ଓ ଶକ୍ତି ତାଙ୍କର ରହିଛି। ସେ ଆମକୁ ପୁଅଜ୍ଞାନ କରନ୍ତି।

ଅର୍ଜୁନ: ଧୃଷ୍ଟଦ୍ୟୁମ୍ନ ହେଉଛନ୍ତି ଉପଯୁକ୍ତ ବୀର। ଦ୍ରୋଣଙ୍କୁ ହତ୍ୟା କରିବାପାଇଁ ତାଙ୍କର ଜନ୍ମ। ଏବଂ ସେ କେବଳ ଭୀଷ୍ମଙ୍କ ଅସ୍ତ୍ରକୁ ମୁକାବିଲା କରିପାରିବେ।

ଭୀମସେନ୍: ଅର୍ଜୁନ ଯାହା କହିଲା ଠିକ୍ ଅବଶ୍ୟ। ମାତ୍ର ଋଷିମାନେ କହିଛନ୍ତି, ଶିଖଣ୍ଡୀ ଭୀଷ୍ମଙ୍କ ମୃତ୍ୟୁର କାରଣ ହେବେ। ତାଙ୍କର ଉଜ୍ଜ୍ୱଳ ମୁଖ ପର୍ଶୁରାମଙ୍କ ମୁଖସମ। ମୋ ମତ ଶିଖଣ୍ଡୀ ସର୍ବୋଚ୍ଚ ସେନାପତି ହୁଅନ୍ତୁ।

ଶେଷରେ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କ ମତ ନେଲେ।

ଶ୍ରୀକୃଷ୍ଣ: ସମସ୍ତେ ସର୍ବୋଚ୍ଚ ସେନାପତି ହେବାପାଇଁ ଯୋଗ୍ୟ। କୌରବଙ୍କର ହୃତ୍‌କମ୍ପ ସୃଷ୍ଟି କରିପାରିବେ। ହେଲେ ଅର୍ଜୁନଙ୍କ ମତକୁ ମୁଁ ଗ୍ରହଣ କରୁଛି। ଧୃଷ୍ଟଦ୍ୟୁମ୍ନଙ୍କୁ ସର୍ବୋଚ୍ଚ ସେନାପତି ରୂପେ ଅଭିଷିକ୍ତ କରାଯାଉ।

ସେଇଆ ହେଲା। ଦ୍ରୌପଦୀଙ୍କ ଭାଇ ଧୃଷ୍ଟଦ୍ୟୁମ୍ନଙ୍କୁ ସର୍ବୋଚ୍ଚ ସେନା ମୁଖ୍ୟ ଭାବେ ଅଭିଷିକ୍ତ କରାଗଲା।

ବାଜି ଉଠିଲା ଶଙ୍ଖ ଓ ରଣତୁରୀ। ହାତୀମାନେ ଶୁଣ୍ଢକୁ ଉପରକୁ ଟେକି ଗର୍ଜନ ଛାଡ଼ିଲେ।

ପ୍ରବଳ ଆଗ୍ରହରେ ପାଣ୍ଡବସେନା କୁରୁକ୍ଷେତ୍ର ମଧ୍ୟକୁ ପ୍ରବେଶକଲେ।

**ଆସ ମନେ ରଖିବା:** ପାଣ୍ଡବ ସେନାର ସର୍ବୋଚ୍ଚ ସେନାପତି ଧୃଷ୍ଟଦ୍ୟୁମ୍ନ ମହାଭାରତ ଯୁଦ୍ଧର ଶେଷପର୍ଯ୍ୟନ୍ତ ବୀରତ୍ୱର ସହ ଯୁଦ୍ଧ କରିଥିଲେ। ସେ ରାଜା ଦ୍ରୁପଦଙ୍କର ପୁଅ ହେଲେ ମଧ୍ୟ ମାତୃଗର୍ଭରୁ ସେ ଜନ୍ମ ହୋଇନାହାଁନ୍ତି। ଯଜ୍ଞ କୁଣ୍ଡରୁ ଜନ୍ମ ଧୃଷ୍ଟଦ୍ୟୁମ୍ନ ବଡ଼, ସାନ ଦ୍ରୌପଦୀ। ମହାଭାରତ ଯୁଦ୍ଧର ୧୫ତମ ଦିନ ଦ୍ରୋଣଙ୍କର ମୁଣ୍ଡ କାଟିଥିଲେ ଧୃଷ୍ଟଦ୍ୟୁମ୍ନ। ଯଜ୍ଞ କୁଣ୍ଡରୁ ଜନ୍ମବେଳେ ଧୃଷ୍ଟଦ୍ୟୁମ୍ନ ଧନୁତୀର ଖଣ୍ଡା ଆଦି ଦୈବୀ ଅସ୍ତ୍ର ସହ ବହିର୍ଗତ ହୋଇଥିଲେ। କିନ୍ତୁ ଆଶ୍ଚର୍ଯ୍ୟର କଥା, ଦ୍ରୋଣ ଯଦିବା ଜାଣିଥିଲେ ଧୃଷ୍ଟଦ୍ୟୁମ୍ନ ତାଙ୍କ ମୃତ୍ୟୁର କାରଣ ହେବ, ସେ ତାଙ୍କୁ ଡକେଇ ଶସ୍ତ୍ର ଶିକ୍ଷା ଦେଇଥିଲେ। **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



## ମୋ ମାଆ ମରତେ ଆସୁଛି

*ସୁରମା ମିଶ୍ର*

ଆସୁଛିରେ ଭାଇ ଆସୁଛି
ମୋ ମାଆ ମରତେ ଆସୁଛି
ମୁଁ ତ ବାଟ ଚାହିଁ ତାର ବସିଛି
ମୋର ମନ ପୁଲକିତ ହେଉଛି ॥

ଆସ ଭକ୍ତି ଅର୍ଘ୍ୟ ଦେଇ ମନରେ
ପ୍ରଣମିବା ମାଆ ପୟରେ
ଭକ୍ତି କୁସୁମର ମାଳ ଗୁନ୍ଥିବା
ମାଆ ଗଳାରେ ପିନ୍ଧାଇ ଦେବା ॥

ଚାଲ ଫୁଲ ଆମ୍ବ ଡାଳ ଆଣିବା
ମଣ୍ଡପରେ ତୋରଣଟି ବାନ୍ଧିବା
ଧୂପ ଦୀପ ନୈବେଦ୍ୟ ଦେଇ
ପୂଜା କରିବାରେ ମନ ଲଗାଇ ॥

ମାଆ ଆମ ଡାକ ନିଶ୍ଚେ ଶୁଣିବ
ସଦା ସର୍ବଦା ସେ ସାହା ହୋଇବ
ସେ ତ ଜଗତ ଜନନୀ ମାଆ ଲୋ
ଦୁଃଖ ସୁଖରେ ହୋଇବ ସାହା ଲୋ ॥

ସବୁ ସଙ୍କଟରୁ ସିଏ ତାରିବ
ବାହୁ ଛାୟା ତଳେ ନେଇ ରଖିବ
କରୁଣାମୟୀ କରୁଣାର ଧାର
ଢାଳି ଦେବରେ ମସ୍ତକେ ଆମର ॥

*ବିଏଲ-୩୯, ଭିଏସ୍‌ଏସ୍ ନଗର,*
*ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*



## ଦେବୀ ଦଶଭୁଜା ସାହା

*କୀର୍ତ୍ତନ ସାହୁ*

ବଜାରେ ବଜା
ବାଇଦ ବଜା
ଆସନ୍ତି ଦୁରୁଗା ମାଆ
ଆହାକି ମଜା
ନାହିଁରେ ରଜା
ଦେବୀ ଦଶଭୁଜା ସାହା ।

ଯାଅନା ରୁଷି
ହୁଅରେ ଖୁସି
ନାଚିବା ତାଥେଇ ଥେଇ
ସଭିଏଁ ମିଶି
ଦେଖିବା ହସି
ବାଜିବ ଢୋଲକ ଧେଇ।

ଆହାକି ମଜା
ହୋଇଛି ସଜା
ବସିଛନ୍ତି ଭବ୍ୟା ମାୟା
କାହାଳୀ ତୂରୀ
ବାଜୁଛି ଭେରି
ସିଏ ବନଦୁର୍ଗା ଜୟା ।

ସମାଜ ଅରି
ବିନାଶ କରି
ଦେବେରେ ଅଭୟ ବାଣୀ
ମିଛକୁ ତଡି
ସତରେ ଜଡି
ଦେବେରେ ଆଶିଷ ଜାଣି ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

## ଶୁଭ ପାର୍ବଣରେ ହସେ ମଣ୍ଡପ

*ପ୍ରଫୁଲ୍ଲ କୁମାର ସାହୁ*



ଅଶିଣ ଆକାଶ ଦିଶେ ସୁ ନିର୍ମଳ
ନାହିଁ କାହିଁ ଦିଶେ କଳା ମେଘ ମାଳ
ମାଆଙ୍କ ଦର୍ଶନ ପାଇଁ,
ଗାଆଁଠୁ ସହର ପୂଜା ମଣ୍ଡପରେ
ଭକତ ଅଛନ୍ତି ଚାହିଁ ।୧।

ଚାଷୀଏ ନିଜର ବାଡି ବଗିଚାରେ
କରିଛନ୍ତି ଚାଷ କେତେ ଯେ ଖୁସିରେ
ଦେଖି ଫୁଲି ଉଠେ ଛାତି,
ସବୁଜ କ୍ଷେତର ଅପରୂପ ଶୋଭା
ଅନନ୍ୟ ସେ ଜାତି ଜାତି ।୨।

ଆଲୋକ ମାଳାରେ ହସଇ ତୋରଣ
ଦର୍ଶକଙ୍କ କରେ ମନକୁ ହରଣ
ଶୁଭ ପାର୍ବଣରେ ଆଜି,
ଦେଖ କେତେ ନୂଆ ରୂପରେ ମଣ୍ଡପ
ହୋଇ ଅଛି ସଜାସଜି ।୩।

ବାଟେ ଘାଟେ ପାଟେ ମଥାକୁ ହଲାଇ
କାଶତଣ୍ଡି ଦିଏ ମନକୁ ଭୁଲାଇ
ଧବଳ ତା' ରୂପ ଦେଖି,
କବି ଭାବୁକଙ୍କ ମନ ଆଇନାରେ
ସ୍ମୃତି ରହିଯାଏ ଲାଖି ।୪।

ଭାଇଚାରା ପର୍ବ ଆମ ଦଶହରା
ସାନ ଠାରୁ ବଡ଼ ସର୍ବେ ଆମ୍ଭହରା
ଖୁସିରେ ସଭିଏଁ ମିଶି,
ବରଷକେ ଥରେ ପାଳନ୍ତି ଉତ୍ସବ
ଆନନ୍ଦରେ ହସି ହସି ।୫।

ଭେଦଭାବ ନାହିଁ କାହାରି ମନରେ
ଏକତା ରହିଛି ସଭିଙ୍କ ଭିତରେ
ଭାଇଚାରା ଭାବ ନେଇ,
ମାଆଙ୍କ ନିକଟେ ପୂଜା ଦେବେ ମିଶି
ସକଳେ ଏକାଠି ହୋଇ ।୬।

*ଯଦୁ-ମାଳତୀ କୃପା ନିବାସ, ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୦୮୦୪୪୩୮୩*

## ଆସିଛି ଦଶରା ଛୁଟି

*ରାମଚନ୍ଦ୍ର ବେହେରା*

ଦଶହରା ଛୁଟି ଆସିଅଛି ମିତ
ନାହିଁ ବର୍ଷା ଖରା ତାପ
ଗାଆଁରୁ ସହର ଛକ ବଜାରରେ
ହସୁଛି ଦୁର୍ଗା ମଣ୍ଡପ।
ନୀଳ ଆକାଶରେ ଜହ୍ନମାମୁଁ ହସେ
ହସେ ଗାଆଁ ପରିବେଶ
ମାତା ଦଶଭୁଜା ନଅ ସ୍ୱରୂପରେ
ଢାଳିବେ ଶୁଭ ଆଶିଷ।
ଦଶରା ସମୟେ ମେଢ ବୁଲି ଯିବା
ଶ୍ରଦ୍ଧାଭାବ ରଖି ମନେ
ମେଳାରୁ କିଣିବା ଖେଳନା ପୁସ୍ତକ
ଖୁସି ଭରିଯିବ ପ୍ରାଣେ।
ଜେଜେ କହୁଥିଲେ ମହିଷାସୁରକୁ
ମାରିଥିଲେ ଦୁର୍ଗାମାତ
ଅସତ୍ୟ ଅଧର୍ମ ପାପ କର୍ମ ପାଇଁ
ହୋଇଥିଲା ସେ ନିହତ।
ଧର୍ମର ବିଜୟ ହୋଇଥାଏ ସଦା
ଅଧର୍ମର ହୁଏ ନାଶ
ଆସ ଦଶରାରେ ଧର୍ମ କାମ କରି
ସଭିଙ୍କୁ କରିବା ତୋଷ।
ଆସ ସାଥୀ ହୋଇ ଦଶରା ଛୁଟିରେ
ଅନାଥ ଆଶ୍ରମ ଯିବା
ଅନାଥ ପିଲାଙ୍କୁ ସ୍ନେହ ଶ୍ରଦ୍ଧା ବାଣ୍ଟି
ସାଙ୍ଗର ଦରଜା ଦେବା।
ତାଙ୍କରି ଖୁସିରେ ଆମେ ଖୁସିହେବା
ବାଣ୍ଟିବା ସହାନୁଭୂତି
ନିରୀହ ଶିଶୁଙ୍କୁ ଆପଣାର କରି
କାଟିବା ଦଶରା ଛୁଟି।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ- ୭୩୫୫୬୩୪୩୪୬*



## ଶାରଦୀୟ ଦୁର୍ଗାପୂଜା

*ଦଶରଥ ମାଝୀ*

ଶରତ ଋତୁରେ ଆଶ୍ୱିନ ମାସରେ
ଶାରଦୀୟ ଦୁର୍ଗାପୂଜା
ଗାଆଁଠୁଁ ସହର ଗହଳଚହଳ
ଲାଗିଥାଏ ଭାରି ମଜା (୧)
ଷଷ୍ଠୀ ତିଥି ଦିନ ବେଲ ବରଣରୁ
ପୂଜା କାର୍ଯ୍ୟ ସବୁ ଚାଲେ
ରାତି ସାରା ବୁଲି ନାଟ ଦେଖିବାକୁ
ଆହାକି ଆନନ୍ଦ ମିଳେ (୨)
ସପ୍ତମୀ ଦିବସେ ଚକ୍ଷୁ ଦାନ ପରେ
ଯଥା ବିଧି ପୂଜା ହୁଏ
ଅଷ୍ଟମୀ ଦିନରେ ମହାଷ୍ଟମୀ ବ୍ରତ
ଭକ୍ତି ମନେ କରାଯାଏ (୩)
ନବମୀ ତିଥିରେ ରାତି ବେଳେ ହୁଏ
ସନ୍ଧିପୂଜା ବଳିଦାନ
ଦଶମୀ ତିଥିରେ ବିଜୟା ଦଶମୀ
ଏହା ପରେ ବିସର୍ଜନ (୪)
ଦୁର୍ଗାପୂଜା ପାଇଁ ବଳି ଦିଆଯାଏ
ପାଣିକଖାରୁ କାକୁଡି
ଭକ୍ତି ମନେ ଭକ୍ତ ଦର୍ଶନ କରନ୍ତି
ଯୁଗଳ ହାତକୁ ଯୋଡ଼ି (୫)

*କୁରୁମାଟୁଆଁ, ଭବାନୀପାଟଣା, କଳାହାଣ୍ଡି*
*ମୋ-୮୨୪୯୨୧୨୪୭୨*



## ସଜ ହୋଇଲେଣି ମା'

*ନଗେନ୍ଦ୍ର ନାଥ ପଟ୍ଟନାୟକ*

ଉଲୁସି ଉଠଇ ଧରଣୀ ଆନନ୍ଦେ
ପାଇ ପାରବଣ ବାଆ
ମରତ ପୁରକୁ ଓହ୍ଲାଇବେ ବୋଲି
ସଜ ହୋଇଲେଣି ମାଆ ।।
ଟମକ ମହୁରୀ ଢୋଲ ଓ ନାଗରା
ବାଜେ ସୁର ଲୟ ତାଳେ
ବିଜେ ହେବେ ବୋଲି ମଣ୍ଡପରେ ମା'
ସାଜସଜ୍ଜା କେତେ ଚାଲେ ।।
ଅଶିଣ ଆକାଶ ଦିଶେ ନୀରିମଳ
କାଶଫୁଲ ତଳେ ହସେ
ଚଅଁର ହଲାଇ ଚାହିଁରହେ କାଶ
ମାଆ ଆଗମନ ଆଶେ ।।
ସୁନୀଳ ଗଗନେ ବୋଇତ ପରାଏ
ଭାସେ ଧଳା ମେଘମାଳା
ନଭଯାନେ ମା' ଧାରାକୁ ଆସିବେ
ଶାନ୍ତ ପରିବେଶେ ପରା ।।
ବରଷେ ହେଲାଣି ଯାଇଥିଲ ମାଗୋ
ଏ ଧରାଧାମକୁ ଛାଡ଼ି
ମରତକୁ ଆସି ବୁଲି ଦେଖି ଯାଅ
ବେନି ନୟନକୁ ଫେଡି ।।
ମାତିଲେଣି କେତେ ମହିଷା ଅସୁର
ଧରାବାସୀ ତ୍ରାହି ତ୍ରାହି
ତ୍ରିଶୂଳ ଆଘାତେ ନାଶିଦିଅ ମା'
ରକ୍ଷା ପାଇଯାଉ ମହୀ ।।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର*
*ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ*
*ମୋ-୯୪୩୮୩୩୨୧୩୮*





## ମାଆ ଆସୁଛନ୍ତି

*ପ୍ରଶାନ୍ତ କୁମାର ଦାଶ*



ମାଆ ଆସୁଛନ୍ତି ନାଶିବେ ଅସୁର
ଶାନ୍ତି ଖେଳିଯିବ ଛାଆଁକୁ
କରିବେ ସରସ ସୁନ୍ଦର ଧରାରେ
ସହର ସାହି ଓ ଗାଆଁକୁ ।।

ଫୁଟିଲାଣି ସୁନାରଙ୍ଗୀ ଜହ୍ନିଫୁଲ
ଜକ ଜକ ସେତ ଦିଶୁଛି
ଅଳସୀ ନଈଟି ଗାଇ ମିଠା ଗୀତ
ଦରିଆ ଦେହରେ ମିଶୁଛି ।।

ନୀଳ ଆକାଶରେ ଭାସେ ଧଳା ମେଘ
ନାହିଁ ବରଷାର ଡରଟି
ଗୋବରରେ ଲିପି ଝୋଟି ଚିତା ଦେଇ
ସଜେଇଛି ବୋଉ ଘରଟି ।।

ମାଆ ଆସୁଛନ୍ତି ମେଢ଼ ମଣ୍ଡପରେ
ବସିକି ପାଇବେ ପୂଜାତ
ଶଙ୍ଖ ଭେରୀ ତୂରୀ ବାଜିବ ମହୁରୀ
ତେଲିଙ୍ଗି ବାଇଦ ବାଜାତ ।।

ଧଳା କାଶତଣ୍ଡୀ ରୂପତ କରୁଚି
ମଣିଷ ମନକୁ କୁହୁକ
ରାତି ପାହାନ୍ତାରୁ ଛୁଟାଉଛି ଫୁଟି
ଗଙ୍ଗଶିଉଳି ତା ମହକ ।।

ଭାଙ୍ଗିବ ବଡେଇ ସୁନା ସଂସାରର
ସୁଖ ଶାନ୍ତି ଯିଏ ନାଶୁଚି

ଏଇ ଶରତରେ ଆମ ମରତରେ
ମାଆ ଦୟାମୟୀ ଆସୁଚି ।।

ମାଆ ଆସୁଛନ୍ତି ଅଧୀରେ ଭକତ
ଗାଉଚି ଜଣାଣ ତାହାର
ଦେଇଯିବେ ମାଆ ଭୋକିଲା ପେଟକୁ
ମନଜାଣି ଫଳ ଆହାର ।।

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

## ମାଆ ଆସୁଛନ୍ତି ଧରାକୁ

*ଧ୍ରୁବ ଚରଣ ଘିବେଲା*



ବାରତା ଆସିଛି ବାରତା ବୁଲୁଛି
ମାଆ ଆସୁଛନ୍ତି ଧରାକୁ
ପାର୍ବଣ ପାର୍ବଣ ଲାଗି ଆସିଲାଣି
ଶରତର ଅଶିଣକୁ ।
ତୋରା ତୋରା ଦିଶି ଆସିଲାଣି ଧରା
ନାହିଁ ଆବିଳତା କେଉଁଠି
ମାଟିଠୁ ଆକାଶ ନିରିମଳ ସ୍ୱଚ୍ଛ
ସ୍ୱଚ୍ଛତାର ଛାପ ସବୁଠି ।
ସବୁଜିମା ଭରା ଏ ଧରଣୀ ଧରା
ସୁଷମା ଶୋଭା ସୁନ୍ଦର
ସରସୀ ସୌନ୍ଦର୍ଯ୍ୟ ଜନ ମନ ହରେ
ପଦୁଅଁ କଇଁ ସମ୍ଭାର ।
ଆକାଶରେ ଶୋହେ ବଉଦ ସଉଧ
ଧଳା ମେଘ ଥାଏ ଆଙ୍କି
ସେ ବଉଦ ଛାଇ ଶାଗୁଆକୁ ନୀଳ
କରେ କେତେ କ୍ଷେତ ଢାଙ୍କି ।
ଶରତ ପାଇଁ କି ସଜେଇ ହେଉଛି
ମାଟି ସହିତ ଆକାଶ
ନଇପଠା ଧାରେ ପଥ ପାର୍ଶ୍ୱ କଡ଼େ
ହସି ରହିଲାଣି କାଶ ।
ଶରତ ଅଶିଣେ ପରବ ପାର୍ବଣେ
ମାଆଙ୍କ ଧରାବତରଣ
ମାଆଙ୍କ ସ୍ୱାଗତ ପାଇଁ କି ଲାଗିଛି
ସବୁଠି କାଶ ତୋରଣ ।
ଗାଆଁଠୁ ସହର ଉତ୍ସବ ମୁଖର
ଦଶହରା ପର୍ବ ପାଇଁ
ବାଇଦ ବାଜିକି ଉଠିବ ଦୁଲୁକି
ସେ ପୂଜା ମଣ୍ଡପ ଠେଇଁ ।
ମାଆ ବିରାଜିବେ ଦଶରା ପରବେ
ଦେବ ଦେବୀ ସାଥେ ନେଇ
ଭକତ ତୃପତ ଖୁସି ଅପ୍ରମିତ
ମାଆଙ୍କ ଦର୍ଶନ ପାଇ ।



*ବଉଦରାଜ- ୭୬୨୦୧୪, ଜି- ବୌଦ୍ଧ*
*ମୋ- ୯୪୩୭୪୭୮୪୬୬*

## ଦୁର୍ଗା ମା' ଆସୁଛନ୍ତି

*ସୁଧାକର ରାଉତ*

ବରଷା ଯାଉଛି ସରି ସରି
ଫୁଲେ ଫୁଲେ ହସ ଭରି ଭରି
ଧରଣୀ ରାଣୀ ସଜେଇଣ ନିଜକୁ
ଚାହିଁଛି ପ୍ରତୀକ୍ଷା କରି କରି ।
ତରାଟ, ଟଗର ଠରା ଠରି
ମନ୍ଦାରକୁ ଆଖି ମାରି ମାରି
ଡାକନ୍ତି ଶୋଭା ପସରା ଖୋଲିବାକୁ
ଶରତର ହାଟେ ଥିରି ଥିରି ।
ଧଳା ଚାମରକୁ ଧରି ଧରି
ବର୍ଷା, ଖରା ପଛ କରି କରି
କାଶତଣ୍ଡୀ ନଦୀ ପଠାରେ ଚାହିଁଛି
ମା'ଙ୍କ ଦରଶନେ ଯିବ ତରି ।
ତୋଫା ଜହ୍ନ ହସେ କିରି କିରି
ଡାକୁଛି ମାଆଙ୍କୁ ଠାରି ଠାରି
ଦୁର୍ଗତିନାଶିନୀଙ୍କ ଦେହ ପଖାଳି
ମନ ଆଶା ଯିବ ପୁରି ପୁରି ।
ସାଜ ସଜ୍ଜା ଯାଏ ଭରି ଭରି
ପ୍ରଶଂସା କରନ୍ତି ଭୂରି ଭୂରି
ସବୁରି ମନକଥା ମା' ବୁଝିବେ
ଦୁଃଖରୁ ଯିବେ ସେ ତରି ତରି ।
ଯନ୍ତ୍ରଣାରେ ସର୍ବେ ସରି ସରି
କରୁଣା ବାରିକୁ ଆଶ୍ରା କରି
ମା' ସିଂହବାହିନୀ ତୁମକୁ ଡାକୁଛୁ
ଶାନ୍ତି ଧ୍ୱଜା ଉଡୁ ନାମ ଧରି ।



ମନେ ଭକ୍ତି ଭାବ ଧରି ଧରି
ବାଳୁତ ବୋଲି ମନୁ ପାଶୋରି
ଭଲ ମଣିଷଟେ କରିଦିଅ ମାତ
ଏତିକି ପରା କରୁ ଗୁହାରୀ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

## ସିଂହବାହନରେ ମାଆ ଆସିବେ

*ନିରଞ୍ଜନ ସାହୁ*



ସିଂହବାହନରେ ମାଆ ଆସିବେ
ଜଗତବାସୀଙ୍କ ଦୁଃଖ ନାଶିବେ
ଆସୁଛି ପାର୍ବଣ ବେଳ
ଉତ୍ସବ ମୁଖର ଗାଆଁରୁ ସହର
ବନ୍ଧୁବାନ୍ଧବଙ୍କ ମେଳ ।

ସହଜେ ଏ ପରା ଋତୁ ଶରତ
ସୁଷମା ମଣ୍ଡିତ ଆମ ମରତ
ଦିଶୁଅଛି ଭାରି ଶୋଭା
ପାର୍ବଣ ସମୟେ ଅତି ମନୋହର
ସାଜିଅଛି ମନଲୋଭା ।

ମୂର୍ତ୍ତି ଗଢ଼ା କାମ ସବୁ ସରିଛି
ସାଜସଜ୍ଜା ଆମ ମନ ହରିଛି
ବାକି ଅଛି ଟିକେ ଯାହା
ଦିନେ ଦୁଇଦିନ ଭିତରେ ତ ସବୁ
ସମାପନ ହେବ ତାହା ।

ପାର୍ବଣ ପାଳନ୍ତି ଲୋକେ ସରବ
ଘରେ ଘରେ ପ୍ରସ୍ତୁତିର ପରବ
ଲାଗିଅଛି କିଣାକିଣି
ମନ ପସନ୍ଦର ପୋଷାକ କିଣନ୍ତି
ନେବେ ପରା ମନ ଜିଣି ।

ଘରେ ଘରେ ପିଠାପଣା ହୋଇବ
ଆବଶ୍ୟକ ଦ୍ରବ୍ୟ କିଣି ଥୋଇବ
ସଉଦା ପତର ଆଣ
ଘରେ ଘରେ ଲୋକ ସଂଖ୍ୟା ବଢ଼ିଯିବ
ଭଲକି ଏକଥା ଜାଣ ।

ମନୋରଞ୍ଜନର ଦଳ ଯେତେକ
ତମ୍ବୁ ମାରି ସାରିଲେଣି କେତେକ
ଉଠା ଦୋକାନୀଏ ଆସି
ମେଢ଼ ପାଖେ ପାଖେ ପସରା ମେଲିବେ
ମଧୁର ବଚନ ଭାଷି ।

ପାର୍ବଣ ଯେତିକି ପାଖ ହେଉଛି
ଆମରି ମନକୁ ଖୁସି ଦେଉଛି
ହେବ ଦଶହରା ଛୁଟି
ପାଠପଢା ପ୍ରତି ନଜର ନଥିବ
ବୁଲିବାକୁ ଯିବା ଜୁଟି ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

## ମାଆ ତୁମେ ଆସୁଛ ବୋଲି



*ମନୋଜ କୁମାର ମେହେର*

ମାଆ ତୁମେ ଆସୁଛ ବୋଲି
ହସୁଅଛି ଆଜି ଧରା,
କାଶତଣ୍ଡୀର ଶୁଭ୍ର ଫୁଲରେ,
ସଜେଇ ହୋଇଛି ପରା ॥
ମାଆ ତୁମେ ଆସୁଛ ବୋଲି
ଝଲମଲ ଦୀପ ଜଳେ,
ଢୋଲ, ମହୁରୀ, ଘୁମୁରା ସୁରରେ
ହୃଦୟ ଆନନ୍ଦେ ଖେଳେ ॥
ମାଆ ତୁମେ ଆସୁଛ ବୋଲି
ଗାଁ ଗଣ୍ଡା ଉତ୍ସବ ମୁଖର,
ତୋରଣ ମାଳାରେ ମଣ୍ଡପ ହସୁଛି
ସୁଗନ୍ଧେ ଭରେ ନଗର ॥
ମାଆ ତୁମେ ଆସୁଛ ବୋଲି
ଚାହିଁ ରହିଛି ଭକତ,
ସିଂହ ବାହନରେ ଆସ ମାଁ ତୁମେ
କରିବୁ ଆମେ ସ୍ୱାଗତ ॥
ମାଆ ତୁମେ ଆସୁଛ ବୋଲି
ମନରେ ଅଛି ବିଶ୍ୱାସ,
ଧର୍ମର ଏଠି ବିଜୟ ହେବ
ଅଧର୍ମ ହୋଇବ ନାଶ ॥
ମାଆ ତୁମେ ଆସୁଛ ବୋଲି
ଖୁସିରେ ନାଚେ ସଂସାର,
ନରରୂପି ମହିଷା ରାକ୍ଷସର
ନିଶ୍ଚେ ହୋଇବ ସଂହାର ॥
ମାଆ ତୁମେ ଆସୁଛ ବୋଲି
ହେବ ଜଗତ କଲ୍ୟାଣ,
ତୁମ ଅପେକ୍ଷାରେ ସର୍ବେ ଭକତ
କରିବାକୁ ଦରଶନ ॥

*ବଣ୍ଡାକୁଟୁରା, ଜୁନାଗଡ଼, କଳାହାଣ୍ଡି*
*ମୋ- ୯୩୩୭୭୯୩୧୫୭*

## ମା' ଦଶଭୂଜା

*ରୂପେଶ ରଂଜନ ରାଉତ*

ସବୁଠି ଚାଲିଛି ସାଜସଜା,
ମା' ଦଶଭୂଜା ପାଇବେ ପୂଜା॥

ମା' ଦଶଭୂଜା ପାଇବେ ପୂଜା,
ସଭିଏଁ କରିବେ ବହୁତ ମଜା॥

ମହିଷା ନାମରେ ଏକ ଅସୁର,
ଜୟ କରିଲା ସେ ସରଗପୁର॥

ମହିଷାସୁରର ପ୍ରକୋପ ଜାଣି
ସରଗେ ପଡ଼ିଲା ବଡ଼ ଭାଳେଣି॥

ଦେବତା ମାନଙ୍କ ବସିଲା ସଭା,
ମା' ଦଶଭୂଜା ହୋଇଲେ ଉଭା॥

ମହିଷା ବିନାଶି ମା' ଦଶଭୂଜା,
ଦୁର୍ଗା ନାମରେ ସେ ପାଇଲେ ପୂଜା॥



ତୁମ ପଦେ ମୋର ଟିକି ମିନତୀ
ସଭିଙ୍କୁ ଦିଅ ମା' ସୁଖ ଓ ଶାନ୍ତି॥

*ନନ୍ଦିଗ୍ରାମ, ନାଉଗାଁହାଟ,*
*ଜଗତସିଂହପୁର*

# ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ପାଇଁ ଘୋଷିତ ହକି ଦଳରେ ଓଡ଼ିଶାର ୩ ଷ୍ଟାର ଖେଳାଳି



**ନୂଆଦିଲ୍ଲୀ**

ଆସନ୍ତା ୨୭ ତାରିଖରୁ ପଞ୍ଜାବର ଜଳନ୍ଧର ଓ ମୋହାଲିରେ ଆରମ୍ଭ ହେବାକୁ ଯାଉଥିବା ଏସିଆନ ହକି ଚାମ୍ପିଅନ୍ସ ଟ୍ରଫି। ଏ ନେଇ ୧୮ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଛି। ଏହି ଦଳରେ ଓଡ଼ିଶାର ୩ ଜଣ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅମିତ ରୋହିଦାସ ଓ ଅମନଦୀପ ଲାକ୍ରା ଏବଂ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ମୋଟ ୬ଟି ଦଳ ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଛନ୍ତି। ଦଳ ଗୁଡ଼ିକ ହେଲେ ଆୟୋଜକ ଭାରତ, ମାଲେସିଆ, ଜାପାନ, କୋରିଆ ଓ ବାଂଲାଦେଶ। ଆସନ୍ତା ୨୭ ତାରିଖରେ ଭାରତୀୟ ଦଳ ବାଂଲାଦେଶ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ସେହିପରି ୨୯ ତାରିଖରେ ଚୀନକୁ, ୩୦ରେ ଜାପାନ, ଅକ୍ଟୋବର ୧ରେ ମାଲେସିଆ ଏବଂ ୨ରେ କୋରିଆକୁ ଭେଟିବ। ୫ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ହର୍ମନପ୍ରୀତ ସିଂ ଭାରତୀୟ ଦଳର ନେତୃତ୍ୱ ନେବେ। ଜାପାନରେ ସଦ୍ୟ ସମାପ୍ତ ଏସିଆ କପ୍‌ରେ ସ୍ୱର୍ଣ୍ଣିମ ସଫଳତା ପରେ ଏସିଆନ ଚାମ୍ପିଅନ୍ସ ମିଶନରେ ବାହାରିବ ଟିମ୍ ଇଣ୍ଡିଆ।

ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍ ଗୋଲକିପିଂ, ପ୍ରତିରକ୍ଷା ଏବଂ ମିଡଫିଲ୍ଡ ବିଭାଗରେ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି। ଗୋଲକିପର କୃଷ୍ଣ ବାହାଦୁର ପାଠକ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଯୁବ ଡିଫେଣ୍ଡର ଅମନଦୀପ ଲାକ୍ରା ଏବଂ ମିଡଫିଲ୍ଡର ଆଦିତ୍ୟ ଅର୍ଜୁନ ଲାଲଗେ ସିନିୟର ସେଟଅପରେ ନିଜର ସ୍ଥାନ ଦୃଢ଼ କରିବାକୁ ଆଉ ଏକ ସୁଯୋଗ ପାଉଛନ୍ତି। ଏହା ବ୍ୟତୀତ ବିକ୍ରମଜିତ୍ ସିଂହ ଏବଂ ଅଙ୍ଗଦ ବୀର ସିଂହଙ୍କୁ ୧୮ ଜଣିଆ ଟିମ୍ ଇଣ୍ଡିଆରେ ରିଜର୍ଭ ତଥା ରିପ୍ଲେସମେଣ୍ଟ ଭାବେ ସାମିଲ କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ ଫୁଲଟନ କହିଛନ୍ତି, ପଞ୍ଜାବ ଏସିଆନ ଚାମ୍ପିଅନ୍ସ ଟ୍ରଫି ଖେଳିବା ବିଷୟରେ ସ୍ୱତନ୍ତ୍ର ଅନୁଭବ ହେବ। ଏହା ଘରୋଇ ଦର୍ଶକଙ୍କ ସାମ୍ନାରେ ଖେଳିବା ରୋମାଞ୍ଚ ଟିକେ ନିଆରା ରହିବ।

# ଭାରତକୁ ୨୪ ରନ୍‌ରେ ହରାଇଲା ୱେଷ୍ଟଇଣ୍ଡିଜ

**ହାଇଦ୍ରାବାଦ୍**

ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଟି-୨୦ ଶୃଙ୍ଖଳାର ଚତୁର୍ଥ ମୁକାବିଲା ହାଇଦ୍ରାବାଦସ୍ଥିତ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଛି। ଏହି ମୁକାବିଲାରେ ଭାରତକୁ ୱେଷ୍ଟଇଣ୍ଡିଜ ୨୪ ରନ୍‌ରେ ପରାସ୍ତ କରିଛି। ୨୪୮ ରନ୍‌ର ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଭାରତୀୟ ଦଳ ୧୯.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୨୨୩ ରନ୍ ସଂଗ୍ରହ କରିଛି। ଫଳରେ ଶୃଙ୍ଖଳା ୨-୨ରେ ପହଞ୍ଚିଛି। ଭାରତ ପ୍ରଥମ ଏବଂ ତୃତୀୟ ମ୍ୟାଚ୍ ଜିତିଥିଲା। ଅତିଥି ଦଳ ଦ୍ୱିତୀୟ ଏବଂ ଚତୁର୍ଥ ମୁକାବିଲା ଜିତିଛି। ଶୃଙ୍ଖଳାର ଅନ୍ତିମ ମୁକାବିଲା ଆସନ୍ତା ୧୭ ତାରିଖରେ ବେଙ୍ଗାଲୁରୁରେ ଖେଳାଯିବ।



ଭାରତ ପାଇଁ ପ୍ରାରମ୍ଭିକ ବ୍ୟାଟର ସଂଜୁ ସାମସନ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୨୩ଟି ବଲ୍ ଖେଳି ୬ଟି ଚୌକା ଏବଂ ୪ଟି ଛକା ସହିତ ୫୬ ରନ୍ କରିଥିଲେ। ଅଭିଷେକ ଶର୍ମା ୨୯, ଇଶାନ କିଶନ ୬, ଶ୍ରେୟସ ଆୟର ୧୬, ତିଳକ ବର୍ମା ୪୩ ଏବଂ ନିତିଶ କୁମାର ରେଡ୍ଡୀ ୪୧ ରନ୍ ସଂଗ୍ରହ କରିଥିଲେ।

ଏହି ମୁକାବିଲାରେ ଭାରତୀୟ ଅଧିନାୟକ ଶ୍ରେୟସ ଆୟର ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଅତିଥି ଦଳ ଅଧିନାୟକ ସାଇ ହୋପ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ୩ ୱିକେଟ୍ ହରାଇ ୨୪୭ ରନ୍ କରିଥିଲା। ୱେଷ୍ଟଇଣ୍ଡିଜ୍ ପାଇଁ ଅଧିନାୟକ ସାଇ ହୋପ୍ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ଅପରାଜିତ ରହି ୫୦ଟି ବଲ୍ ? ଖେଳିଛନ୍ତି ଏବଂ ଏଥିରୁ ୧୦୨ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ୪ଟି ଚୌକା ଏବଂ ୯ଟି ଛକା ସାମିଲ ଅଛି। ୱେଷ୍ଟଇଣ୍ଡିଜର ପ୍ରାରମ୍ଭିକ ବ୍ୟାଟିଂ ଭଲରୁ ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ବ୍ୟାଟର ସାଇ ହୋପ୍ ଏବଂ ଜ୍ୱେଲ୍ ଆଣ୍ଡ୍ର୍ୟୁ ପ୍ରଥମ ୱିକେଟ୍ ପାଇଁ ୫୨ ରନ୍‌ର ଭାଗିଦାରୀ କରିଥିଲେ। ଦ୍ୱିତୀୟ ୱିକେଟ୍ ପାଇଁ ସିମରନ ହେଟମେୟର ଏବଂ ସାଇ ହୋପ୍ ୬୨ ରନ୍‌ର ଭାଗିଦାରୀ କରିଥିଲେ। ସେହିପରି ତୃତୀୟ ୱିକେଟ୍ ପାଇଁ ରୋଭମ୍ୟାନ ପାୱେଲଙ୍କ ସହିତ ସାଇ ହୋପ୍ ୪୬ ରନ୍‌ର ଭାଗିଦାରୀ କରିଥିଲେ।

ଜ୍ୱେଲ ଆଣ୍ଡ୍ର୍ୟୁ ବ୍ୟକ୍ତିଗତ ଭାବେ ୨୧ ରନ୍ ସଂଗ୍ରହ କରିଥିଲେ। ସେ ୧୬ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ବିସ୍ଫୋରକ ବ୍ୟାଟର ହେଟ୍‌ମେୟର ୧୨ଟି ବଲ୍ ଖେଳି ୪ଟି ଚୌକା ଏବଂ ୨ଟି ଛକା ବଳରେ ୩୩ ରନ୍ ଯୋଡ଼ିଥିଲେ। ସେହିପରି ୧୬ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ ରୋଭମ୍ୟାନ ପାୱେଲ। ଭାରତ ପାଇଁ ଦ୍ରୁତ ବୋଲର ଅର୍ଶଦୀପ ସିଂହ, ପ୍ରିନ୍ସ ଯାଦବ ଏବଂ ଅକ୍ଷର ପଟେଲ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

# ନିଲମ୍ବିତ ହେଲେ ବକ୍ସିଂ ଫେଡେରେସନ ସାଧାରଣ ସମ୍ପାଦକ ପ୍ରମୋଦ କୁମାର




**ନୂଆଦିଲ୍ଲୀ**

ବକ୍ସିଂ ଫେଡେରେସନ ଅଫ୍ ଇଣ୍ଡିଆ (ବିଏଫଆଇ) ସାଧାରଣ ସମ୍ପାଦକ ପ୍ରମୋଦ କୁମାରଙ୍କୁ ତତ୍କାଳ ପ୍ରଭାବରୁ ନିଲମ୍ବିତ କରିଛି। ତାଙ୍କ ଉପରେ କ୍ଷମତାର ଅପବ୍ୟବହାର, ଆର୍ଥିକ ଅନିୟମିତତା, ତଦନ୍ତରେ ସହଯୋଗ ନ କରିବା ଏବଂ ତଦନ୍ତ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ଭଳି ଗମ୍ଭୀର ଅଭିଯୋଗ ଲଗାଯାଇଛି। ଫେଡେରେସନ ସ୍ପଷ୍ଟ କରିଛି ଯେ ଏହି ନିଲମ୍ବନ ସାମୟିକ (ଅନ୍ତରୀଣ) ଅଟେ ଏବଂ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ପ୍ରଭାବୀ ରହିବ।

ବିଏଫଆଇ ପକ୍ଷରୁ ଜାରି କରାଯାଇଥିବା ଚିଠିରେ କୁହାଯାଇଛି ଯେ, କୁମାରଙ୍କ ବିରୋଧରେ ଲଗାଯାଇଥିବା ଅଭିଯୋଗର ତଦନ୍ତ କରାଯାଉଛି। ତଦନ୍ତ ଶେଷ ହେବା କିମ୍ବା ସକ୍ଷମ ଅଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶରେ କୌଣସି ପରିବର୍ତ୍ତନ କରାଯିବା ପର୍ଯ୍ୟନ୍ତ ସେ ସାଧାରଣ ସମ୍ପାଦକ ପଦରୁ ନିଲମ୍ବିତ ରହିବେ।

ବିଏଫଆଇ ଏଲିଟ୍ ପୁରୁଷ ଏବଂ ମହିଳା ଓପନ୍ ବକ୍ସିଂ ଚାମ୍ପିଅନସିପ୍ ୨୦୨୬ ବାତିଲ ହେବା ମାମଲାରେ ଚାଲିଥିବା ତଦନ୍ତରେ ସହଯୋଗ ନ କରିବା ନେଇ ମଧ୍ୟ ପ୍ରମୋଦ କୁମାରଙ୍କ ଉପରେ ଅଭିଯୋଗ ଆସିଛି। ଏହି ପ୍ରତିଯୋଗିତା ହିମାଚଳ ପ୍ରଦେଶର ନାହନଠାରେ ଅଗଷ୍ଟ ୧୬ ରୁ ୨୩ ମଧ୍ୟରେ ଆୟୋଜିତ ହେବାର ଥିଲା।

ଫେଡେରେସନର ଚିଠି ଅନୁଯାୟୀ, ପ୍ରମୋଦ କୁମାରଙ୍କ ଉପରେ ଏକ ଗମ୍ଭୀର ମାମଲାର ତଦନ୍ତରେ ଅସହଯୋଗ କରିବା ସହ ସ୍ୱାଧୀନ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିବା ଏବଂ ସେଥିରେ ବାଧା ସୃଷ୍ଟି କରିବା ପାଇଁ କଥିତ ଭାବେ ବେଆଇନ ତଥା ଦୁର୍ଭାବନାପୂର୍ଣ୍ଣ ନୋଟିସ୍ ଜାରି କରିଥିବା ଅଭିଯୋଗ ହୋଇଛି। ଚିଠିରେ କୁହାଯାଇଛି ଯେ, ଏଭଳି କାର୍ଯ୍ୟର ପ୍ରଭାବ ଫେଡେରେସନ ପକ୍ଷରୁ ଆୟୋଜିତ ହେଉଥିବା କାର୍ଯ୍ୟକ୍ରମ ଏବଂ ଏହାର ସୁନାମ ଉପରେ ପଡ଼ିପାରେ। ବିଏଫଆଇର ନିର୍ଦ୍ଦେଶ ଅନୁଯାୟୀ, ନିଲମ୍ବନ ଅବଧି ମଧ୍ୟରେ ପ୍ରମୋଦ କୁମାର ସାଧାରଣ ସମ୍ପାଦକ ଭାବରେ କୌଣସି କାର୍ଯ୍ୟ କରିପାରିବେ ନାହିଁ। ତାଙ୍କୁ ଏହି ପଦ ସହିତ ଜଡ଼ିତ କ୍ଷମତାର ବ୍ୟବହାର କରିବା ଏବଂ ସରକାରୀ ତଥା ଆଧିକାରିକ ଦାୟିତ୍ୱ ତୁଲାଇବାରୁ ମଧ୍ୟ ବାରଣ କରାଯାଇଛି।

# ଆଇଟିଏଫ୍ ଏମ୍‌ଟି୨୦୦ ଟେନିସ୍ ଅଂଶୁ, ପୂଜାଶ୍ରୀ ବିଜେତା

**ଭୁବନେଶ୍ୱର**

ଓଡ଼ିଶା ଟେନସ୍ ସଂଘ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ୍ କମ୍ପ୍ଲେକ୍ସଠାରେ ଆୟୋଜିତ ଆଇଟିଏଫ୍ ଏମ୍‌ଟି୨୦୦ ଟେନିସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ୩୦ରୁ ଅଧିକ ବୟସରେ ଓଡ଼ିଶାର ଅଂଶୁ ଭୂୟାଁ ଓ ପୂଜାଶ୍ରୀ ବରାଳ ଯଥାକ୍ରମେ ପୁରୁଷ ଓ ମହିଳା ଏକକ ବର୍ଗରେ ବିଜେତା ହୋଇଛନ୍ତି। ଅନ୍ୟ ବୟସ ବର୍ଗ ଏକକରେ ଗୋବିନ୍ଦ ବିଶ୍ୱାସ (୩୫+), ସନ୍ଦୀପ ପାୱାର (୪୦+), ଡାନିଏଲ୍ ଉସନ୍ହୋଲ୍‌ଜ (୪୫+), ଅଜୟ ନିଶଙ୍କ (୫୦+), ଆୟାସାମି ଏଲାଗୁରୁଗୁ (୫୫+), ବିନୋଦ ସେଠ (୬୦+), ଅଶୋକ ରାୟ (୬୫+) ଓ ମୁର୍ଥାତି ସୁରେଶ ପେଣ୍ଡଲି (୭୦+) ବିଜେତା ହୋଇଛନ୍ତି। ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗର ପୁରୁଷ ଓ ମିଶ୍ରିତ ଯୁଗଳ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୩ ଇଭେଣ୍ଟରେ ୧୩୨ ଖେଳାଳି ଅଂଶ ଗ୍ରହଣ କରିଥିଲା ବେଳେ ୭ଟି କୋର୍ଟରେ ମୋଟ ୧୩୯ ମ୍ୟାଚ୍ ଖେଳାଯାଇ ଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଓଡ଼ିଶା ଟେନିସ ସଂଘ ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସଞ୍ଜୀବ ପଣ୍ଡା, ଉପସଭାପତି ସତ୍ୟଜିତ ମହାନ୍ତି, ଆଇଟିଏଫ୍ ପ୍ରତିଯୋଗିତା ପର୍ଯ୍ୟବେକ୍ଷକ ତେଜଲ କୁଲକର୍ଣ୍ଣି ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଆଇସିସି ଟି୨୦ ର୍‍ୟାଙ୍କିଂ : ଶୀର୍ଷ ୪ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ୩ ଭାରତୀୟ

**ଦୁବାଇ**

ଭାରତୀୟ ଅଧିନାୟକ ଶ୍ରେୟସ ଆୟର ଆଇସିସିର ସଦ୍ୟତମ ଟି୨୦ ଅନ୍ତର୍ଜାତୀୟ ବ୍ୟାଟିଂ ର୍‍ୟାଙ୍କିଂରେ ତିନିଟି ସ୍ଥାନ ଉପରକୁ ଉଠିଛନ୍ତି। ୱେଷ୍ଟଇଣ୍ଡିଜ୍ ବିରୁଦ୍ଧରେ ଜାରି ରହିଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଘରୋଇ ସିରିଜ୍‌ରେ ମଧ୍ୟରେ ଆୟରଙ୍କୁ ଏହି ଫାଇଦା ମିଳିଛି। ସେ ନିଜ କ୍ୟାରିୟରର ସର୍ବଶ୍ରେଷ୍ଠ ର୍‍ୟାଙ୍କିଂ ଚତୁର୍ଥ ସ୍ଥାନରେ ପହଞ୍ଚିଯାଇଛନ୍ତି। ଏହା ସହିତ ଟି୨୦ ଅନ୍ତର୍ଜାତୀୟ ବ୍ୟାଟ୍ସମ୍ୟାନମାନଙ୍କ ର୍‍ୟାଙ୍କିଂର ଶୀର୍ଷ ଚାରି ମଧ୍ୟରେ ଭାରତର ତିନିଜଣ ଖେଳାଳି ସ୍ଥାନ ପାଇଛନ୍ତି।



ଆୟର ୱେଷ୍ଟଇଣ୍ଡିଜ୍ ବିରୁଦ୍ଧରେ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଲକ୍ଷ୍ନୌଠାରେ ନିଜର ପ୍ରଥମ ଟି୨୦ ଅନ୍ତର୍ଜାତୀୟ ଶତକ ହାସଲ କରିଥିଲେ। ତାଙ୍କର ଏହି ପାଳିର ପ୍ରଭାବ ଆଇସିସି ର୍‍ୟାଙ୍କିଂରେ ମଧ୍ୟ ଦେଖିବାକୁ ମିଳିଛି। ସେ ତିନିଟି ସ୍ଥାନ ଉପରକୁ ଉଠି ଚତୁର୍ଥ ନମ୍ବରରେ ପହଞ୍ଚିଯାଇଛନ୍ତି। ଆୟରଙ୍କ ଏହି ସଫଳତା ସହ ଶୀର୍ଷ ରାଙ୍କିଂରେ ଭାରତୀୟ ବ୍ୟାଟ୍ସମ୍ୟାନମାନଙ୍କର ଦବଦବା ଆହୁରି ମଜବୁତ ହୋଇଛି। ଇଶାନ କିଶନ ପ୍ରଥମ ସ୍ଥାନରେ ଥିବାବେଳେ ଅଭିଷେକ ଶର୍ମା ଦ୍ୱିତୀୟ ନମ୍ବରରେ ରହିଛନ୍ତି। ପାକିସ୍ତାନର ଅଧିନାୟକ ସାହିବଜାଦା ଫରହାନ ତୃତୀୟ ସ୍ଥାନରେ ଅଛନ୍ତି। ଏହିପରି ଭାବେ ଶୀର୍ଷ ଚାରି ମଧ୍ୟରେ ଇଶାନ, ଅଭିଷେକ ଓ ଆୟରଙ୍କ ରୂପରେ ତିନିଜଣ ଭାରତୀୟ ବ୍ୟାଟ୍ସମ୍ୟାନ ସାମିଲ ଅଛନ୍ତି।

ଆଇସିସି ପକ୍ଷରୁ ଜାରି ସଦ୍ୟତମ ର୍‍ୟାଙ୍କିଂ ଅନୁଯାୟୀ, ସାହିବଜାଦା ଫରହାନ ଶ୍ରୀଲଙ୍କା ବିରୁଦ୍ଧରେ ଚମତ୍କାର ପ୍ରଦର୍ଶନ କରିବା ପରେ ନିଜ କ୍ୟାରିୟରର ସର୍ବଶ୍ରେଷ୍ଠ ରେଟିଂ ହାସଲ କରିଛନ୍ତି। ସେ ତୃତୀୟ ସ୍ଥାନରେ ପହଞ୍ଚିଥିବା ବେଳେ ଇଶାନ ଓ ଅଭିଷେକଙ୍କ ମଧ୍ୟ ନିଜ ସ୍ଥାନ ବଜାୟ ରଖିଛନ୍ତି। ଭାରତୀୟ ବ୍ୟାଟ୍ସମ୍ୟାନମାନଙ୍କ ବ୍ୟତୀତ ଶ୍ରୀଲଙ୍କାର କୁସଲ ମେଣ୍ଡିସ୍‌ଙ୍କୁ ମଧ୍ୟ ର୍‍ୟାଙ୍କିଂରେ ଫାଇଦା ମିଳିଛି। ସେ ତିନିଟି ସ୍ଥାନ ଉପରକୁ ଉଠି ୨୩ତମ ନମ୍ବରରେ ପହଞ୍ଚି ଯାଇଛନ୍ତି। ୱେଷ୍ଟଇଣ୍ଡିଜ୍‌ର ଶେରଫେନ୍ ରଦରଫୋର୍ଡ ୧୩ଟି ସ୍ଥାନର ଲମ୍ବା ଡିଆଁ ମାରି ସଂଯୁକ୍ତ ଭାବେ ୨୪ତମ ସ୍ଥାନରେ ପହଞ୍ଚିଛନ୍ତି। ଭାରତୀୟ ୱିକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ମଧ୍ୟ ଚାରିଟି ସ୍ଥାନ ଉପରକୁ ଉଠି ସଂଯୁକ୍ତ ଭାବେ ୨୭ତମ ନମ୍ବରରେ ପହଞ୍ଚି ଯାଇଛନ୍ତି।

ପାକିସ୍ତାନର ଯୁବ ବ୍ୟାଟ୍ସମ୍ୟାନ ମାଜ ସଦାକତ ମଧ୍ୟ ର୍‍ୟାଙ୍କିଂରେ ଏକ ବଡ଼ ଲମ୍ବା ଡିଆଁ ମାରିଛନ୍ତି। ଶ୍ରୀଲଙ୍କା ବିରୁଦ୍ଧରେ ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭଲ ପ୍ରଦର୍ଶନ କରିବା ପରେ ସେ ଶୀର୍ଷ ୧୦୦ରୁ ବାହାରେ ଥାଇ ମଧ୍ୟ ସିଧାସଳଖ ୪୫ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଟି୨୦ ଅନ୍ତର୍ଜାତୀୟ ବ୍ୟାଟିଂ ର୍‍ୟାଙ୍କିଂରେ ଭାରତୀୟ ଖେଳାଳିମାନଙ୍କର ଏହି ଉପସ୍ଥିତି ୱେଷ୍ଟଇଣ୍ଡିଜ୍ ବିରୁଦ୍ଧରେ ଜାରି ରହିଥିବା ସିରିଜ୍ ମଧ୍ୟରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ। ଆୟରଙ୍କ ପାଇଁ ବର୍ତ୍ତମାନ ସବୁଠାରୁ ଆହ୍ୱାନ ହେଉଛି ନିଜର ଭଲ ପ୍ରଦର୍ଶନ ବଜାୟ ରଖି ର୍‍ୟାଙ୍କିଂରେ ଆହୁରି ଉପରକୁ ପହଞ୍ଚିବା।

ଆଇସିସି ଟି୨୦ ବୋଲିଂ ର୍‍ୟାଙ୍କିଂ : ବୋଲିଂରେ ରଶିଦ ଖାନଙ୍କ ଶୀର୍ଷ ସ୍ଥାନରେ ଦବ୍‌ଦବା ବଜାୟ ରହିଛି। ଅକ୍ଷର ପଟେଲଙ୍କୁ ୨ଟି ସ୍ଥାନର ବଡ଼ କ୍ଷତି ସହିବାକୁ ପଡ଼ିଛି, ଯାହାଫଳରେ ସେ ଏବେ ୯ମ ସ୍ଥାନରେ ନଜର ଆସୁଛନ୍ତି। ଜସପ୍ରୀତ ବୁମ୍‌ରା ବର୍ତ୍ତମାନ ଟପ୍ ୧୦ରୁ ବାହାରି ଯାଇଛନ୍ତି। ବୁମ୍‌ରା ବର୍ତ୍ତମାନ ୧୧ଶ ସ୍ଥାନରେ ରହିଛନ୍ତି। ବରୁଣ ଚକ୍ରବର୍ତ୍ତୀଙ୍କୁ ମଧ୍ୟ ୩ଟି ସ୍ଥାନର କ୍ଷତି ହୋଇଛି ଏବଂ ସେ ଏବେ ୧୫ଶ ନମ୍ବରରେ ନଜର ଆସୁଛନ୍ତି। ଅନ୍ୟପଟେ ଦ୍ରୁତ ବୋଲର ଅର୍ଶଦୀପ ସିଂ ଏବେ ମଧ୍ୟ ୨୧ତମ ସ୍ଥାନରେ ବଜାୟ ରହିଛନ୍ତି।

# ରଣଜୀ ଟ୍ରଫି : ପରାଜୟରୁ ଓଡ଼ିଶାର ଅଭିଯାନ; ଗୁଜରାଟଠୁ ୧୦ ୱିକେଟ୍‌ରେ ହାରିଲା

**ଭୁବନେଶ୍ୱର**

ଓଡ଼ିଶା କ୍ରିକେଟ୍ ଦଳ ପରାଜୟରୁ ଚଳିତ ରଣଜୀ ଟ୍ରଫିରେ ଅଭିଯାନ ଆରମ୍ଭ କରିଛି। ଚଳିତ ଋତୁର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୧୦ ୱିକେଟ୍‌ରେ ଗୁଜରାଟଠୁ ପରାସ୍ତ ହୋଇଛି। ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ଗ୍ରାଉଣ୍ଡ-ବି'ରେ ଖେଳାଯାଇଥିବା ଏହି ୪ଦିନିଆ ମ୍ୟାଚ୍‌ର ବୁଧବାର ଶେଷ ଦିନରେ ଓଡ଼ିଶା ଦେଇଥିବା ୪୭ ରନ୍‌ର ବିଜୟ ଲକ୍ଷ୍ୟକୁ ଘରୋଇ ଦଳ ୯.୩ ଓଭରରେ କୌଣସି ୱିକେଟ୍ ନହରାଇ ହାସଲ କରି ନେଇଥିଲା। ଆର୍ଯ୍ୟ ଦେଶାଇ (୩୭*, ୨୭ ବଲ୍, ୪ ଚୌକା) ଓ ଅଭିଷେକ ଦେଶାଇ (୮*) ଅପରାଜିତ ରହି ଦଳକୁ ଏହି ବିଜୟ ଭେଟି ଦେଇଥିଲେ। ଏହି ବିଜୟ ସହ ଗୁଜରାଟ ୭ ପଏଣ୍ଟ ପାଇଥିଲା ବେଳେ ଓଡ଼ିଶା ଖାଲି ହାତରେ ଫେରିଛି। ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ୧୮ ତାରିଖରୁ ତିରୁଅନନ୍ତପୁରମ୍‌ରେ ଘରୋଇ ଦଳ କେରଳ ବିପକ୍ଷରେ ଖେଳିବ।

ବୁଧବାର ୧୧୯/୪ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଏଥିରେ ଆଉ ୪୨ ରନ୍ ଯୋଡ଼ି ଶେଷ ୬ ୱିକେଟ୍ ହରାଇଥିଲା। ମଙ୍ଗଳବାରର ଅପରାଜିତ ବ୍ୟାଟର ସନ୍ଦୀପ ପଟ୍ଟନାୟକ (୬୫) ନିଜ ଅର୍ଦ୍ଧଶତକ ପୂରଣ କରି ଆଉଟ୍ ହୋଇଥିଲା ବେଳେ ଅନ୍ୟ ୫ ବ୍ୟାଟର ଦୁଇଅଙ୍କ ଛୁଇଁବାରେ ବିଫଳ ହୋଇଥିଲେ। ଫଳରେ ଓଡ଼ିଶା ବଡ଼ ଲକ୍ଷ୍ୟ ଦେଇ ପାରି ନଥିଲା। ଆଜିର ୬ ୱିକେଟ୍‌ରୁ ସିଦ୍ଧାର୍ଥ ଦେଶାଇ ୫ ୱିକେଟ୍ ନେଇ ଓଡ଼ିଶାକୁ ବଡ଼ ଝଟ୍‌କା ଦେଇଥିଲେ। ପୂର୍ବରୁ ଭ୍ରମଣକାରୀ ଓଡ଼ିଶା ପ୍ରଥମ ପାଳିରେ ଗୌରବ ଚୌଧୁରୀଙ୍କ ଶତକୀୟ ପାଳି ବଳରେ ୩୨୪ ରନ୍‌ର ସମ୍ମାନଜନକ ସ୍କୋର କରିଥିଲା। ହେଲେ ଗୁଜରାଟ ୪୩୯ ରନ୍ କରି ୧୧୫ ରନ୍‌ର ମହତ୍ୱପୂର୍ଣ୍ଣ ଅଗ୍ରଣୀ ପାଇଥିଲା।

ସଂକ୍ଷିପ୍ତ ସ୍କୋର: ଓଡ଼ିଶା ପ୍ରଥମ ପାଳି ୧୧୩ ଓଭରରେ-୩୨୪। ଗୁଜରାଟ ପ୍ରଥମ ପାଳି ୧୦୬.୪ ଓଭରରେ-୪୩୯। ଓଡ଼ିଶା ଦ୍ୱିତୀୟ ପାଳି ୪୬.୧ ଓଭରରେ-୧୬୧ (ସନ୍ଦୀପ ପଟ୍ଟନାୟକ-୬୫, ନିନାଦ ରାଥୱା-୫୩, ସିଦ୍ଧାର୍ଥ ଦେଶାଇ ୫/୩୬, ଅର୍ଜନ ନାଗୱାସୱାଲିଆ-୩/୩୩)। ଗୁଜରାଟ ଦ୍ୱିତୀୟ ପାଳି ୯.୩ ଓଭରରେ-୪୭/୦ (ଆର୍ଯ୍ୟ ଦେଶାଇ-୩୭*, ଅଭିଷେକ ଦେଶାଇ -୮*)।

# ପାକିସ୍ତାନ ଖେଳାଳି ଥିବା ଦଳରେ ନାଁ ଥିବାରୁ ଧାୱନ କ୍ରୋଧିତ : ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ

**ନୂଆଦିଲ୍ଲୀ**




ପୂର୍ବତନ ଭାରତୀୟ ଓପନର ଶିଖର ଧାୱନଙ୍କ ନାଁ ବିଶ୍ୱ ଟ୍ୱେଣ୍ଟି-୨୦ କଣ୍ଟିନେଣ୍ଟ କପ୍‌ରେ ପାକିସ୍ତାନ ଖେଳାଳିଙ୍କ ଥିବା ଦଳରେ ରହିଛି। ଏହାକୁ ନେଇ ଧାୱାନ କ୍ରୋଧିତ ହେବା ସହ ଆୟୋଜକଙ୍କ ନାଁରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଧାୱନ ଏହି ଘଟଣାକୁ ନେଇ ଆୟୋଜକଙ୍କୁ ସମାଲୋଚନା କରିବା ସହ ତାଙ୍କ ଅଂଶଗ୍ରହଣ ସମ୍ପର୍କରେ କୌଣସି ମିଥ୍ୟା ଖବର ପ୍ରଚାର ନ କରିବାକୁ ଗଣମାଧ୍ୟମ ଓ ପ୍ରଶଂସକଙ୍କୁ ଅନୁରୋଧ କରିଛନ୍ତି। ଏକାଧିକ ପାକିସ୍ତାନୀ ଖେଳାଳିଙ୍କୁ ନେଇ ଗଠିତ ଏସିଆ ୱାରିୟର୍ସ ଦଳରୁ ଧାୱନ ଖେଳିବେ ବୋଲି ଆୟୋଜକ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲା।

ଏହାକୁ ନେଇ 'ଏକ୍ସ'ରେ ଧାୱନ ଲେଖିଛନ୍ତି, "ବିଶ୍ୱ ଟ୍ୱେଣ୍ଟି-୨୦ କଣ୍ଟିନେଣ୍ଟ କପ୍‌ର ଅଂଶଗ୍ରହଣକାରୀ ତାଲିକାରେ ମୋ ନାଁ ଥିବା ଦେଖିବାକୁ ପାଇଛି। ବିନା ଅନୁମତିରେ ଆୟୋଜକମାନେ ମୋ ନାଁ ବ୍ୟବହାର କରିଛନ୍ତି। ଏହା ଉପରେ ମୁଁ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବି। ଗଣମାଧ୍ୟମକୁ ଅନୁରୋଧ ଏହି ଖବର ପ୍ରସାରଣ କରନ୍ତୁନି।'' ଏସିଆ ୱାରିୟର୍ସ ଦଳରେ ଧାୱାନଙ୍କ ବାଦ୍ ପୂର୍ବତନ ଭାରତୀୟ ଖେଳାଳି ରାହୁଲ ଶର୍ମା, ଗୁରକିରଟ ସିଂହ ମାନ୍ ଓ ଅଭିମନ୍ୟୁ ମିଥୁନଙ୍କ ମଧ୍ୟ ରହିଛନ୍ତି। ଧାୱନଙ୍କ ନେତୃତ୍ୱରେ ଗଠିତ ଏହି ୨୪ ଜଣିଆ ଦଳରେ ସୋହେଲ ତନବୀର, ଇଫ୍‌ତିଖାର ଅହମ୍ମଦ ଓ ମହମ୍ମଦ ଇମ୍ରାନ ଖାନ୍‌ଙ୍କ ସମେତ ଅନେକ ପାକିସ୍ତାନୀ ଖେଳାଳି ରହିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୫ରେ 'ଅପରେସନ୍ ସିନ୍ଦୁର' ସମୟରେ ପାକିସ୍ତାନକୁ ଧାୱନ ସମାଲୋଚନା କରିଥିଲେ।

# ଡବ୍ଲ୍ୟୁଟିସି : ଅଷ୍ଟ୍ରେଲିଆଠାରୁ ହାରି ତୃତୀୟ ସ୍ଥାନକୁ ଖସିଲା ଦକ୍ଷିଣଆଫ୍ରିକା

**ଡର୍ବାନ**

ଅଷ୍ଟ୍ରେଲିଆ ଡର୍ବାନର କିଙ୍ଗସମିଡ୍ ପଡ଼ିଆରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୨୧୪ ରନରେ ପରାସ୍ତ କରିଛି। ଏହି ବିଜୟ ସହିତ ଅଷ୍ଟ୍ରେଲିଆ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ପ୍ରଥମ ସ୍ଥାନରେ ନିଜର ସ୍ଥିତିକୁ ଆହୁରି ମଜଭୁତ କରିନେଇଛି। ପରାଜୟ ସହ ଦକ୍ଷିଣ ଆଫ୍ରିକା ଦଳ ନିଜର ଦ୍ୱିତୀୟ ସ୍ଥାନ ହରାଇ ବସିଛି। ଦକ୍ଷିଣ ଆଫ୍ରିକା ଟେଷ୍ଟ ଚାମ୍ପିଅନସିପ୍‌ର ଡିଫେଣ୍ଡିଂ ଚାମ୍ପିଅନ ମଧ୍ୟ ଅଟେ।

ପ୍ରଥମ ଟେଷ୍ଟ ପୂର୍ବରୁ ଅଷ୍ଟ୍ରେଲିଆର ୧୦ଟି ମ୍ୟାଚ୍‌ରେ ବିଜୟ ପ୍ରତିଶତ ୮୦ ଥିଲା, ଯେଉଁଠି ଦକ୍ଷିଣ ଆଫ୍ରିକାର ଚାରିଟି ମ୍ୟାଚ୍‌ରେ ବିଜୟ ପ୍ରତିଶତ ୭୫ ଥିଲା। ବର୍ତ୍ତମାନ ଅଷ୍ଟ୍ରେଲିଆର ୧୧ଟି ମ୍ୟାଚ୍‌ରେ ବିଜୟ ପ୍ରତିଶତ ୮୧.୮୨ ହୋଇଯାଇଛି, ଯେଉଁଥିରେ ୯ଟି ବିଜୟ ଏବଂ ଦୁଇଟି ପରାଜୟ ସାମିଲ ଅଛି। ଦକ୍ଷିଣ ଆଫ୍ରିକାର ପାଞ୍ଚଟି ମ୍ୟାଚ୍‌ରେ ବିଜୟ ପ୍ରତିଶତ ଏବେ ୬୦ ରହିଯାଇଛି, ଯେଉଁଥିରେ ତିନିଟି ବିଜୟ ଏବଂ ଦୁଇଟି ପରାଜୟ ସାମିଲ ଅଛି। ନ୍ୟୁଜିଲାଣ୍ଡ ଛଅଟି ମ୍ୟାଚ୍‌ରେ ୭୨.୨୨ ବିଜୟ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛି। କିୱି ଦଳ ନିଜର ଛଅଟି ମ୍ୟାଚ୍ ମଧ୍ୟରୁ ୪ଟି ମ୍ୟାଚ୍ ଜିତିଛି, ଗୋଟିଏରେ ପରାଜୟର ସାମ୍ନା କରିଛି ଏବଂ ଗୋଟିଏ ମ୍ୟାଚ୍ ଡ୍ର' ରହିଛି।

ପଏଣ୍ଟସ ଟେବୁଲରେ ବାଂଲାଦେଶ ଚତୁର୍ଥ ସ୍ଥାନରେ ଥିବାବେଳେ ଭାରତ ବର୍ତ୍ତମାନ ପଞ୍ଚମ ସ୍ଥାନରେ ରହିଛି। ଦଳ ୧୧ଟି ମ୍ୟାଚ୍‌ରୁ ୫ଟି ଜିତିଛି, ୪ଟି ହାରିଛି ଏବଂ ଦୁଇଟି ମ୍ୟାଚ୍ ଡ୍ର' ରହିଛି, ଯାହାଫଳରେ ସେମାନଙ୍କର ବିଜୟ ପ୍ରତିଶତ ୫୧.୫୨ ରହିଛି। ଇଂଲଣ୍ଡ ଷଷ୍ଠ ସ୍ଥାନରେ ରହିଛି। ଏହି ଦଳ ୧୬ଟି ମ୍ୟାଚରୁ ୭ଟି ଜିତିଛନ୍ତି, ୮ଟି ହାରିଛନ୍ତି ଏବଂ ଗୋଟିଏ ମ୍ୟାଚ୍ ଡ୍ର' ରହିଛି, ଏବଂ ସେମାନଙ୍କର ବିଜୟ ପ୍ରତିଶତ ୩୮.୫୪ ରହିଛି। ସ୍ଲୋ-ଓଭର ରେଟ୍ ସହ ଜଡ଼ିତ ବିଭିନ୍ନ ଭୁଲ୍ କାରଣରୁ ଇଂଲଣ୍ଡ ଦଳର ୧୪ ପଏଣ୍ଟ ମଧ୍ୟ କାଟି ଦିଆଯାଇଛି। ୯ଟି ମ୍ୟାଚ୍ ପରେ ୫ ପ୍ରତିଶତ ପଏଣ୍ଟ ସହ ପାକିସ୍ତାନ ସବୁଠାରୁ ଶେଷ ସ୍ଥାନରେ ରହିଛି।

# ଅଗରକରଙ୍କ ଯୋଗୁଁ ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ନେଇଥିଲେ ବିରାଟ କୋହଲି : ୱାସିମ୍ ଜାଫର

**ନୂଆଦିଲ୍ଲୀ**

୨୦୨୫ ମସିହାରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପୂର୍ବରୁ ବିରାଟ କୋହଲିଙ୍କ ଅବସର ପ୍ରଶଂସକମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। 'ଦ ରନ୍ ମେସିନ୍' ଅଚାନକ ସୋସିଆଲ୍ ମିଡିଆରେ ଏକ ପୋଷ୍ଟ କରି ଟେଷ୍ଟ କ୍ରିକେଟକୁ ଅଲବିଦା କହିଦେଇଥିଲେ। ଏହାପରେ ଅନେକ ଲୋକ ଚୟନକର୍ତ୍ତାମାନଙ୍କ ଉପରେ ଆରୋପ ଲଗାଇ ଥିଲେ ଯେ ସେମାନଙ୍କ ଯୋଗୁଁ ହିଁ କୋହଲି ସନ୍ନ୍ୟାସ ନେଲେ। ବର୍ତ୍ତମାନ ପୂର୍ବତନ ଭାରତୀୟ କ୍ରିକେଟର ୱାସିମ୍ ଜାଫର ଟେଷ୍ଟ କ୍ରିକେଟରୁ ବିରାଟଙ୍କ ସନ୍ନ୍ୟାସ ନେବା ନିଷ୍ପତ୍ତି ବାବଦରେ ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ ଭାବନ୍ତି ଯେ ଅଜିତ ଅଗରକରଙ୍କ ନେତୃତ୍ୱରେ ଥିବା ଚୟନ କମିଟିର ଖରାପ ବ୍ୟବହାର ଯୋଗୁଁ ହିଁ କୋହଲି ଟେଷ୍ଟ କ୍ରିକେଟ୍ ଛାଡ଼ିଦେଲେ।



ପୂର୍ବତନ ଭାରତୀୟ କ୍ରିକେଟର ୱାସିମ୍ ଜାଫର ନିଜ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ବିରାଟ କୋହଲିଙ୍କ ଚମତ୍କାର ଟେଷ୍ଟ କ୍ୟାରିୟର ବିଷୟରେ ଆଲୋଚନା କରିଛନ୍ତି। ସେ ଅନୁଭବ କରୁଛନ୍ତି ଯେ ବିରାଟଙ୍କ ଭିତରେ ଏବେ ମଧ୍ୟ ଅନେକ ଟେଷ୍ଟ କ୍ରିକେଟ୍ ବାକି ଥିଲା, କିନ୍ତୁ ଅଜିତ ଅଗରକରଙ୍କ ନେତୃତ୍ୱରେ ଥିବା ଚୟନ ସମିତି ଉପରେ ଅସନ୍ତୁଷ୍ଟ ହୋଇ ସେ ସନ୍ନ୍ୟାସ ନେଇଗଲେ। ଜାଫର ଏହା ମଧ୍ୟ କହିଛନ୍ତି ଯେ ବିରାଟ ନିଜେ ଏହି ବିଷୟରେ ଯେପର୍ଯ୍ୟନ୍ତ କିଛି କହି ନାହାନ୍ତି, ସେପର୍ଯ୍ୟନ୍ତ କାହାକୁ କିଛି ଜଣାପଡ଼ିବ ନାହିଁ। ସେ କହିଛନ୍ତି, 'ଏମିତି ମନେହେଉଛି ଯେ ବିରାଟ କୋହଲିଙ୍କ ସହ ଯେଭଳି ବ୍ୟବହାର କରାଯାଉଥିଲା, ସେଥିରେ ସେ ଖୁସି ନଥିଲେ।'

ଜାଫର ଆଗକୁ କହିଛନ୍ତି, 'ବିରାଟଙ୍କ ଭଳି ଖେଳାଳି ଲୋକଙ୍କୁ ପଡ଼ିଆକୁ ଟାଣି ଆଣନ୍ତି। ଲୋକମାନେ ତାଙ୍କୁ ଦେଖିବାକୁ ପସନ୍ଦ କରନ୍ତି। ସେ ଆହୁରି ଅଧିକ ଟେଷ୍ଟ କ୍ରିକେଟ୍ ଖେଳିପାରିଥାନ୍ତେ। ଯେପର୍ଯ୍ୟନ୍ତ ଆମେ ବିରାଟ କୋହଲିଙ୍କ ମୁହଁରୁ ଶୁଣିନାହୁଁ, ଆମକୁ କିଛି ଜଣା ନାହିଁ। ତେବେ ସେ ଇଂଲଣ୍ଡ ଗସ୍ତ ପାଇଁ ନିଶ୍ଚିତ ଭାବେ ପ୍ରସ୍ତୁତି କରୁଥିଲେ।'

ବିରାଟ କୋହଲି ଜୁନ୍ ୨୦୧୧ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ କିଙ୍ଗଷ୍ଟନ୍‌ଠାରେ ନିଜର ଟେଷ୍ଟ ଡେବ୍ୟୁ କରିଥିଲେ। ଏହାପରେ କୋହଲି ଟେଷ୍ଟ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଯାଇଥିଲେ। କୋହଲି ଭାରତ ପାଇଁ ୧୨୩ଟି ଟେଷ୍ଟ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଛନ୍ତି ଏବଂ ଏହି ସମୟରେ ୨୧୦ଟି ଇନିଂସରେ ଖେଳି ୯୨୩୦ ରନ୍ ସଂଗ୍ରହ କରିଛନ୍ତି। ବିରାଟଙ୍କ ଟେଷ୍ଟ ବ୍ୟାଟିଂ ହାରାହାରି ୪୬.୮୫ ଥିବା ବେଳେ ତାଙ୍କ ଷ୍ଟ୍ରାଇକ୍ ରେଟ୍ ୫୫.୬୭ ଥିଲା।

ଏହା ସହିତ କିଙ୍ଗ୍ କୋହଲି ନିଜ ଟେଷ୍ଟ କ୍ୟାରିୟରରେ ୩୦ଟି ଶତକ ଏବଂ ୩୧ଟି ଅର୍ଦ୍ଧଶତକ ମଧ୍ୟ ଲଗାଇଛନ୍ତି। ଟେଷ୍ଟରେ କୋହଲିଙ୍କ ସର୍ବାଧିକ ସ୍କୋର ଅପରାଜିତ ୨୫୪ ରନ୍ ରହିଛି। ସୂଚନାଯୋଗ୍ୟ ଯେ, ବିରାଟ ନିଜ ଶେଷ ଟେଷ୍ଟ ମ୍ୟାଚ୍ ଜାନୁଆରୀ ୨୦୨୫ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଏହାପରେ କୋହଲି ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଥିଲେ। ଏହା ପୂର୍ବରୁ ହିଁ କୋହଲି ଟି୨୦ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିସାରିଥିଲେ। ବର୍ତ୍ତମାନ ଏହି ଦିଗ୍ଗଜ ଖେଳାଳି କେବଳ ଦିନିକିଆ କ୍ରିକେଟ୍ ଖେଳୁଛନ୍ତି ଏବଂ ତାଙ୍କର ଲକ୍ଷ୍ୟ ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବା, ଯେଉଁଥିପାଇଁ ସେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ନଜର ଆସୁଛନ୍ତି।

E-mail ID: - mianandapur@yahoo.co.in
eemidanandapur@gmail.com
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଗ, ଆନନ୍ଦପୁର
OFFICE OF THE SUPERINTENDING ENGINEER, M.I. DIVISION, ANANDAPUR
AT/P.O: - Salapada, Dist- Keonjhar, Pin Code- 758020
e- Procurement Notice
Bid Identification No.- 12 / MIDA / 2026-27
e-mail ID: mianandapur@yahoo.co.in
No 2624 Date 09.10.2026
32001/1027/2627

The Superintending Engineer, Minor Irrigation Division Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the work: | 14 nos of Improvement to Dams And Check dam under D/W, Tank MIP, ERM, MATY scheme |
| No. of Works: | 14 Nos only |
| Estimated Cost: | 12.21 to 78.38 lakh (Approximately) |
| Cost of Tender Paper: | 6000/- AND 10000/- (Non-refundable) |
| Period of Completion: | 04 (Four) & 06 (Six) Calendar months |
| Availability of bid documents for sale and receipt through on-line | From dt. 21.10.2026, 10.00 A.M, to dt.31.10.2026 up to 5.00 P.M. |
| Last date / time of receipt of bids in the portal | 31.10.2026 (5.00 PM) |
| Date of Technical bid opening through online | On dt.01.11.2026 at 10.30 A.M in the Office of the S.E. M.I. Division, Anandapur. |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site http:/dowrorissa.gov.in | |
| Name & Address of the O | Superintending Engineer, Minor Irrigation Division, Anandapur. At / P.O / District – Keonjhar. Email ID:mianandapur@yahoo.co.in |
| Further details can be seen from the e-Procurement market place. http://tendersorissa.gov.in | |

Sd/- Superintending Engineer
M.I. Division, Anandapur
OIPR-32001/32108/1/26-27/0005

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE NOTIFIED AREA COUNCIL, ODAGAON
13001/2173/2627
Tender call Notice
E-mail: nacodagaon@gmail.com
Letter No. 2720 // Date. 12/10/2026
Bid Identification No. NAC-Odagaon-07/2026-27
The Executive Officer, NAC, Odagaon, Dist - Nayagarh inviting percentage rate bid in online mode for the works as detailed in the Annexure from eligible contractors for construction of civil works as detailed in the table below:
1. Nature of Work : Civil Works
2. No of Work : 12 Nos.
3. Tender Cost : As mentioned in DTCN.
4. Class of Contractor : C & D Class
5. Available of Bid Document in the Website. : From Dt.14.10.2026 at 11.00 AM to Dt.28.10.2026 Up to 5.00 P.M.
6. Date & time of opening Bid : Dt. 29.10.2026 at 11.00 A.M.
7. The Bidders have to participate in ONLINE bidding only. Further details can be seen From the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.
Sd/- Executive Officer
NAC, Odagaon
OIPR-13001/13142/1/26-27/0005

OFFICE OF THE CHIEF DISTRICT MEDICAL OFFICER, KENDRAPARA
DISTRICT PROGRAMME MANAGEMENT UNIT
E-Mail: nhmkendrapara@gmail.com Ph. No. (06727) 233363
Notice No: 5377 / DPMU/NHM/2026 Date: 13.10.2026
10001/639/2627
NOTICE FOR SELECTION OF AGENCY FOR OUTSOURCING OF MECHANIZED LAUNDRY SERVICES WITH SUPPLY OF BED SHEETS UNDER NIRMAL SCHEME AT GOVT HEALTH INSTITUTION OF KENDRAPARA DISTRICT

Sealed Request for Proposal (RFP) are invited from eligible agencies for selection of the most suitable agency for Mechanized Laundry Services with Supply of Bed Sheets under Nirmal Scheme at Govt. Health Institution of Kendrapara District. Details of the RFP, terms & conditions & formats for submission of RFP may be downloaded from the website "https://kendrapada.odisha.gov.in". The RFP should reach the office of the CDM & PHO- cum-DMD, Kendrapara, Old DHH, Kendrapara, PIN- 754211 by Dt. 11.11.2026 till 05.00 PM through Registered Post /Speed Post/Courier only & their complete proposals superscribing the RFP No and date on the top of the envelop addressing clearly. The undersigned will not be held resposible for any postal delay in submission of RFP. Personal telephonic queries relating to above tender will not be entretained. The undersigned reserves the right to reject any or all the RFPs without assigning any reason thereof.

Sd/- CDM & PHO cum DMD, NHM
Kendrapara
OIPR-10001/10018/1/26-27/0007





# ମା' ସୁରେଶ୍ୱରୀଙ୍କ ସମେତ ତିନି ଦେବୀଙ୍କ କୁଷ୍ମାଣ୍ଡା ବେଶ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଶାରଦୀୟ ନବରାତ୍ରୀର ଚତୁର୍ଥ ଦିବସରେ ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ସମେତ ମା' ଭଗବତୀ ଓ ମା' ଦୁର୍ଗା ଦେବୀ କୁଷ୍ମାଣ୍ଡା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ତିନି ଦେବୀଙ୍କ ଏହି ଦିବ୍ୟ ବେଶ ଦର୍ଶନ ପାଇଁ ବିଭିନ୍ନ ଦେବୀପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ସମଗ୍ର ସହର ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠିଛି। ପୌରାଣିକ ବିଶ୍ୱାସ ଅନୁସାରେ, ସୃଷ୍ଟିର ଆରମ୍ଭରେ ସମଗ୍ର ବ୍ରହ୍ମାଣ୍ଡ ଘନ ଅନ୍ଧକାରରେ ଆଚ୍ଛାଦିତ ଥିଲା। ସେହି ସମୟରେ ମା' କୁଷ୍ମାଣ୍ଡା ନିଜର ମନ୍ଦ ହାସ୍ୟରେ ସୃଷ୍ଟିରେ ଆଲୋକ ସଞ୍ଚାର କରିଥିଲେ ବୋଲି ଧାର୍ମିକ ମାନ୍ୟତା ରହିଛି। ମା'ଙ୍କ ଏହି ସ୍ୱରୂପ ସୃଷ୍ଟି, ଶକ୍ତି, ଜୀବନ ଓ



ଉତ୍ସାହର ପ୍ରତୀକ। ତାଙ୍କର ଅଷ୍ଟଭୁଜା ରୂପ ଓ ହସ୍ତରେ ଶୋଭା ପାଉଥିବା ବିଭିନ୍ନ ଆୟୁଧ ଦିବ୍ୟ ଶକ୍ତି ଓ ଧର୍ମରକ୍ଷାର ସନ୍ଦେଶ ପ୍ରଦାନ କରେ। ମା' କୁଷ୍ମାଣ୍ଡାଙ୍କ ଆରାଧନା ମାଧ୍ୟମରେ ଭକ୍ତମାନେ ଜୀବନରେ ସୁଖ, ଶାନ୍ତି, ସମୃଦ୍ଧି ଓ ଶକ୍ତି ଲାଭ କରିବା ସହ ଦୁଃଖ ଓ ନିରାଶାରୁ ମୁକ୍ତି ପାଇଁ ପ୍ରାର୍ଥନା କରିଥାନ୍ତି। ଅନ୍ଧକାରରୁ ଆଲୋକ, ନିରାଶାରୁ ଆଶା ଏବଂ ଦୁର୍ବଳତାରୁ ଆତ୍ମବିଶ୍ୱାସ ଆଡ଼କୁ ଅଗ୍ରସର ହେବାର ପ୍ରେରଣା ଦିଏ ମା'ଙ୍କ ଏହି ଦିବ୍ୟ ସ୍ୱରୂପ। ନବରାତ୍ରୀର ଏହି ପବିତ୍ର ଅବସରରେ ସୁବର୍ଣ୍ଣପୁରର ଦେବୀପୀଠଗୁଡ଼ିକରେ ପୂଜାର୍ଚ୍ଚନା, ମନ୍ତ୍ରୋଚ୍ଚାରଣ ଓ ଘଣ୍ଟଘଣ୍ଟାର ଧ୍ୱନି ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ଧୂପ, ଦୀପ, କର୍ପୂର ଓ ଚନ୍ଦନର ସୁଗନ୍ଧରେ ଦେବୀପୀଠଗୁଡ଼ିକ ମହକି ଉଠୁଛି। ମା'ଙ୍କ ଦର୍ଶନ ପାଇଁ ପ୍ରଭାତରୁ ଶ୍ରଦ୍ଧାଳୁଙ୍କ ଆଗମନ ଆରମ୍ଭ ହୋଇଥିବା ବେଳେ ଦିନତମାମ ଭକ୍ତଙ୍କ ଭିଡ଼ ଲାଗି ରହିଛି। ମା' ସୁରେଶ୍ୱରୀଙ୍କ ସମେତ ମା' ଭଗବତୀ ଓ ମା' ଦୁର୍ଗାଙ୍କ ଦିବ୍ୟ କୁଷ୍ମାଣ୍ଡା ବେଶ ଦର୍ଶନ କରି ଶ୍ରଦ୍ଧାଳୁମାନେ ନିଜକୁ ଧନ୍ୟ ମନେ କରୁଛନ୍ତି। ନବରାତ୍ରୀର ଏହି ପବିତ୍ର ମାହେନ୍ଦ୍ର ବେଳାରେ ଭକ୍ତି, ଆସ୍ଥା ଓ ଆଧ୍ୟାତ୍ମିକ ଚେତନାରେ ଭରିଉଠିଛି ସୁବର୍ଣ୍ଣପୁର। ପ୍ରଭାତରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଆଗମନ ସହରର ଧାର୍ମିକ ମହିମାକୁ ଆହୁରି ଉଜ୍ଜ୍ୱଳ କରିଛି।

# ଯାତ୍ରୀ ଆୟ ଓ ଟିକେଟ୍ ବୁକିଂରେ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ଅଭିବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବ ତଟ ରେଳପଥ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଛଅ ମାସରେ ଯାତ୍ରୀ ଆୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଯାତ୍ରୀ ଆୟରେ ୧୮.୦୧% ବୃଦ୍ଧି ରେକର୍ଡ କରାଯାଇଛି। ଏଥିସହିତ, ଏପ୍ରିଲ୍‌ରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଯାତ୍ରୀ ଟିକେଟ୍ ବୁକିଂରେ ୧.୭୬% ଅଭିବୃଦ୍ଧି ହୋଇଛି, ଯାହା ରେଳ ଯାତ୍ରା ପ୍ରତି ଯାତ୍ରୀମାନଙ୍କର ନିରନ୍ତର ଆଗ୍ରହକୁ ପ୍ରତିଫଳିତ କରୁଛି। ସେପ୍ଟେମ୍ବର ୨୦୨୬ ଶେଷ ସୁଦ୍ଧା ପୂର୍ବତଟ ରେଳପଥର ଯାତ୍ରୀ ଆୟ ୧,୦୭୯.୩୦ କୋଟି ଟଙ୍କାରେ ପହଞ୍ଚିଛି। ଗତବର୍ଷ ସମାନ ଅବଧିରେ ଏହି ଆୟ ୯୧୪.୬୨ କୋଟି ଟଙ୍କା ଥିଲା। ଯାତ୍ରୀ ଆୟରେ ହୋଇଥିବା ଏହି ବୃଦ୍ଧି ରେଳପଥର ଯାତ୍ରୀ ପରିବହନ ସେବାର ଉନ୍ନତ ପ୍ରଦର୍ଶନକୁ ସୂଚିତ କରୁଛି। ଯାତ୍ରୀ ଟିକେଟ୍ ବୁକିଂ ବୃଦ୍ଧି ତୁଳନାରେ ଯାତ୍ରୀ ଆୟରେ ଅଧିକ ଅଭିବୃଦ୍ଧି ହୋଇଥିବାରୁ ଯାତ୍ରୀ ପିଛା ହାରାହାରି ଆୟ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଯାତ୍ରୀ ପିଛା ହାରାହାରି ଆୟ ପ୍ରାୟ ୨୪୦ ଟଙ୍କାରୁ ବୃଦ୍ଧି ପାଇ ୨୭୮ ଟଙ୍କାରେ ପହଞ୍ଚିଛି, ଯାହା ପ୍ରାୟ ୧୬% ଅଭିବୃଦ୍ଧିକୁ ଦର୍ଶାଉଛି। ଏହି ଅଭିବୃଦ୍ଧିରେ ବନ୍ଦେ ଭାରତ ଓ ଅମୃତ ଭାରତ ଭଳି ଏସି ଏବଂ ପ୍ରିମିୟମ୍ ଟ୍ରେନ୍‌ଗୁଡ଼ିକରେ ଯାତ୍ରୀଙ୍କ ଅଧିକ ଚାହିଦା, ନୂତନ ଟ୍ରେନ୍ ସେବା ଆରମ୍ଭ, ଚଳାଚଳ କରୁଥିବା ଟ୍ରେନ୍‌ଗୁଡ଼ିକର ସମ୍ପ୍ରସାରଣ ଏବଂ




ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ଟ୍ରେନ୍‌ଗୁଡ଼ିକରେ ଅତିରିକ୍ତ କୋଚ୍ ସଂଯୋଗ ଭଳି ପଦକ୍ଷେପ ସହାୟକ ହୋଇଛି। ପର୍ବପର୍ବାଣି ଓ ଛୁଟିଦିନରେ ଅତିରିକ୍ତ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ମଧ୍ୟ ଅଧିକ ଯାତ୍ରୀ ଚାହିଦା ପୂରଣ କରିବାରେ ସହାୟତା କରିଛି। ପର୍ଯ୍ୟଟନ ଓ ତୀର୍ଥଯାତ୍ରା ମାର୍ଗଗୁଡ଼ିକରେ ନିରନ୍ତର ଯାତ୍ରୀ ଚାହିଦା ସହିତ ଡିଜିଟାଲ୍ ଟିକେଟ୍ ବୁକିଂ ସୁବିଧାର ବ୍ୟାପକ ବ୍ୟବହାର ମଧ୍ୟ ଏହି ସଫଳତାରେ ଅବଦାନ ରଖିଛି। ଯାତ୍ରୀ ଆୟ ବୃଦ୍ଧିରେ ପୂର୍ବତଟ ରେଳପଥର ସମସ୍ତ ମଣ୍ଡଳ ଅବଦାନ ରଖିଛନ୍ତି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ୭୪୪.୯୬ କୋଟି ଟଙ୍କାର ଯାତ୍ରୀ ଆୟ କରି ଗତବର୍ଷ ତୁଳନାରେ ୧୮.୬୮% ଅଭିବୃଦ୍ଧି ହାସଲ କରିଛି। ସେହିପରି ସମ୍ବଲପୁର ମଣ୍ଡଳ ୧୩୩.୭୬ କୋଟି ଟଙ୍କା ଆୟ ସହିତ ୧୨.୭୮% ଅଭିବୃଦ୍ଧି ରେକର୍ଡ କରିଥିବାବେଳେ ରାୟଗଡ଼ା ମଣ୍ଡଳ ୫୩.୧୦ କୋଟି ଟଙ୍କା ଆୟ କରି ୨୪.୪୧% ଅଭିବୃଦ୍ଧି ହାସଲ କରିଛି। ଏହି ସମନ୍ୱିତ ତଥ୍ୟରେ ୨୦୨୬ ଏପ୍ରିଲ୍ ଓ ମେ ମାସର ତତ୍କାଳୀନ ୱାଲଟିୟର ମଣ୍ଡଳର ପ୍ରଦର୍ଶନ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ସେପ୍ଟେମ୍ବର ୨୦୨୬ ଶେଷ ସୁଦ୍ଧା ପୂର୍ବ ତଟ ରେଳପଥରେ ମୋଟ ୩୮.୭୭ ମିଲିଅନ ଯାତ୍ରୀ ଟିକେଟ୍ ବୁକିଂ ହୋଇଛି। ଗତବର୍ଷ ସମାନ ଅବଧିରେ ଏହି ସଂଖ୍ୟା ୩୮.୧୦ ମିଲିଅନ ଥିଲା, ଯାହା ୧.୭୬% ଅଭିବୃଦ୍ଧିକୁ ଦର୍ଶାଉଛି। ଟିକେଟ୍ ଯାଞ୍ଚ କାର୍ଯ୍ୟକ୍ରମ ମଧ୍ୟ ରେଳପଥର ରାଜସ୍ୱ ବୃଦ୍ଧିରେ ସହାୟକ ହୋଇଛି। ୩୦ ସେପ୍ଟେମ୍ବର ୨୦୨୬ ସୁଦ୍ଧା ପୂର୍ବତଟ ରେଳପଥ ଟିକେଟ୍ ବିନା ଯାତ୍ରା ଏବଂ ଅନିୟମିତ ଯାତ୍ରା ସମ୍ପର୍କିତ ୫.୧୫ ଲକ୍ଷ ମାମଲା ଚିହ୍ନଟ କରି ୩୬.୨୧ କୋଟି ଟଙ୍କା ଆଦାୟ କରିଛି। ଗତବର୍ଷ ସମାନ ଅବଧି ତୁଳନାରେ ଟିକେଟ୍ ଯାଞ୍ଚରୁ ଆୟରେ ୨୭.୨୮% ବୃଦ୍ଧି ହୋଇଛି। ଏହା ନିୟମିତ ଓ ଲକ୍ଷ୍ୟଭିତ୍ତିକ ଟିକେଟ୍ ଯାଞ୍ଚ ଅଭିଯାନ ମାଧ୍ୟମରେ ରାଜସ୍ୱ ଆଦାୟରେ ଉନ୍ନତିକୁ ପ୍ରତିଫଳିତ କରୁଛି। ଯାତ୍ରୀ ଆୟରେ ଏହି ସାମଗ୍ରିକ ଅଭିବୃଦ୍ଧି ରେଳ ଯାତ୍ରା ପ୍ରତି ଯାତ୍ରୀଙ୍କ ନିରନ୍ତର ଚାହିଦା, ବିଭିନ୍ନ ପ୍ରକାରର ଟ୍ରେନ୍ ସେବାର ଉପଲବ୍ଧତା, ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ଯାତ୍ରୀ ପରିବହନ କ୍ଷମତା ବୃଦ୍ଧି ଏବଂ ରାଜସ୍ୱ ଆଦାୟକୁ ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସର ପରିଣାମ। ଯାତ୍ରୀମାନଙ୍କୁ ସୁବିଧାଜନକ ରେଳ ସେବା ଯୋଗାଇବା, ଟିକେଟ୍ ଯାଞ୍ଚ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ସାମଗ୍ରିକ ଯାତ୍ରା ଅନୁଭୂତିରେ ଉନ୍ନତି ଆଣିବା ଦିଗରେ ପୂର୍ବତଟ ରେଳପଥ ନିରନ୍ତର ପ୍ରୟାସ ଜାରି ରଖିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବାଣୀ ବିହାରରେ ଉତ୍ତେଜନା...

ଗୋଷ୍ଠୀର ସମର୍ଥକ ମାନଙ୍କ ମଧ୍ୟରେ ଛକାପଞ୍ଝା ଚାଲିଥିଲା। ଡିଜେ ବାଜାବାଣ ରୋଷଣୀ ମଧ୍ୟରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ କ୍ୟାମ୍ପସକୁ ଆସିଥିଲେ। ବୁଧବାରର 'ହ୍ୱାଇ ଆଇ ଷ୍ଟାଣ୍ଡ ଫର' ମିଟିଂ ସରିବା ପରେ ଗୁରୁବାର ନିର୍ବାଚନ ଭୋଟ୍ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତିରେ କର୍ତ୍ତୃପକ୍ଷ ନିୟୋଜିତ ହୋଇଛନ୍ତି। ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବା ସହିତ ଏହାପରେ ଗଣତି ଏବଂ ଫଳାଫଳ ଘୋଷଣା କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯିବ। ଶୁକ୍ରବାର ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି।

## ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ...

କରାଯଇଥିଲା। ସୂର୍ଯ୍ୟବଂଶୀ ସହ-ଅଭିଯୁକ୍ତ ଶୁଭମ ଖେରନାରଙ୍କର ଅତ୍ୟନ୍ତ ଘନିଷ୍ଠ। ପେପର ଲିକ୍ ଘଟଣାରେ ସହ-ଅଭିଯୁକ୍ତଙ୍କ ସହ ସୂର୍ଯ୍ୟବଂଶୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ପେପର ଲିକ୍ ତଥା ଅନ୍ୟ ସାଧାରଣ ପରୀକ୍ଷାରେ ଅନୁଚିତ ଉପାୟ ବ୍ୟବହାରରୁ ଉପୁଜୁଥିବା ଅପରାଧିକ ମାମଲା ପାଇଁ କାର୍ଯ୍ୟ କରୁଥିବା ଫାଷ୍ଟ-ଟ୍ରାକ୍ କୋର୍ଟ ଅଗଷ୍ଟ ୧୨ ତାରିଖରେ ଅନ୍ୟ ୧୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ଆଗତ ସିବିଆଇର ଚାର୍ଜସିଟ୍ ଉପରେ ବିଚାର କରିଥିଲେ। ପୂର୍ବ ଚାର୍ଜସିଟ ଅନୁଯାୟୀ, ଏଜେନ୍ସି ମେ' ୧୩ରେ ପ୍ରଥମ ଦଫାରେ ରାଜସ୍ଥାନରେ ମଙ୍ଗିଲାଲ, ଦିନେଶ ଏବଂ ବିକାଶ ବିୱାଲଙ୍କୁ ଗିରଫ କରିବା ପରେ ତାର କାମ ଆରମ୍ଭ କରିଥିଲା। ତାଙ୍କର ମୋବାଇଲ ଫୋନରେ ଲିକ୍ ପିଡିଏଫ ହସ୍ତଗତ ହୋଇଥିଲା ଯାହା ଏପ୍ରିଲ ୨୯ରେ ଟେଲିଗ୍ରାମରୁ ଆସିଥିଲା। ସେହିଦିନ ତଦନ୍ତକାରୀ ଏଜେନ୍ସି ଯଶ ଯାଦବ ଏବଂ ଶୁଭମ ଖେରନାରଙ୍କୁ ନାସିକରୁ ଗିରଫ କରିଥିଲା।

## ୭୮ ଦିନର ବୋନସ୍...

ରେଳର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ପାଇଁ ପ୍ରୋତ୍ସାହିତ କରିବାକୁ ପିଏଲବି ପ୍ରଦାନ ଏକ ପ୍ରୋତ୍ସାହନ ସ୍ୱରୂପ କାର୍ଯ୍ୟ କରେ। ପ୍ରତି ଯୋଗ୍ୟ ରେଳ କର୍ମଚାରୀଙ୍କ ପାଇଁ ସର୍ବାଧିକ ୭୮ ଦିନ ପାଇଁ ଦେୟ ପରିମାଣ ୧୭,୯୫୧ ଟଙ୍କା। ଉପରୋକ୍ତ ପରିମାଣ ବିଭିନ୍ନ ବର୍ଗର ରେଳ କର୍ମଚାରୀଙ୍କୁ ପ୍ରଦାନ କରାଯିବ, ଯେପରିକି ଟ୍ରାକ୍ ରକ୍ଷଣାବେକ୍ଷଣକାରୀ, ଲୋକୋ ପାଇଲଟ୍, ଟ୍ରେନ୍ ପରିଚାଳକ (ଗାର୍ଡ), ଷ୍ଟେସନ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ୍, ଟେକ୍ନିସିଆନ୍ ସହାୟକ, ପଏଣ୍ଟସମ୍ୟାନ୍, ମନ୍ତ୍ରୀସ୍ତରୀୟ କର୍ମଚାରୀ ଏବଂ ଅନ୍ୟାନ୍ୟ ଗ୍ରୁପ୍ 'ସି କର୍ମଚାରୀ।

କ୍ୟାବିନେଟ ବୈଠକ ପରେ ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରି କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, 'ଏହି ବୋନସ୍ ହେଉଛି ଦିନ ରାତି ଅକ୍ଲାନ୍ତ ପରିଶ୍ରମ କରୁଥିବା ପରିଶ୍ରମୀ ରେଳ କର୍ମଚାରୀଙ୍କ ପାଇଁ ଏକ ଦୀପାବଳି ଉପହାର।'

## ଓଡ଼ିଶା ହେବ ଦେଶର...

ଅଞ୍ଚଳରେ ସ୍ଥାପିତ ହେବା ଉଚିତ। ଏହି ନୀତିକୁ ଆଧାର କରି କେନ୍ଦୁଝର ଓ ସୁନ୍ଦରଗଡ଼ରେ ଇସ୍ପାତ ଶିଳ୍ପ, ଅନୁଗୋଳ ଓ ଢେଙ୍କାନାଳରେ ଅକ୍ଷୟ ଶକ୍ତି ପ୍ରକଳ୍ପ, ଖୋର୍ଦ୍ଧାରେ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପୁରୀ, କଟକ, ବରଗଡ଼, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନ, ହସ୍ପିଟାଲିଟି ଓ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ସ୍ଥାନ ଦିଆଯାଇଛି। ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ୧୫୧ ଗୋଟି ପ୍ରକଳ୍ପର ଭୂମିପୂଜନ କିମ୍ବା ଉଦଘାଟନ କରାଯାଇ ୩ ଲକ୍ଷ ୧୧ ହଜାର କୋଟିରୁ ଅଧିକ ପୁଞ୍ଜି ନିବେଶ ହୋଇଥିବାବେଳେ ଏହାଦ୍ୱାରା ୨ ଲକ୍ଷ ୪୦ ହଜାରରୁ ଅଧିକ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ପଥ ଉନ୍ମୁକ୍ତ ହୋଇଛି। ଆଜିର ପ୍ରକଳ୍ପକୁ ମିଶାଇଲେ ରାଜ୍ୟରେ ସମୁଦାୟ ୩ ଲକ୍ଷ ୫୦ ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପର ଗ୍ରାଉଣ୍ଡିଂ ବା ଶୁଭାରମ୍ଭ ହେଲା।

ରାଜ୍ୟର ଯୁବକଯୁବତୀମାନେ ଯେପରି ବାଧ୍ୟବାଧକତାରେ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ନ ଯାଆନ୍ତି, ସେଥିପାଇଁ ରାଜ୍ୟ ସରକାର ଲେବର ଇନସେଟିଭ୍ ଶିଳ୍ପ ଯେପରିକି ବୟନ ଓ ପୋଷାକ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଫାର୍ମାସ୍ୟୁଟିକାଲ୍ସ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଗତ ବର୍ଷ ଅନୁଷ୍ଠିତ ଟେକ୍ସଟାଇଲ କନ୍‌କ୍ଲେଭ୍ ମାଧ୍ୟମରେ ୫୩ ହଜାର ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଥିବାବେଳେ କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ ଓ ଭଦ୍ରକ ଆଦି ସ୍ଥାନରେ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା କରାଯାଉଛି। ୱାର୍ଲ୍ଡ ସ୍କିଲ୍ ସେଣ୍ଟର ମାଧ୍ୟମରେ ଯୁବବର୍ଗଙ୍କୁ ଅଟୋମେସନ୍, ଅକ୍ଷୟ ଶକ୍ତି, ଇଲେକ୍ଟ୍ରୋନିକ୍ସ ଏବଂ ଡିଜିଟାଲ୍ ସେବା ଭଳି ଆଧୁନିକ କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯାଉଛି। ଏହା ସହିତ ବୟନଶିଳ୍ପ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ସେବା ଭଳି କ୍ଷେତ୍ରରେ ମହିଳାମାନଙ୍କୁ ଅଧିକରୁ ଅଧିକ ନିଯୁକ୍ତି ଦେବା ପାଇଁ ଶିଳ୍ପସଂସ୍ଥାଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି।

ନିବେଶକମାନଙ୍କୁ ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରକଳ୍ପର ପ୍ରସ୍ତାବ ସମୟଠାରୁ ଗ୍ରାଉଣ୍ଡିଂ ହେବା ପର୍ଯ୍ୟନ୍ତ ପ୍ରୋଜେକ୍ଟ ଲାଇଫ୍ ସାଇକଲର ପୂରା ସମୟଚକ୍ରରେ ନିବେଶକମାନଙ୍କୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦେଉଛନ୍ତି। ସିଙ୍ଗଲ ୱିଣ୍ଡୋ ସିଷ୍ଟମ ଏବଂ ନୂତନ ଶିଳ୍ପନୀତି ମାଧ୍ୟମରେ ପ୍ରକଳ୍ପ ଅନୁମୋଦନ ପ୍ରକ୍ରିୟାକୁ ଅଧିକ ସରଳ ଓ ସ୍ୱଚ୍ଛ କରାଯାଇଛି। ଏପର୍ଯ୍ୟନ୍ତ ୧୨.୦୭ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ନିବେଶ ସହିତ ୫୬୦ଟି ଶିଳ୍ପ ପ୍ରସ୍ତାବ ଅନୁମୋଦିତ ହୋଇସାରିଛି। ଏହା ମାଧ୍ୟମରେ ପ୍ରାୟ ୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।

ବିରୋଧୀମାନଙ୍କ ବିକାଶବିରୋଧୀ କାର୍ଯ୍ୟକଳାପକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିରୋଧୀମାନେ ରାଜନୀତିରେ ବ୍ୟସ୍ତ ଥିବାବେଳେ, ଆମ ସରକାର ଓଡ଼ିଶାର ପ୍ରଗତି ଓ ବିକାଶରେ ବ୍ୟସ୍ତ ଅଛନ୍ତି।

ସମାରୋହରେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯାଜପୁରର ଭବିଷ୍ୟତ ଓ ଆଞ୍ଚଳିକ ବିକାଶ ଉପରେ ଆଲୋକପାତ କରିଥିଲେ। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ ଦୂରଦୃଷ୍ଟିକୁ ଉଚ୍ଚ ପ୍ରଶଂସା କରିଥିଲେ।

ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶିଳ୍ପପତି ମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ସମସ୍ତ ପ୍ରକଳ୍ପ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ଶୁଭାରମ୍ଭ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ।

ଏହି ସମାରୋହରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜେଏସଏଲ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ, ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହ ଆରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଧନ୍ୟବାଦ ଦେଇଥିଲେ।

## ଡବଲ ଇଞ୍ଜିନ ସରକାରରେ...

ଦ୍ରବ୍ୟର ଦରଦାମ୍ ବଢ଼ି ଚାଲିଛି। ସମସ୍ତେ ହଇରାଣ୍। କିନ୍ତୁ ସରକାର ନିଦା ବିଷ୍ଣୁ। ଅପାରଗତାରେ ଓଡ଼ିଶା ସରକାର ସାରା ଦେଶରେ ନମ୍ବର ୱାନ୍ ବୋଲି ଶ୍ରୀ ପଟ୍ଟନାୟକ କଟାକ୍ଷ କରିଥିଲେ। ତେଣୁ ଲୋକଙ୍କ ସହ ରହି ଏ ଅପାରଗ ସରକାରର ମୁଖା ଖୋଲି ଦେବାକୁ ଶ୍ରୀ ପଟ୍ଟନାୟକ ଦଳର କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ଓ ମନ୍ମଥ ରାଉତରାୟ ପ୍ରମୁଖ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କ ତୀବ୍ର ସମାଲୋଚନା କରିଥିଲେ। ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାବେଶରେ ସ୍ଥାନୀୟ କର୍ପୋରେଟର ଭରତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିପୁଳ ଜନ ସମାବେଶ ହୋଇଥିଲା।

## ଯନ୍ତର ମନ୍ତରକୁ ପ୍ରତିବାଦ...

ତିନୋଟି ସ୍ଥାନରେ ପ୍ରତିବାଦ ପାଇଁ ଏକ ବିସ୍ତୃତ ଏବଂ ସଂଶୋଧିତ ମାନକ କାର୍ଯ୍ୟ ପ୍ରଣାଳୀ ପୃଥକ ଭାବରେ ଜାରି କରାଯିବ। ପୂର୍ବରୁ, ସୁପ୍ରିମକୋର୍ଟରେ ଦାୟର ଏକ ଆବେଦନରେ ଜାତୀୟ ରାଜଧାନୀରେ ନିର୍ଦ୍ଦିଷ୍ଟ ପ୍ରତିବାଦ ସ୍ଥାନର ଉପଲବ୍ଧତା ଏବଂ ଉପଯୁକ୍ତତା ବିଷୟରେ ଚିନ୍ତା ପ୍ରକାଶ କରାଯାଇଥିଲା। ଏଥିରେ କୁହାଯାଇଛି ଯେ ସୁପ୍ରିମକୋର୍ଟ ପୂର୍ବରୁ ଯନ୍ତର ମନ୍ତରକୁ ଏକ ନିର୍ଦ୍ଦିଷ୍ଟ ପ୍ରତିବାଦ ସ୍ଥାନ ଭାବରେ ଅନୁମୋଦନ କରିଥିଲେ ଏବଂ ରାମଲୀଳା ମଇଦାନକୁ ଏକ ଉପଯୁକ୍ତ ବିକଳ୍ପ ଭାବରେ ବିବେଚନା କରିନଥିଲେ। ପିଟିସନ୍ ଏହି କଟକଣା ଏବଂ ପ୍ରତିବାଦ ପାଇଁ ବିକଳ୍ପ ସ୍ଥାନ ବାଛିବା ପଛରେ ଥିବା ଯୁକ୍ତି ଉପରେ ପ୍ରଶ୍ନ ଉଠାଇଛି। ଏହା ପ୍ରତିବାଦ ପାଇଁ ପ୍ରସ୍ତାବିତ ବିକଳ୍ପ ସ୍ଥାନ ବିଷୟରେ ମଧ୍ୟ ଚିନ୍ତା ସୃଷ୍ଟି କରୁଛି।

## ଇରାନ ଉପରେ ଶୀଘ୍ର...

ଆମେରିକାରେ ନଭେମ୍ବର ୩ରେ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ଇରାନ ବିରୋଧରେ ପୁଣିଥରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବାର ସମ୍ଭାବନା ନେଇ ଚର୍ଚ୍ଚା ହେଉଛି।

ଟ୍ରମ୍ପ ପୂର୍ବରୁ ମଧ୍ୟ ଇରାନକୁ ନେଇ ଖୁବ୍‌ଶୀଘ୍ର ଏକ ବଡ଼ ନିଷ୍ପତ୍ତି ନେବେ ବୋଲି କହିସାରିଛନ୍ତି। ତେବେ ତାଙ୍କର ଏଭଳି ବୟାନ ପରେ ଏପର୍ଯ୍ୟନ୍ତ କୌଣସି ନୂଆ ବଡ଼ ଆକ୍ରମଣ ହୋଇନାହିଁ। ଗତ ସପ୍ତାହରେ ସେ କହିଥିଲେ ଯେ, ଆମେରିକା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ଇରାନ ଉପରେ ଆକ୍ରମଣ କରିବ ନାହିଁ।

## ସୀମାରେ ଶାନ୍ତି ନଥିଲେ...

ଚୀନ୍ ସମ୍ପର୍କରେ ମଧ୍ୟ ଉନ୍ନତି ଆସିଥିଲା। ମାତ୍ର ୨୦୨୦ରେ ଯେତେବେଳେ ସମାଜ ଏକାନ୍ତରେ ଏବଂ କୋଭିଡ୍ ମହାମାରୀ ଦେଇ ଗତି କରୁଥିଲା, ସେତେବେଳେ ସୀମାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଉଭୟ ଦେଶର ସେନା ମଧ୍ୟରେ ହୋଇଥିବା ସଂଘର୍ଷରେ ଅନେକ ସୈନିକ ପ୍ରାଣ ହରାଇଥିଲେ। ଭାରତ ପାଇଁ ଏହା ୧୯୭୫ ପରଠାରୁ ଚାଲିଆସୁଥିବା ସ୍ଥିତିରେ ଏକ ବଡ଼ ପରିବର୍ତ୍ତନ ଥିଲା। ଆମର ସ୍ପଷ୍ଟ ଆଭିମୁଖ୍ୟ ରହିଛି ଯେ ଯଦି ସୀମାରେ ଶାନ୍ତି ଓ ସ୍ଥିରତା ଭଙ୍ଗ ହୁଏ, ତେବେ ଏହାର ପ୍ରଭାବ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ପଡ଼ିବ। ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଆଗାମୀ ୫ ବର୍ଷ ପାଇଁ ଏହାର ପରିଣାମ ସ୍ପଷ୍ଟ ଭାବେ ଦୃଶ୍ୟମାନ ହୋଇଥିଲା। ସୀମାରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ପାଇଁ ଆମକୁ ୪ ବର୍ଷରୁ ଅଧିକ ସମୟ ଧରି ଆଲୋଚନା କରିବାକୁ ପଡ଼ିଥିଲା। ୨୦୨୪ ମସିହାରୁ ସୀମାରେ ପରିସ୍ଥିତି କିଛି ମାତ୍ରାରେ ସ୍ୱାଭାବିକ ହେବାକୁ ଲାଗିଛି। ଯେହେତୁ ସୀମାରେ ପରିସ୍ଥିତି ସ୍ଥିର ହେଉଛି, ତେଣୁ ଭାରତ-ଚୀନ୍ ସମ୍ପର୍କ ମଧ୍ୟ ସ୍ୱାଭାବିକ ଅବସ୍ଥା ଆଡ଼କୁ ଗତି କରୁଛି।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିନ୍ଦଲର ବ୍ଲାଷ୍ଟ ଫର୍ଣ୍ଣେସ ଉଦ୍‌ଘାଟିତ



**ଯାଜପୁର, ନ୍ୟୁଜ ବ୍ୟୁରୋ**

ଭାରତର ବିଶ୍ୱ ଉତ୍ପାଦନ ପରିବେଶରେ ବୃଦ୍ଧି ପାଉଥିବା ଶକ୍ତିକୁ ଆହୁରି ଆଗେଇ ନେବା ପ୍ରତି ଅବଦାନ ଦେବାର ଉଦ୍ଦେଶ୍ୟରେ, ଜିନ୍ଦଲ ଫେରସ୍ ଲିମିଟେଡ୍ (ଜେଏଫ୍‌ଏଲ୍) ଓଡ଼ିଶାର ଯାଜପୁରରେ ଥିବା ଏହାର ସମନ୍ୱିତ ବ୍ଲାଷ୍ଟ ଫର୍ଣ୍ଣେସ୍ ସୁବିଧାର କାର୍ଯ୍ୟକ୍ଷମ ଘୋଷଣା କରିଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୁବିଧାର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦୀପ ବଳ ସାମନ୍ତ, ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର ସମ୍ପଦ ଚନ୍ଦ୍ର ସ୍ୱାଇଁ, ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ଯାଜପୁରର ସାଂସଦ ଡକ୍ଟର ରବିନ୍ଦ୍ର ନାରାୟଣ ବେହେରା ଉପସ୍ଥିତ ଥିଲେ । ୫,୦୦୦ କୋଟି ଟଙ୍କାରୁ ଅଧିକ ବିନିଯୋଗରେ ବିକଶିତ ଏହି ସୁବିଧା ଭାରତର ଶିଳ୍ପ ଏବଂ ଅବସ୍ଥାପନା ବୃଦ୍ଧି ସହ ସମନ୍ୱୟ ରଖି ସମନ୍ୱିତ, ସମ୍ବଳ-ଦକ୍ଷ ଏବଂ ଭବିଷ୍ୟତ-ପ୍ରସ୍ତୁତ ଉତ୍ପାଦନ କ୍ଷମତା ନିର୍ମାଣ ଉପରେ ଜେଏଫ୍‌ଏଲର ଧ୍ୟାନକୁ ପ୍ରତିଫଳିତ କରେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, "ଭାରତରେ ଶିଳ୍ପ ବିକାଶ ଓ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବାର ଓଡ଼ିଶାର ଅପାର ସମ୍ଭାବନା ରହିଛି । ଏ ସମ୍ପର୍କରେ ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ, ଜିନ୍ଦଲ ଷ୍ଟେନଲେସ୍ କହିଛନ୍ତି, "ଓଡ଼ିଶା ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଅଭିବୃଦ୍ଧି କେନ୍ଦ୍ରମାନଙ୍କ ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି, ଯାହା ପ୍ରାକୃତିକ ସମ୍ପଦ, ଅବସ୍ଥାପନା ସଂଯୋଗ, ନୀତିଗତ ସମର୍ଥନ ଏବଂ ଦୀର୍ଘକାଳୀନ ଉତ୍ପାଦନ ସମ୍ଭାବନାର ଉପଯୁକ୍ତ ସମ୍ମିଶ୍ରଣ ପ୍ରଦାନ କରେ ।

# ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଲେ କେଭି ସିଂହଦେଓ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୁଧବାର ଦିନ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ଶ୍ରୀ ସିଂହଦେଓ ଲେଖିଛନ୍ତି ବୁଧବାର ଲକ୍ଷ୍ନୌ ସ୍ଥିତ ମୁଖ୍ୟମନ୍ତ୍ରୀ ଆବାସ ଠାରେ ଉତରପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୋ ସହ ମୋର ଧର୍ମପତ୍ନୀ ତଥା ବଲାଙ୍ଗିରର ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂଦେଓ ମଧ୍ୟ ଉପସ୍ଥିତ ରହିଥିଲେ।

# ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା ଘଟଣାକୁ ବିଜେଡିର ନିନ୍ଦା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁରୀ ଜିଲ୍ଲା ପିପିଲି ଅଞ୍ଚଳର ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ବିଜେପି କର୍ମୀଙ୍କ ଦ୍ୱାରା ଭଙ୍ଗାରୁଜା ଘଟଣାକୁ ବିଜେଡ଼ି ପକ୍ଷରୁ ଘୋର ନିନ୍ଦା କରାଯାଇଛି । ଉପସଭାପତି ସଞ୍ଜୟ ଦାସବର୍ମା କହିଛନ୍ତି ଯେ, ବିଜେପି ସରକାର ଅପରାଧିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଛି । ଯାହାକୁ ନେଇ ରାଜ୍ୟ ବ୍ୟାପି ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଛି । ଯାହାକି ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ବିଜୁ ଜନତା ଦଳ ପକ୍ଷରୁ ଏହାକୁ ତୀବ୍ର ଭାବେ ନିନ୍ଦା କରିଛନ୍ତି । କାର୍ଯ୍ୟାଳୟର ଆସବାବପତ୍ର ଓ ଅନ୍ୟାନ୍ୟ ସମ୍ପତ୍ତି ନଷ୍ଟ କରାଯିବା ସହ ଗୁରୁତ୍ୱପୂର୍ଣ୍ଣ ସରକାରୀ କାଗଜପତ୍ର ଏଣେତେଣେ ଫିଙ୍ଗାଯାଇଥିବା ଅଭିଯୋଗ ଅତ୍ୟନ୍ତ ଉଦ୍‌ବେଗଜନକ । ଏହା ଗଣତାନ୍ତ୍ରିକ ଅନୁଷ୍ଠାନ ପ୍ରତି ସମ୍ମାନ, ଆଇନର ଶାସନ ଏବଂ ସରକାରୀ ସମ୍ପତ୍ତିର ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି । ସରକାରୀ କାର୍ଯ୍ୟାଳୟ ହେଉଛି ଜନସାଧାରଣଙ୍କ ଅନୁଷ୍ଠାନ । ଏହାକୁ ରାଜନୈତିକ ବିବାଦ, ଭୟଭୀତ କରିବା କିମ୍ବା ହିଂସାର କେନ୍ଦ୍ରରେ ପରିଣତ କରାଯିବା ଉଚିତ ନୁହେଁ । ସେ ଆହୁରି କହିଛନ୍ତି ଯେ, ରାଜନୈତିକ ମତଭେଦ କିମ୍ବା ବିଚାରଧାରାଗତ ପାର୍ଥକ୍ୟକୁ ଆଲୋଚନା ଏବଂ ଆଇନସମ୍ମତ ଗଣତାନ୍ତ୍ରିକ ପଦ୍ଧତି ମାଧ୍ୟମରେ ସମାଧାନ କରାଯିବା ଉଚିତ। ଆଇନ ହାତକୁ ନେଇ ଭଙ୍ଗାରୁଜା, ଭୟଭୀତ କରିବା କିମ୍ବା ସରକାରୀ ସମ୍ପତ୍ତି ନଷ୍ଟ କରିବା ଆଦୌ ଗ୍ରହଣୀୟ ନୁହେଁ । ଏପରି କାର୍ଯ୍ୟ ଗଣତନ୍ତ୍ର ଓ ସାମ୍ବିଧାନିକ ଶାସନର ମୌଳିକ ନୀତିର ପରିପନ୍ଥୀ। ଗୁରୁତ୍ୱପୂର୍ଣ୍ଣ ସରକାରୀ କାଗଜପତ୍ରକୁ ଫିଙ୍ଗି ଦିଆଯିବା ଏବଂ ସେଗୁଡ଼ିକର ସମ୍ଭାବ୍ୟ ଅବ୍ୟବସ୍ଥିତ ପରିଚାଳନା ନେଇ ଅଭିଯୋଗ ଅଧିକ ଚିନ୍ତାଜନକ। ଏହାଦ୍ୱାରା ସରକାରୀ କାର୍ଯ୍ୟ ପ୍ରଭାବିତ ହେବା ସହ ସରକାରୀ ନଥିପତ୍ରର ସୁରକ୍ଷା ଓ ଅଖଣ୍ଡତା ବିପନ୍ନ ହୋଇପାରେ । ତେଣୁ କାର୍ଯ୍ୟାଳୟର କ୍ଷୟକ୍ଷତି ଏବଂ ସରକାରୀ କାଗଜପତ୍ରର ସ୍ଥିତି ସମ୍ପର୍କରେ ତୁରନ୍ତ ଉପଯୁକ୍ତ ଆକଳନ କରାଯିବା ଆବଶ୍ୟକ। ପୋଲିସ ପ୍ରଶାସନ ରାଜ୍ୟ ସରକାରଙ୍କ ହାତ ବାରିସି ସାଜି କାର୍ଯ୍ୟ ନକରି ନିରପେକ୍ଷ ତଦନ୍ତ କରି ପଦକ୍ଷେପ ଗ୍ରହଣ କରନ୍ତୁ । ଏମିତି ହେଲେ ସତ୍ୟବାଦୀରେ ଆଇନ ବିଧି ବ୍ୟବସ୍ଥା ନିୟନ୍ତ୍ରଣରେ ରହିବ ନାହିଁ। ବିଜେପି ସରକାର ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଏହି ଘଟଣାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି । ତଦନ୍ତରେ ଯେଉଁମାନେ ଦୋଷୀ ବୋଲି ପ୍ରମାଣିତ ହେବେ, ସେମାନଙ୍କୁ କୌଣସି ରାଜନୈତିକ ପକ୍ଷପାତ କିମ୍ବା ଭେଦଭାବ ବିନା ଆଇନ ଅନୁଯାୟୀ କଠୋର ଦଣ୍ଡ ଦିଆଯିବା ଆବଶ୍ୟକ ।

# ଭାରତ-ଆମେରିକା ସମ୍ପର୍କ ବହୁତ ଭଲ, କୌଣସି ଅସୁବିଧା ନାହିଁ: ଗୋୟଲ

**ନୂଆଦିଲ୍ଲୀ :**

କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ବୁଧବାର କହିଛନ୍ତି ଯେ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ 'ବହୁତ ଭଲ' ଏବଂ ରାଜନୈତିକ ବିଚାରଧାରାରେ ପରିବର୍ତ୍ତନ ସହିତ ହିଁ ଉନ୍ନତି ହେବ। ନୂଆଦିଲ୍ଲୀରେ ବ୍ଲୁମବର୍ଗ ନ୍ୟୁ ଇକୋନୋମି ଫୋରମ୍ ୨୦୨୬ କୁ ସମ୍ବୋଧିତ କରି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ଏହା କହିଛନ୍ତି। ଗୋୟଲ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସମ୍ପର୍କ କେବଳ ବାଣିଜ୍ୟ ମଧ୍ୟରେ ସୀମିତ ନୁହେଁ ବରଂ ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ଲୋକ ସମ୍ପର୍କ ଭଳି କ୍ଷେତ୍ରକୁ ମଧ୍ୟ ଅନ୍ତର୍ଭୁକ୍ତ କରେ।

ଅବଶ୍ୟ, ଆମର ସମ୍ପର୍କ ପୂର୍ବରୁ ବହୁତ ଭଲ ଅଛି। ମୁଁ ଏବେ ମଧ୍ୟ କୌଣସି ସମସ୍ୟା ଦେଖୁନାହିଁ ବୋଲି ଗୋୟଲ କହିଛନ୍ତି। 'ମୁଁ ଭାବୁଛି ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ବିଶ୍ୱ ପାଇଁ ଏହାର ସୁଦୂରପ୍ରସାରୀ ପ୍ରଭାବ ରହିଛି, କାରଣ ଉଭୟ ବୃହତ ଗଣତନ୍ତ୍ର ଅଟେ', ବୋଲି ବାଣିଜ୍ୟ ମନ୍ତ୍ରୀ କହିଥିଲେ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇସ୍ତଫା ପରେ ଭାରତ-ଆମେରିକା ସମ୍ପର୍କରେ ଉନ୍ନତି ଆସିବ କି ବୋଲି ପଚରାଯାଇଥିବା ପ୍ରଶ୍ନର ଉତରରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ଏହା କହିଥିଲେ। 'ଏହା ମନେ ରଖିବା ଉଚିତ ଯେ ଏହା କେବଳ ବାଣିଜ୍ୟ ବିଷୟରେ ନୁହେଁ। ଅବଶ୍ୟ, ଆମେରିକା ହେଉଛି ଆମର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର ଏବଂ ମୁଁ ଭାବୁଛି ଆଗାମୀ ବର୍ଷଗୁଡ଼ିକରେ ମଧ୍ୟ ଏହା ଜାରି ରହିବ। ମୋଟାମୋଟି ଭାବେ, ମୁଁ ଆମେରିକା ସହିତ ହୋଇଥିବା ଚୁକ୍ତିରେ ମଧ୍ୟ କୌଣସି ସମସ୍ୟା ଦେଖୁନାହିଁ ।

# ମିଳିତ ପୋଲିସ ସେବା ପରୀକ୍ଷା: ପ୍ରାର୍ଥୀଙ୍କ ତଥ୍ୟ ଅପଡେଟ୍ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମିଳିତ ପୋଲିସ ସେବା ପରୀକ୍ଷା-୨୦୨୪ ପାଇଁ ଆବେଦନ କରିଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ତଥ୍ୟ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୧୫ରୁ ୨୯ ତାରିଖ ମଧ୍ୟରେ ତଥ୍ୟ ଅପଡେଟ୍ କରିବାକୁ କୁହାଯାଇଛି। ସୂଚନା ଅନୁଯାୟୀ ପୋଲିସ ସେବା ପରୀକ୍ଷା - ୨୦୨୪ (ସିପିଏସଇ -୨୦୨୪) (ଉପ-ନିରୀକ୍ଷକ ସ୍ତରୀୟ ପରୀକ୍ଷା) ପାଇଁ ଆବେଦନ କରିଥିବା ସମସ୍ତ ପ୍ରାର୍ଥିନୀ/ପ୍ରାର୍ଥୀଙ୍କୁ (ବୟସ ସୀମା କୋହଳ ବ୍ୟବସ୍ଥା ଅଧୀନରେ ୱେବସାଇଟ୍ ଯୋଗ୍ୟ ପ୍ରାର୍ଥିନୀ/ ପ୍ରାର୍ଥୀଙ୍କ ସମେତ) ଓୟୁଏସଏସଏସସି ଥଏଚଟିଟିପିଏସ୍ :// ଓୟୁଏସଏସଏସସି.ଓଡ଼ିଶା.ଜିଓଭି.ଇନ୍ ଧ ରେ ଲଗ୍ ଇନ୍ ପୂର୍ବକ ତା ୧୫.୧୦.୨୦୨୬ ରିଖ (ପୂର୍ବାହ୍ନ ୧୦ ଘଣ୍ଟା) ଠାରୁ ତା ୨୯-୧୦-୨୦୨୬ ରିଖ (ରାତ୍ର ୧୦ ଘଂଟା) ମଧ୍ୟରେ ନିଜର ତଥ୍ୟ ଅପଡେଟ୍ / ବୈଧିକରଣ (ଭାଲିଡେସନ୍) ନିମନ୍ତେ ଜଣାଇ ଦିଆଯାଇଛି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳୱେ**

ଇ-ଟେଣ୍ଡର ନୋଟିସ୍ ନମ୍ବର-ଏନ୍/ଆଇ/ଟି/81/26/03 ତାରିଖ : 05/10/2026

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇ, ବିଳାସପୁର ଡିଭିଜନର ବରିଷ୍ଠ ଡିଭିଜନାଲ ସାମଗ୍ରୀ ପରିଚାଳକ, ନିମ୍ନଲିଖିତ ଜିନିଷ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି।

| କ୍ର. | ଟେଣ୍ଡର ନମ୍ବର | ଟେଣ୍ଡର ଖୋଲିବା ତାରିଖ | ଟେଣ୍ଡର ଖୋଲିବା ସମୟ | ଟେଣ୍ଡର ଚିଠି ମୂଲ୍ୟ (₹) | ସର୍ବାଧିକ ଟଙ୍କା ଜମା (₹) |
|---|---|---|---|---|---|
| 1 | 81265046ଏ | 05/11/2026 | 10:30 | 0.00 | 726880.00 |

**ବିବରଣୀ:** ଇଏଲ୍‌ଏସ୍/ବିଏସ୍‌ପିରେ ନିର୍ଦ୍ଦିଷ୍ଟକରଣ ନମ୍ବର COFMOW/IR/DPT/2020 ରେଭ୍ 0 ଅନୁଯାୟୀ ଡ୍ରପ୍ ପିଟ୍‌ର ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ ଟର୍ଣ୍ଣକି ଆଧାରରେ ହେବ।
**ୱାରେଣ୍ଟି ଅବଧି:** ବିତରଣ ତାରିଖରୁ ୩୦ ମାସ ପର୍ଯ୍ୟନ୍ତ। ଟେଣ୍ଡରଦାତାମାନେ ଦୟାକରି ଆମର ୱେବସାଇଟ୍ https://www.ireps.gov.in ପରିଦର୍ଶନ କରନ୍ତୁ। ଟିପ୍ପଣୀ: ବିବାଦ କ୍ଷେତ୍ରରେ, ଇଂରାଜୀ ସଂସ୍କରଣ: ପ୍ରାମାଣିକ ଭାବରେ ବିବେଚନା କରାଯିବ।

ବରିଷ୍ଠ ବିଭାଗୀୟ ସାମଗ୍ରୀ ପରିଚାଳକ/କେ.ସି. କର୍ମଚାରୀ
ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇ, ବିଳାସପୁର

CPR/10/444

# ଭାରତର ଶାସନ ମଡେଲ କେବଳ କଲ୍ୟାଣକାରୀ ସହାୟତା ପର୍ଯ୍ୟନ୍ତ ସୀମିତ ନୁହେଁ : ମୋଦି

**ନୂଆଦିଲ୍ଲୀ :**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଭାରତର ଶାସନ ମଡେଲ କେବଳ କଲ୍ୟାଣକାରୀ ସହାୟତା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ନାଗରିକମାନଙ୍କୁ ସଶକ୍ତ କରିବା ଏବଂ ବିକାଶ ପ୍ରକ୍ରିୟାରେ ସେମାନଙ୍କୁ ଅଂଶୀଦାର କରିବା ପାଇଁ ଏକ ମାଧ୍ୟମ ପାଲଟିଛି। ସେ ପରିମଳ, ରନ୍ଧନ ଗ୍ୟାସ ସଂଯୋଗ, ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସହଜ ଋଣ ସୁବିଧା ଭଳି ଯୋଜନାଗୁଡ଼ିକୁ ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ଲାଭ ପହଞ୍ଚାଇବା ଏବଂ ଲୋକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାର ଏକ ମାଧ୍ୟମ ଭାବରେ ବର୍ଣ୍ଣନା କରିଛନ୍ତି।ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ବୁଧବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ କେନ୍ଦ୍ର ଯୋଗାଯୋଗ ଏବଂ ଉତ୍ତର ପୂର୍ବ କ୍ଷେତ୍ର ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଏକ ଆର୍ଟିକିଲ୍ ସେୟାର କରିଛି। ପିଏମଓ କହିଛି ଯେ ଯୋଜନାର ଶେଷ ମାଇଲ ପର୍ଯ୍ୟନ୍ତ ପହଞ୍ଚିବା ଏବଂ ଜନଭାଗୀଦାରୀ ଶାସନରେ ପ୍ରକୃତ ପରିବର୍ତ୍ତନ ଆଣୁଛି। ଏହି ଆଭିମୁଖ୍ୟ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ଲକ୍ଷ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି।ଜ୍ୟୋତିରାଦିତ୍ୟ ସିନ୍ଧିଆ ଏକ ଇଂରାଜୀ ଖବରକାଗଜରେ 'ମଭିଂ ଗଭର୍ଣ୍ଣାନ୍ସ ଫ୍ରମ୍ କଲ୍ୟାଣ୍ଟ୍ୟୋର୍ଡ୍ ଏମପାୱାର୍ଡ୍' ଶୀର୍ଷକ ଏକ ଆର୍ଟିକିଲ୍ ଲେଖିଛନ୍ତି। ଏଥିରେ ସେ କହିଥିଲେ ଯେ ମୋଦି ସରକାରଙ୍କ ଅଧୀନରେ ଶାସନର କେନ୍ଦ୍ରରେ ମର୍ଯ୍ୟାଦା, ସୁଯୋଗ ଏବଂ ଜନଭାଗୀଦାରୀକୁ ରଖାଯାଇଛି। ଏହି ଲେଖାରେ ମହାତ୍ମା ଗାନ୍ଧୀଙ୍କ ଗରିବ ଲୋକଙ୍କ ପାଇଁ ସ୍ୱର ଦେବାର ଦୃଷ୍ଟିକୋଣ ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟର ଦର୍ଶନକୁ ଉଦ୍ଧୃତ କରାଯାଇଥିଲା। ସିନ୍ଧିଆ ଲେଖାରେ ଉଲ୍ଲେଖ କରିଥିଲେ ଯେ ସିଧାସଳଖ ଲାଭ ହସ୍ତାନ୍ତର (ଡିବିଟି) ଏବଂ ଜନଧନ-ମୋବାଇଲ୍ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ପ୍ରାୟ ୫୦ ଲକ୍ଷ କୋଟି ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଛି।

ଭୁବନେଶ୍ୱର, ୧୫ ଅକ୍ଟୋବର, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ନୟାପଲ୍ଲୀ :- ରୋମର ଭାଟିକାନ ସିଟି



ବରମୁଣ୍ଡା : କାମ୍ପିଲ୍ୟ ପ୍ୟାଲେସ



ପଳାଶୁଣୀ :-ରାଜସ୍ଥାନର ହାୱା ମହଲ



ଚାକେଇସିଆଣୀ : ରାଜସ୍ଥାନ ପ୍ୟାଲେସ



ୟୁନିଟ୍-୧ କାଳ୍ପନିକ ତୋରଣ



ଭୁବନେଶ୍ୱର : ମା' ସିଂହବାହିନୀଙ୍କ ଧରାବତରଣ କରିବା ନିମନ୍ତେ ମନ୍ଦିରମାଳିନୀ ସହରରେ ବହୁ ମଣ୍ଡପରେ ନିର୍ମାଣ ହୋଇଥିବା ଆକର୍ଷଣୀୟ ତୋରଣ। (ଫଟୋ : ସମ୍ବାଦ କଳିକା)

# ଖୋର୍ଦ୍ଧାରେ ମହାପ୍ରଭୁଙ୍କ ଖଣି ଲୁଟ୍

**ପୁରୀ, ୧୪/୧୦ ନ୍ୟୁଜ ବ୍ୟୁରୋ**

ଖୋର୍ଧା ଜିଲ୍ଲାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାଁରେ ଥିବା ବିଭିନ୍ନ ପଥର ଖାଦାନରୁ ଲୁଟ୍ ହେଉଛି । ଖୋର୍ଦ୍ଧା ଜିଲ୍ଲାର ମଳିପଡ଼ା, କାଇପଦର, ନିଜିଗଡ଼ତାପଙ୍ଗ, ଡଙ୍ଗରପଦା, ଛତ୍ରମା ଓ ଝିଙ୍କିଝାରୀ ଆଦି ସ୍ଥାନରେ ଥିବା ପାଖାପାଖି ୫୦ ପଥର ଖାଦାନରୁ ପଥର ଓ ମୋରମ ଲୁଟ୍ ହେଉଛି। ଖୋରଧା ଜିଲ୍ଲା ପ୍ରଶାସନ ଓ ଥାନାରେ ଏନେଇ ଲିଖିତ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନି । ପ୍ରଶାସନ ନିରବ ରହିବା ଦ୍ୱାରା ଲୁଟେରା ସାହସ ପାଉଛନ୍ତି । ତେଣୁ ତୁରନ୍ତ ସରକାର ଏଥିରେ ହସ୍ତକ୍ଷେପ କରି ଲୁଟେରାଙ୍କ କବ୍‌ଜାରୁ ମହାପ୍ରଭୁଙ୍କ ସଂପତ୍ତି ରକ୍ଷା କରିବାକୁ ବରିଷ୍ଠ ଜ୍ୟୋତିର୍ବିଦ ହରିଶଙ୍କର ମିଶ୍ର, ସଂଗଠକ ଡକ୍ଟର କାର୍ତ୍ତିକ କୁମାର ଦାସ ପ୍ରମୁଖ ନିବେଦନ କରିଛନ୍ତି ।



ଭୁବନେଶ୍ୱର : ଚର୍ଚ୍ଚିତ ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ପୂଜା ସଂଖ୍ୟାଟି ଆନୁଷ୍ଠାନିକ ଭାବରେ ' ସମ୍ବାଦ କଳିକା' କାର୍ଯ୍ୟାଳୟ ପରିସରରେ 'କଥା କଳିକା'ର ମୁଖ୍ୟ ସମ୍ପାଦିକା ଶ୍ରୀମତୀ ସୁପ୍ରଭା ରାୟ, ସମ୍ପାଦକ ଜୟାଶୀଷ ରାୟ, ପତ୍ରିକାର କାର୍ଯ୍ୟ ନିର୍ବାହୀ ସମ୍ପାଦକ କବି ଦୁର୍ଗା ଚରଣ ଷଡଙ୍ଗୀ, 'ସମ୍ବାଦ କଳିକା'ର ବରିଷ୍ଠ ସହ ସମ୍ପାଦିକା ତଥା ଗାଳ୍ପିକା ଶ୍ରୀମତୀ ଲକ୍ଷ୍ମୀ ଚନ୍ଦଙ୍କ ଉପସ୍ଥିତିରେ ପାଠକାର୍ପଣ ହୋଇଯାଇଅଛି।

# ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି : ଶ୍ରୀମନ୍ଦିରରେ ୨୨ରୁ କାର୍ତ୍ତିକ ନୀତି

**ପୁରୀ, ୧୪/୧୦ ନ୍ୟୁଜ ବ୍ୟୁରୋ**



ପବିତ୍ର କାର୍ତ୍ତିକ ମାସ ପାଇଁ ଶ୍ରୀମନ୍ଦିରରେ ଚାଲିବ ସ୍ୱତନ୍ତ୍ର ନୀତିକାନ୍ତି। ଏନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ଛତିଶା ନିଯୋଗ ବୈଠକ ଶେଷ ହୋଇଛି। ଆସନ୍ତା ଅକ୍ଟୋବର ୨୨ ତାରିଖରୁ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଅନୁଷ୍ଠିତ ହେବ ବୋଲି ଛତିଶା ନିଯୋଗ ବୈଠକ ପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏହି ସୂଚନା ଦେଇଛନ୍ତି। କାର୍ତ୍ତିକ ମାସସାରା ଶ୍ରୀମନ୍ଦିରରେ ଦୈନନ୍ଦିନ ରାତ୍ର ୪ଟାରେ ଦ୍ୱାରଫିଟା ନୀତି ସମ୍ପାଦନ ହେବ। ଏହାପରେ ସକାଳ ୬ଟା ୩୦ରୁ ୭ଟା ୩୦ ମଧ୍ୟରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ରାଧାଦାମୋଦର ବେଶ ଅନୁଷ୍ଠିତ ହେବ। ଏହି ମାସରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର 'ବାଳଧୂପ' ନୀତି ମଧ୍ୟ କରାଯିବ। ଆସନ୍ତା ନଭେମ୍ବର ୧୬ ତାରିଖ (ସୋମବାର) ଶ୍ରୀଜୀଉଙ୍କର ପ୍ରସିଦ୍ଧ ହରିହର ବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ତିଥି କ୍ଷୟ କାରଣରୁ ପଞ୍ଚୁକ ବ୍ରତ ୫ ଦିନ ପରିବର୍ତ୍ତେ ୪ ଦିନ ପାଳିତ ହେବ। ଦ୍ୱାଦଶୀ ତିଥି କ୍ଷୟ ପଡୁଥିବାରୁ ଏଥର ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହୋଇପାରିବ ନାହିଁ ବୋଲି ସୂଚନା ମିଳିଛି। କାର୍ତ୍ତିକ ମାସରେ ଶ୍ରୀମନ୍ଦିରକୁ ଆସୁଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ଓ ହବିଷ୍ୟାଳୀଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ହବିଷ୍ୟାଳୀମାନଙ୍କ ପାଇଁ ସ୍ୱତନ୍ତ୍ର ଲାଇନ୍ ବ୍ୟବସ୍ଥା କରାଯିବା ସହ ଶ୍ରୀମନ୍ଦିର ଆନନ୍ଦବଜାରରେ ମହାପ୍ରସାଦ ସୁଗମ ଭାବେ ପାଇବା ପାଇଁ ସ୍ୱତନ୍ତ୍ର କାଉଣ୍ଟର ଓ ଶୃଙ୍ଖଳିତ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି।

# ସର୍ବକନିଷ୍ଠ ମା'ହେଲା ସିଂହୀ 'ଶ୍ରୀୟା'

**ବାରଙ୍ଗ,୧୪/୧୦ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସର୍ବ କନିଷ୍ଠ ମା' ହେବାର ସୌଭାଗ୍ୟ ଅର୍ଜନ କରିଛି ସିଂହୀ 'ଶ୍ରୀୟା' । 'ଶ୍ରୀୟା'କୁ ଏବେ ଦୁଇ ବର୍ଷ ଦେଢ଼ ମାସ ବୟସ । ୨୦୨୪ ଅଗଷ୍ଟ ୮ ତାରିଖରେ ସିଂହୀ ବିଜଳି ଓ ସିଂହ ସମ୍ରାଟ ଔରସରୁ ୩ଟି ଶାବକ ଧ୍ରୁବ, ହର୍ଷ ଓ ଶ୍ରୀୟା ଜନ୍ମ ହୋଇଥିଲେ । ବିଜଳୀ ଶାବକମାନଙ୍କୁ ଗ୍ରହଣ ନକରିବାରୁ କର୍ତ୍ତୃପକ୍ଷ ଶିଶୁ ଲାଳନପାଳନ କେନ୍ଦ୍ରରେ ରଖି ବଡ଼ କରିଥିଲେ । ପ୍ରାୟ ଏକ ବର୍ଷର ହେବା ପରେ ସେମାନଙ୍କୁ ପ୍ରାଣୀ ଚିକିତ୍ସାଳୟ ପଛ ପାର୍ଶ୍ୱ ଖୁଆଡ଼ରେ ରଖାଯାଇଥିଲା । ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରୁ 'ଧ୍ରୁବ'କୁ ଅଲଗା କରାଯାଇ ଗୋଟିଏ ଖୁଆଡ଼ରେ 'ହର୍ଷ' ଓ 'ଶ୍ରୀୟା'କୁ ରଖାଯାଇଥିଲା । ତେବେ କର୍ତ୍ତୃପକ୍ଷଙ୍କ ଅଜାଣତରେ ସେମାନଙ୍କ ମିଳନ ହୋଇଥିବା ଜଣେ କର୍ମଚାରୀ କହିଛନ୍ତି । ବୁଧବାର ସାନ୍ଧ୍ୟରେ ହଠାତ୍ 'ଶ୍ରୀୟା' ଗୋଟିଏ ଶାବକ ଜନ୍ମ ଦେଇଥିଲା। ଏ ସମ୍ପର୍କରେ କେହି ଜାଣିପାରି ନଥିଲେ । ପରେ କର୍ମଚାରୀମାନେ ଦେଖି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ବିଭାଗୀୟ ଅଧିକାରୀ ଓ ପ୍ରାଣୀ ଚିକିତ୍ସକ ସେଠାରେ ପହଞ୍ଚିଥିଲେ। ତେବେ କମ୍ ବୟସରେ ପ୍ରଥମ କରି ମା' ହୋଇଥିବାରୁ 'ଶ୍ରୀୟା' ଶାବକକୁ ଗ୍ରହଣ କରିନଥିଲା । ତେଣୁ ଶାବକଟିକୁ ମା'ଠାରୁ ଅଲଗା କରି ଶିଶୁ ଲାଳନପାଳନ କେନ୍ଦ୍ରକୁ ନିଆଯାଇଛି । ସିଂହ ଶାବକ ଜନ୍ମ ହେବା ସମ୍ପର୍କରେ ଅଧିକ ଜାଣିବା ପାଇଁ ନନ୍ଦନକାନନ ଉପନିର୍ଦ୍ଦେଶକଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ । ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଘଡ଼ିଆଳ କୁମ୍ଭୀର ଖୁଆଡ଼ରେ ଦୁଇଟି ଘଡ଼ିଆଳ କୁମ୍ଭୀର ଛୁଆଙ୍କ ମୃତ୍ୟୁ ଘଟିଛି। ତେବେ କୁମ୍ଭୀର ମୃତ୍ୟୁର କାରଣ ଜଣାପଡ଼ିନାହିଁ । ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ଏସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି । ଦୁଇ କୁମ୍ଭୀର ଛୁଆଙ୍କ ମୃତ୍ୟୁ ପରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଘଡ଼ିଆଳ ସଂଖ୍ୟା ୧୬୧କୁ ହ୍ରାସ ପାଇଛି । ୨୦୨୬ ମେ ୨୪ରୁ ଜୁନ୍ ୧ ତାରିଖ ମଧ୍ୟରେ ୭୧ଟି ଘଡ଼ିଆଳ ଛୁଆ ଜନ୍ମ ହୋଇଥିଲେ । ବଡ଼କଥା ହେଲା ଗତ ୨୦ ଦିନ ମଧ୍ୟରେ ୫ଟି କୁମ୍ଭୀରଙ୍କ ମୃତ୍ୟୁ ହୋଇସାରିଲାଣି । ସେଥିମଧ୍ୟରେ ୩ଟି କୁମ୍ଭୀର ଛୁଆ ୪ ମାସର, ଗୋଟିଏ ବୟସ୍କ ଓ ଗୋଟିଏ ବଉଳା କୁମ୍ଭୀର ରହିଛି ।

# ଇମ୍ଫା'ର କଳିଙ୍ଗନଗର ଗ୍ରୀନଫିଲ୍ଡ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ




**ଭୁବନେଶ୍ୱର, ୧୪/୧୦ ନ୍ୟୁଜ ବ୍ୟୁରୋ**

ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା; ପ୍ରତିଷ୍ଠା ୧୯୬୧) ପକ୍ଷରୁ ବୁଧବାର କଳିଙ୍ଗନଗର ସ୍ଥିତ ଏହାର ଗ୍ରୀନଫିଲ୍ଡ ଫେରୋ କ୍ରୋମ୍ ପ୍ରକଳ୍ପ (କେଏନଆର ୧)ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ବାର୍ଷିକ ୫ ଲକ୍ଷ ଟନ୍‌ରୁ ଅଧିକ (ଟିପିଏ) ଉତ୍ପାଦନ କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପ ସହିତ କମ୍ପାନୀ ଏବେ ଦେଶର ସର୍ବବୃହତ୍ ମୂଲ୍ୟବର୍ଦ୍ଧିତ ଫେରୋକ୍ରୋମ୍ ଉତ୍ପାଦନକାରୀ ହେବାର ଗୌରବ ହାସଲ କରିଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୨ ମଇ ୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭିତ୍ତିପ୍ରସ୍ତର ସ୍ଥାପନ ସହିତ ଆରମ୍ଭ ହୋଇଥିଲା ଏବଂ ମାତ୍ର ୪୫୮ ଦିନ ମଧ୍ୟରେ ୨୫ ଅଗଷ୍ଟ ୨୦୨୬ରେ ପ୍ରଥମ ଫର୍ଣ୍ଣେସରୁ ଉତ୍ପାଦନ ଆରମ୍ଭ ହୋଇଥିଲା। ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଏହି ପ୍ରକଳ୍ପ ପ୍ରାୟ ୪,୫୦,୦୦୦ ମାନବ ଦିବସର ନିଯୁକ୍ତି ସୃଷ୍ଟି କରିଥିଲା ଏବଂ ଆଗାମୀ ଦିନରେ ଏହା ୧୫୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ଉଦ୍‌ଘାଟନ ଅବସରରେ ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, "ଏହି ଗ୍ରୀନଫିଲ୍ଡ ପ୍ରକଳ୍ପର ଉଦ୍‌ଘାଟନ ଆମ ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, ଯାହା ଇମ୍ଫାକୁ ଦେଶର ସର୍ବବୃହତ୍ ମୂଲ୍ୟବର୍ଦ୍ଧିତ ଫେରୋ କ୍ରୋମ୍ ଉତ୍ପାଦନକାରୀ ତଥା ବିଶ୍ୱସ୍ତରରେ ଏକ ଅଗ୍ରଣୀ ସଂସ୍ଥାର ମାନ୍ୟତା ପ୍ରଦାନ କରିଛି।

# ରାଜ୍ୟସଭା କ୍ରସ ଭୋଟିଂ ପ୍ରସଙ୍ଗ : ଜବାବ ରଖିବାକୁ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

**କଟକ, ୧୪/୧୦ ନ୍ୟୁଜ ବ୍ୟୁରୋ**

ହାଇକୋର୍ଟରେ ରାଜ୍ୟସଭା ନିର୍ବାଚନ କ୍ରସଭୋଟିଂ ପ୍ରସଙ୍ଗ । ପୁଣି ବିଧାନସଭା ବାଚସ୍ପତିଙ୍କ ନିକଟକୁ ଏହି ମାମଲା ଶୁଣାଣି ଓ ନିଷ୍ପତ୍ତି ପାଇଁ ପଠାଯିବା ପ୍ରସଂଗରେ ଜବାବ ରଖିବାକୁ ପ୍ରତିପକ୍ଷଙ୍କୁ କହିଛନ୍ତି ହାଇକୋର୍ଟ। ପ୍ରାରମ୍ଭିକ ଶୁଣାଣି ସମୟରେ ୫ ଜଣ ବିଧାୟକଙ୍କ ଆବଦେନ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଥିଲା । ଉଭୟ ରାଜ୍ୟ ସରକାର ଓ ଆବଦେନକାରୀଙ୍କ ପକ୍ଷରୁ ଏହି ମାମଲା ସମ୍ପର୍କରେ ଦୀର୍ଘ ସମୟ ଧରି ଯୁକ୍ତି ଉପସ୍ଥାପନା ହୋଇଥିଲା। ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ଦଳର ହ୍ୱିପ ମାନି ନଥିବା ଓ ଦଳ ବିରୋଧୀ କାର୍ଯ୍ୟରେ ସଂପୃକ୍ତ ଥିବା ଅଭିଯୋଗ ଆଣି ୮ଜଣ ବିଧାୟକଙ୍କ ବିରୋଧରେ ବାଚସ୍ପତିଙ୍କ ନିକଟରେ ବିଜେଡି ଦାଖଲ କରିଥିବା ପିଟିସନକୁ ବିନା ଶୁଣାଣିରେ ଖାରଜ କରାଯାଇଥିଲା।ବିଷୟବସ୍ତୁ, ତଥ୍ୟ ପ୍ରମାଣ କିମ୍ବା ଯୁକ୍ତିକୁ ବିଚାର ନକରି ବୈଷୟିକ କାରଣରୁ ଏପରି ପିଟିସନ ଖାରଜ କରାଯାଇଥିଲା। ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ପିଟିସନ ଖାରଜ କରାଯାଇଥିଲା। ପିଟିସନରେ ଥିବା ତ୍ରୁଟି ସଂଶୋଧନ ଯୋଗ୍ୟ। କିନ୍ତୁ ସଂଶୋଧନ ପାଇଁ ସୁଯୋଗ ନ ଦେଇ ପିଟିସନ ଖାରଜ କରାଯାଇଥିଲା। ଏହି ପ୍ରସଂଗକୁ ପୁଣି ବାଚସ୍ପତିଙ୍କ ନିକଟକୁ ବିଚାର ପାଇଁ ପଠାଯିବା ସଂକ୍ରାନ୍ତରେ ପରବର୍ତ୍ତୀ ତାରିଖରେ ଶୁଣାଣି ହେବ। ଅକ୍ଟୋବର୍ ୨୯ ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି କୋର୍ଟ। ବିଜେଡିରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ଼ଙ୍କ ସମେତ ନବକିଶୋର ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଚକ୍ରମଣି କହଁରଙ୍କ ସଭ୍ୟପଦ ରଦ୍ଦ ପ୍ରସଂଗ ନେଇ ଦାୟର ପୃଥକ ଆବେଦନ ଗୁଡ଼ିକୁ ଖାରଜ କରି ବିଧାନସଭା ବାଚସ୍ପତି ପ୍ରଦାନ କରିଥିବା ନିର୍ଦ୍ଦେଶ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ବିଜେଡି। ଚଳିତ ବର୍ଷ ଫେବୃଆରୀ ୧୬ରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିଲେ ବିଜେଡିର ୮ ଓ କଂଗ୍ରେସର ୩ ଜଣ ବିଧାୟକ। ୮ ଜଣ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ କରିବା ପାଇଁ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଆବେଦନ କରିଥିଲେ । ସେହିପରି କଂଗ୍ରେସ ପକ୍ଷରୁ ୩ ଜଣ ବିଧାୟକ ସଭ୍ୟ ପଦ ରଦ୍ଦ ପାଇଁ ଏହି ଆବେଦନ ଦାଖଲ ହୋଇଥିଲା । ଆବେଦନକୁ ଖାରଜ କରିଛନ୍ତି ବିଧାନସଭା ବାଚସ୍ପତି ସୁରମା ପାଢ଼ୀ।


ବର୍ଷ-୧୭ ସଂଖ୍ୟା-୩୬ RNI Regd.No:ODIODI/2010/34704 ମୂଲ୍ୟ ଟ୧.୫୦ ପୃଷ୍ଠା ସଂଖ୍ୟା-୮ ଭୁବନେଶ୍ୱର ୧୧-୧୭ ଅକ୍ଟୋବର ୨୦୨୬
ସମ୍ବାଦ କଳିକା ସହିତ ମୂଲ୍ୟ ୪.୦୦
With Sambad Kalika ₹ 4.00
ରବିବାସରୀୟ କଳିକା
ଶ୍ରୀହୀନ ପାଲଟିବ ନୟାଗଡ଼ !

# ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




ଭୁବନେଶ୍ୱର : ଜୟଦେବ ଭବନ ଠାରେ ବିଶିଷ୍ଟ ନୃତ୍ୟଗୁରୁ ସ୍ୱର୍ଗୀୟ ଦେବ ପ୍ରସାଦ ଦାସଙ୍କ ସମ୍ମାନାର୍ଥେ ସୁନାମଧନ୍ୟ ନୃତ୍ୟ ଅନୁଷ୍ଠାନ 'ମୋକ୍ଷ' ପକ୍ଷରୁ ଆୟୋଜିତ ଦ୍ୱିତୀୟ "ଅନନ୍ୟା" କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ ବରିଷ୍ଠ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଡ. ନୀତା ବହିଦାର, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ପୁରସ୍କାର ପ୍ରାପ୍ତ ଗୁରୁ ନିରଞ୍ଜନ ରାଉତ, ଗୁରୁ ସଚ୍ଚିଦାନନ୍ଦ ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିଜେତା ଗୁରୁ ମୀନାକ୍ଷୀ ବେହେରା, ଗୁରୁ ବ୍ରଜକିଶୋର ମଲ୍ଲିକ ଏବଂ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା 'ମୋକ୍ଷ'ର ଅଧ୍ୟକ୍ଷା ଡ. ସୁଜାତା ମିଶ୍ର ପ୍ରମୁଖ ।




ଏହିକାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରୁଛନ୍ତି ଡ. ସୁଜାତା ମିଶ୍ର ଓ ଗୁରୁ ଆଶିଷ କୁମାର ଦାସ। (ଫଟୋ : ସମ୍ବାଦ କଳିକା)

# ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରେ ଭଙ୍ଗାରୁଜା ଘଟଣାକୁ ନବୀନଙ୍କ ନିନ୍ଦା

**ଭୁବନେଶ୍ୱର,୧୪/୧୦ ନ୍ୟୁଜ ବ୍ୟୁରୋ**

ସତ୍ୟବାଦୀ ବ୍ଲକ ସରକାରୀ କାର୍ଯ୍ୟାଳୟରେ ବିଜେପି କର୍ମୀଙ୍କ ଭଙ୍ଗାରୁଜା ଘଟଣାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୃଢ ନିନ୍ଦା କରିଛନ୍ତି। ସରକାର ଅରାଜକତାକୁ ପ୍ରଶ୍ରୟ ଦେଉଥିବା ନବୀନ ଅଭିଯୋଗ କରିଛନ୍ତି। ଶାନ୍ତିପ୍ରିୟ ଓଡ଼ିଶାରେ ଅରାଜକତା ଓ ହିଂସାର କୌଣସି ସ୍ଥାନ ନାହିଁ। ଓଡ଼ିଶାବାସୀ ନିଶ୍ଚୟ ଏହାର ଉଚିତ୍ ଜବାବ ଦେବେ ବୋଲି ନବୀନ କହିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ନବୀନ ଲେଖିଛନ୍ତି ଅରାଜକତା ସୀମା ଟପୁଛି, ସତ୍ୟବାଦୀ ବ୍ଲକ ସରକାରୀ କାର୍ଯ୍ୟାଳୟ ଭିତରେ ପଶି ବିଜେପିର କର୍ମୀମାନେ ଘଟାଇଥିବା ହିଂସାକାଣ୍ଡ ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଏହାକୁ ଦୃଢ଼ତାର ସହ ନିନ୍ଦା କରୁଛି। ଏପରି ଅରାଜକତାକୁ ସରକାର କାହିଁକି ବାରମ୍ବାର ପ୍ରଶ୍ରୟ ଦେଉଛନ୍ତି ? ସରକାରରେ ଅଛନ୍ତି ବୋଲି କ'ଣ ବିଜେପିର କର୍ମୀମାନେ ସରକାରୀ କାର୍ଯ୍ୟାଳୟ ଭିତରେ ପଶି ହିଂସା ଘଟାଇବେ ? ଲୋକଙ୍କ ସମ୍ପତି ଭଙ୍ଗାରୁଜା କରିବେ ? ଅରାଜକତା ପାଇଁ ଓଡ଼ିଶା ଏବେ ବିଶ୍ୱ ଦରବାରରେ ନିନ୍ଦିତ ହେଉଛି। ସରକାର ନିଦାବିଷ୍ଟ ସାଜି କାହିଁକି ଏହାକୁ ପ୍ରୋତ୍ସାହିତ କରୁଛନ୍ତି ? ବିଜେପି ସରକାରକୁ ଆସିବା ପରେ ଭୁବନେଶ୍ୱରର ବିଏମସି କାର୍ଯ୍ୟାଳୟଠୁ ନେଇ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ, ଆଠଗଡ଼ ଓ ଜଟଣୀରେ ସରକାରୀ କାର୍ଯ୍ୟାଳୟ ଭିତରେ ପଶି ବିଜେପି କର୍ମୀମାନେ ଘଟାଇଥିବା କାଣ୍ଡକୁ ଓଡ଼ିଶାବାସୀ ଭୁଲି ନାହାନ୍ତି। ହେଲେ ସରକାର କ'ଣ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଲେ ? ଶାନ୍ତିପ୍ରିୟ ଓଡ଼ିଶାରେ ଅରାଜକତା ଓ ହିଂସାର କୌଣସି ସ୍ଥାନ ନାହିଁ। ଓଡ଼ିଶାବାସୀ ନିଶ୍ଚୟ ଏହାର ଉଚିତ୍ ଜବାବ ଦେବେ।

# କ୍ୟାନ୍‌ସର ଔଷଧରେ ୩୦%ରୁ ଅଧିକ ଲାଭ ଉପରେ ରୋକ, ଅନ୍ୟ ଔଷଧ ଉପରେ କାହିଁକି ନୁହେଁ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୪/୧୦**

କ୍ୟାନ୍ସର ଔଷଧ ଉପରେ ଲାଭକୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ସୀମିତ କରିବାକୁ ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି । ସରକାରଙ୍କ ଏହି ପଦକ୍ଷେପ ଉପରେ ଖୁସି ହେବା ଭଳି କିଛି ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଅଦାଲତ ପଚାରିଛନ୍ତି, ଯଦି କ୍ୟାନ୍ସର ଔଷଧ ଉପରେ ମାର୍ଜିନ୍ ସ୍ଥିର ହୋଇପାରୁଛି ତେବେ ଅନ୍ୟ ଔଷଧର ମୂଲ୍ୟକୁ କାହିଁକି ନିୟନ୍ତ୍ରଣ କରାଯାଉନି ? କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହତା କହିଥିଲେ, କ୍ୟାନ୍ସର ଔଷଧ ଉପରେ ଲାଭର ସୀମା ସ୍ଥିର କରିବା ଦ୍ୱାରା ରୋଗୀଙ୍କ ବାର୍ଷିକ ପ୍ରାୟ ୨,୫୦୦ କୋଟି ଟଙ୍କା ବଞ୍ଚିବାର ସମ୍ଭାବନା ରହିଛି । ଏହି ମୂଲ୍ୟ ନିର୍ଦ୍ଧାରଣ ଦ୍ୱାରା କ୍ୟାନ୍ସର ଔଷଧର ଏମ୍‌ଆରପି ୨୦%ରୁ ୭୦% ପର୍ଯ୍ୟନ୍ତ ହ୍ରାସ ପାଇପାରେ । ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ (ଏନପିପିଏ) ଗତ ୮ ତାରିଖରେ ଅନୁଷ୍ଠିତ ଏକ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ସରକାର ଏହି ନିୟମାବଳୀ ଅନ୍ତର୍ଭୁକ୍ତ ହେବାକୁ ଥିବା କ୍ୟାନ୍ସର ଔଷଧଗୁଡ଼ିକୁ ଚିହ୍ନଟ କରିବେ ଏବଂ ବଜାର ସ୍ଥିତି ତଥା ଜନସାଧାରଣଙ୍କ ଆବଶ୍ୟକତା ଆଧାରରେ ପରବର୍ତ୍ତୀ ସମୟରେ ନୂଆ ଔଷଧ ଯୋଡ଼ାଯିବ । ସୁପ୍ରିମକୋର୍ଟ କହିଥିଲେ, ଔଷଧର ମୂଲ୍ୟ ଉପରେ ଏହି ସୀମା କ୍ୟାନ୍ସର ଚିକିତ୍ସା ଖର୍ଚ୍ଚ ହ୍ରାସ କରିପାରେ । କିନ୍ତୁ ଅନ୍ୟ ଔଷଧ ଏବଂ ଚିକିତ୍ସା ଉପକରଣ ଉପରେ ମଧ୍ୟ ଏଭଳି କଟକଣା କାହିଁକି ଲାଗୁ କରାଯାଉନାହିଁ। ଟ୍ରେଡ୍ ମାର୍ଜିନକୁ ୧୬% ଭିତରେ ସୀମିତ ରଖିଲେ ଚିକିତ୍ସା ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇପାରିବ । ଅଦାଲତ ଏକ ସାଲାଇନ୍ ଡ୍ରିପ୍ ଲାଇନର ମୂଲ୍ୟ ଉପରେ ମଧ୍ୟ ଆଲୋକପାତ କରିଥିଲେ । ମାତ୍ର ୧୧ ଟଙ୍କା ଏମ୍‌ଆରପି ଥିବା ସ୍ଥଳେ ଏହାକୁ ୨୭୦ ଟଙ୍କାରେ ବିକ୍ରି କରାଯାଉଛି । ଏହାର ମୂଲ୍ୟରେ ଏତେ ବଡ଼ ପାର୍ଥକ୍ୟ କିପରି ସମ୍ଭବ ହେଲା ବୋଲି ପ୍ରଶ୍ନ ଉଠାଇଛନ୍ତି । କେନ୍ଦ୍ର ପକ୍ଷରୁ କୁହାଯାଇଥିଲା ଯେ, ପ୍ରତ୍ୟେକ ଔଷଧ ଉପରେ ସମାନ ଟ୍ରେଡ୍ ମାର୍ଜିନ ସୀମା ଲାଗୁ କରିବା ବ୍ୟାବହାରିକ ହୋଇ ନ ପାରେ । ଭିନ୍ନ ଔଷଧର ଉତ୍ପାଦନ, ସଂରକ୍ଷଣ, ବିତରଣ ଖର୍ଚ୍ଚ ଭିନ୍ନ ହୋଇଥାଏ । କେନ୍ଦ୍ରର ସତ୍ୟପାଠ ଅନୁସାରେ, ବିକ୍ରି, ପରିମାଣ, ପରିବହନ, ଭୌଗୋଳିକ ସ୍ଥିତି, ସଂରକ୍ଷଣ ଆବଶ୍ୟକତା ଭଳି କାରଣ ଉପରେ ଏହି ଖର୍ଚ୍ଚ ନିର୍ଭର କରେ। ସମାନ ନିୟମ ଲାଗୁ କଲେ କମ୍ ମୂଲ୍ୟର ଔଷଧ ଯୋଗାଣ ପ୍ରଭାବିତ ହୋଇପାରେ । ଔଷଧ (ମୂଲ୍ୟ ନିୟନ୍ତ୍ରଣ) ନିର୍ଦ୍ଦେଶାନାମା, ୨୦୧୩ (ଡିପିସିଓ) ଅନୁଯାୟୀ, ଅତିକମ୍ରେ ୧% ବଜାର ଅଂଶୀଦାର ଥିବା ବ୍ରାଣ୍ଡେଡ୍ ଏବଂ ଜେନେରିକ୍ ଔଷଧଗୁଡ଼ିକର ହାରାହାରି ମୂଲ୍ୟକୁ ବିଚାର କରି ସରକାର ତାଲିକାଭୁକ୍ତ ଔଷଧଗୁଡ଼ିକର ସର୍ବୋଚ୍ଚ ସୀମା ମୂଲ୍ୟ (ସିଲିଂ ପ୍ରାଇସ୍) ସ୍ଥିର କରନ୍ତି । ତେବେ ଅଦାଲତ ଔଷଧର ମୂଲ୍ୟ ସ୍ଥିର କରିବାର ଉପାୟ ଉପରେ ତଥ୍ୟ ଦେବା ଲାଗି କେନ୍ଦ୍ର ସରକାରଙ୍କୁ ଅକ୍ଟୋବର ୨୭ ପର୍ଯ୍ୟନ୍ତ ସମୟ ଦେଇଛନ୍ତି ।